# ଧରିତ୍ରୀ DHARITRI

ରାୟଗଡ଼ା, ଶୁକ୍ରବାର, ସେପ୍ଟେମ୍ବର ୪/୨୦୨୦ (୧୨ ପୃଷ୍ଠା) | Rayagada, Friday, September 4/2020 ★

୧୦ମ ଭାଗ ୧୧୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




## ୟୁଏସ୍ ଓପନ୍‌ରେ ବିପର୍ଯ୍ୟୟ ସୃଷ୍ଟି କଲେ ଗାର୍ସିଆ

ଟପ୍ ସିଡ୍ ତଥା ଚେକ୍ ରିପବ୍ଲିକ୍‌ର କାରୋଲିନା ପ୍ଲିସ୍‌କୋଭାଙ୍କୁ ପରାସ୍ତ କରି ଫ୍ରାନ୍ସର କାରୋଲିନ୍ ଗାର୍ସିଆ ୟୁ.ଏସ୍ ଓପନ ଟେନିସରେ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି।

୧୨

୧୦

## ପୁଣି ଥରେ ଭଲ ପାଇବା ମିଳିଛି

ନିଜ ପ୍ରେମକୁ ନେଇ ଚର୍ଚ୍ଚାରେ ରହୁଥିବା ଅଭିନେତ୍ରୀ ନର୍ଗିସ୍ ଫକ୍ରୀଙ୍କୁ ପୁନର୍ବାର ଭଲପାଇବା ମିଳିଛି। ଏବେ ସେ ଆମେରିକା ସେଫ୍ ଜଷ୍ଟିନ୍ ସଣ୍ଟୋସ୍‌ଙ୍କୁ ଡେଟ୍ କରୁଛନ୍ତି।






# ଜୀବନ ବଞ୍ଚାଇବ ଷ୍ଟେରଏଡ୍



- କରୋନା ରୋଗୀଙ୍କ ଜୀବନ ରକ୍ଷାକାରୀ ହୋଇପାରିବ
- ଗୁରୁତର ଅସୁସ୍ଥଙ୍କ ଚିକିତ୍ସାରେ ଏହାର ପ୍ରୟୋଗ ଲାଗି ଡବ୍ଲ୍ୟୁଏଚ୍‌ଓରେ ସୁପାରିସ

**ନୂଆଦିଲ୍ଲୀ,୩।୯**

ସାରା ବିଶ୍ୱରେ କରୋନା ମହାମାରୀ ବଢ଼ିଚାଲିଥିଲାବେଳେ ଷ୍ଟେରଏଡ୍ ଚିକିତ୍ସା ଆଶାର ସଞ୍ଚାର କରିଛି। ଗୁରୁତର ଅସୁସ୍ଥ କରୋନା ରୋଗୀଙ୍କ ଜୀବନ ବଞ୍ଚାଇବାରେ ଷ୍ଟେରଏଡ୍ ସହାୟକ ହୋଇପାରିବ। ଅନ୍ତର୍ଜାତୀୟ କ୍ଲିନିକାଲ ପରୀକ୍ଷାରୁ ଏହା ସ୍ପଷ୍ଟ ହୋଇଛି। ଷ୍ଟେରଏଡ ଶସ୍ତା ହୋଇଥିବାବେଳେ ଏହା ବହୁଳ ଭାବେ ଉପଲବ୍ଧ। ନୂତନ ପ୍ରମାଣକୁ ଆଧାରକରି ଗୁରୁତର କରୋନା ରୋଗୀଙ୍କର ଷ୍ଟେରଏଡ ଚିକିତ୍ସା କରିବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ସୁପାରିସ କରାଯାଇଛି। ତେବେ ଯେଉଁମାନଙ୍କର ସାମାନ୍ୟ ଲକ୍ଷଣ ରହିଛି, ସେମାନେ ଏଭଳି ଚିକିତ୍ସା ନ କରିବା ଲାଗି ପରାମର୍ଶ ଦିଆଯାଇଛି।

ଷ୍ଟେରଏଡ୍ ଚିକିତ୍ସା ଉପରେ ୫ଟି ସନ୍ଦର୍ଭ ପ୍ରକାଶ କରିଥିବା ଜେଏଏମ୍ଏ (ଜର୍ନାଲ ଅଫ୍ ଆମେରିକାନ୍ ମେଡିକାଲ ଆସୋସିଏଶନ)ର ମୁଖ୍ୟ ସମ୍ପାଦକ ଡ. ହୋୱାର୍ଡ ସି. ବାଉଚ୍‌ନର କହିଛନ୍ତି, ଏବେ ଷ୍ଟେରଏଡ୍ ଏକ ମାନକ ଚିକିତ୍ସା। ୭ଟି କ୍ଲିନିକାଲ ପରୀକ୍ଷାର ତଥ୍ୟକୁ ଏକତ୍ର କରି ବୈଜ୍ଞାନିକମାନେ ଉପରୋକ୍ତ ସିଦ୍ଧାନ୍ତରେ ପହଞ୍ଚିଛନ୍ତି। ୧୭୦୦ରୁ ଅଧିକ ରୋଗୀଙ୍କଠାରେ ୩ଟି ଷ୍ଟେରଏଡ୍‌ର ପରୀକ୍ଷା କରାଯାଇଥିଲା। ପ୍ରତ୍ୟେକଟି ଔଷଧ କରୋନା ରୋଗୀଙ୍କ ମୃତ୍ୟୁ ଆଶଙ୍କାକୁ କମ୍ କରୁଥିବା ଅଧ୍ୟୟନରୁ ଜଣାପଡିଛି। କୋଭିଡ୍-୧୯ ଚିକିତ୍ସାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଗବେଷକମାନେ ଉଲ୍ଲେଖ କରିଛନ୍ତି। କୋର୍ଟିକୋଷ୍ଟରଏଡ୍‌କୁ ଏବେ ଗୁରୁତର କରୋନା ରୋଗୀଙ୍କ ପ୍ରାରମ୍ଭିକ ଚିକିତ୍ସା ଭାବେ ବ୍ୟବହାର କରାଯିବ ଉଚିତ ବୋଲି ସେମାନେ ମତ ଦେଇଛନ୍ତି। ଅନ୍ୟ ଔଷଧ ମଧ୍ୟରେ ରେମଡେସିଭିର୍ ଗୁରୁତର ରୋଗୀଙ୍କ ଚିକିତ୍ସା କ୍ଷେତ୍ରରେ ସଫଳ ହୋଇପାରିଛି। ସେହିପରି ଡେକ୍ସାମିଥାସୋନ୍, ହାଇଡ୍ରୋକୋର୍ଟିସୋନ୍ ଏବଂ ମିଥାଇଲପ୍ରେଡ୍‌ନିସୋଲୋନ୍‌କୁ ମଧ୍ୟ ଡାକ୍ତରମାନେ ରୋଗ ପ୍ରତିରୋଧ କ୍ଷମତା ବଢ଼ାଇବା, ଯନ୍ତ୍ରଣା କମାଇବା, ଫୁଲା କମାଇବା ଆଦି ପାଇଁ ବ୍ୟବହାର କରିଥାନ୍ତି। ଗୁରୁତର ଅସୁସ୍ଥଙ୍କ ଜୀବନ ବଞ୍ଚାଇବା ହାରକୁ ଡେକ୍ସାମିଥାସୋନ୍ ବଢ଼ାଇଥାଏ ବୋଲି ଗତ ଜୁନ୍‌ରେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ଗବେଷକମାନେ ଜାଣିବାକୁ ପାଇଥିଲେ। ଅନ୍ୟାନ୍ୟ ଷ୍ଟେରଏଡ୍ ମଧ୍ୟ ଚିକିତ୍ସାରେ ସହାୟକ ହୋଇପାରିବ ବୋଲି ସେତେବେଳେ ଗବେଷକମାନେ ଆଶାବ୍ୟକ୍ତ କରିଥିଲେ।

# ଯୋଗ୍ୟ ଆକାଉଣ୍ଟକୁ ଋଣ ପୁନର୍ଗଠନ ସୁବିଧା

- ନିର୍ଦ୍ଦେଶ ଦେଲେ ଅର୍ଥମନ୍ତ୍ରୀ ସୀତାରାମନ
- ୧୫ ସୂତ୍ରୀ କାର୍ଯ୍ୟପନ୍ଥା ଜାରି କରିବେ ବ୍ୟାଙ୍କ

**ନୂଆଦିଲ୍ଲୀ,୩।୯**

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଗୁରୁବାର ବ୍ୟାଙ୍କ ସିଇଓଙ୍କ ସହ ଆଲୋଚନା କରିଛନ୍ତି। କୋଭିଡ୍-୧୯ ପ୍ରଭାବିତ ଦେଶର ଅର୍ଥ ବ୍ୟବସ୍ଥା ଲାଗି ଘୋଷଣା ହୋଇଥିବା ଋଣ ଯୋଜନା ଏବଂ ମୋରାଟୋରିୟମ ପରବର୍ତ୍ତୀ ସମୟରେ ଋଣ ପୁନର୍ଗଠନ ବ୍ୟବସ୍ଥା ସମ୍ପର୍କରେ ବୈଠକରେ ସମୀକ୍ଷା କରାଯାଇଛି। ଯୋଗ୍ୟ ବିବେଚିତ ଆକାଉଣ୍ଟଗୁଡିକୁ ଋଣ ପୁନର୍ଗଠନ ସୁବିଧା ଦେବାକୁ ଅର୍ଥମନ୍ତ୍ରୀ ସୀତାରାମନ ଗୁରୁବାର ଘୋଷଣା କରିଛନ୍ତି। ୧୫ ସୂତ୍ରୀ ଯୋଜନାର କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ବ୍ୟାଙ୍କଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ସରକାର ଘୋଷଣା କରିଥିବା ମୋରାଟୋରିୟମ ସୁବିଧା ଅଗଷ୍ଟ ୩୧ରେ ଶେଷ ହୋଇଛି। ଏହା ପରେ ଋଣ କିସ୍ତିରେ ଲୋକଙ୍କୁ ସାର୍ବଜନୀନ ଭାବେ ମୋରାଟୋରିୟମ ମିଳିବ ନାହିଁ। ଅର୍ଥାତ୍ ଯେଉଁ ବ୍ୟକ୍ତିବିଶେଷ ଏଥିଲାଗି ଯୋଗ୍ୟ ସେହି ମାନେ ହିଁ ଏହାର ଲାଭ ଉଠାଇପାରିବେ। ସରକାର ଏହି ସୁବିଧା କିଛିଦିନ ☞ପୃଷ୍ଠା-୪

## ୬ ମାସ ପରେ ୧୭ ପଇସା କମିଲା ଡିଜେଲ

**ଭୁବନେଶ୍ୱର,୩।୯:** ପ୍ରାୟ ୬ ମାସ ପରେ ପ୍ରଥମ ଥର ଲାଗି ଡିଜେଲ ଦର କମିଥିବା ନଜରକୁ ଆସିଛି। ଗୁରୁବାର ଭୁବନେଶ୍ୱରରେ ଡିଜେଲ ଲିଟର ପିଛା ୧୭ ପଇସା ହ୍ରାସ ପାଇ ୭୯.୮୬ ଟଙ୍କାକୁ ଖସିଛି। ଏଠାରେ ପେଟ୍ରୋଲ ଅପରିବର୍ତ୍ତିତ ୮୨.୬୪ ଟଙ୍କା ରହିଛି। ଦେଶର ମେଟ୍ରୋ ସହରଗୁଡିକରେ ଗୁରୁବାର ଡିଜେଲ ଦର ୧୫ରୁ ୧୭ ପଇସା ହ୍ରାସ ହୋଇଥିବା ଇଣ୍ଡିଆନ ଅଏଲ ପକ୍ଷରୁ ସୂଚନା ଦିଆଯାଇଛି। ନୂଆଦିଲ୍ଲୀରେ ଡିଜେଲ ଲିଟର ପିଛା ୧୬ ପଇସା କମି ୭୩.୪୦ ଟଙ୍କା ରହିଛି। ଏଠାରେ ପେଟ୍ରୋଲ ୮୨.୦୮ ଟଙ୍କା ରହିଛି। ସେହିଭଳି ଚେନ୍ନାଇରେ ଡିଜେଲ ୧୫ ପଇସା ହ୍ରାସ ହୋଇ ୭୮.୭୧ ଟଙ୍କା, କୋଲକାତାରେ ୧୬ ପଇସା ନିମ୍ନରେ ରହି ୭୬.୯୦ ଟଙ୍କା ଏବଂ ମୁମ୍ବାଇରେ ୧୭ ପଇସା କମି ୭୯.୯୪ ଟଙ୍କା ରହିଛି। ଏହି ସ୍ଥାନଗୁଡିକରେ ପେଟ୍ରୋଲ ଯଥାକ୍ରମେ ୮୫.୦୪ ଟଙ୍କା, ୮୩.୫୭ ଟଙ୍କା ଏବଂ ☞ପୃଷ୍ଠା-୪

# ୪୨ କର୍ମଚାରୀଙ୍କ ସହ ଜାହାଜ ବୁଡ଼ିଲା



**ଟୋକିଓ,୩।୯**

### ୫,୮୦୦ ଗାଈ ମଧ୍ୟ ଥିଲେ

୫,୮୦୦ ଗାଈ ଓ ୪୨ କର୍ମଚାରୀଙ୍କୁ ନେଇ ଚାଇନା ଯାଉଥିବା ଏକ ଜାହାଜ ଜାପାନ ଉପକୂଳରେ ବୁଡ଼ିଯାଇଛି। ବୁଡ଼ିଯିବା ପୂର୍ବରୁ ଉକ୍ତ ଜାହାଜ ବିପଦରେ ଥିବା ନେଇ ସୂଚନା ପଠାଇଥିଲା। ବିପଦର କାରଣ ଜଣାପଡି ନ ଥିଲେ ହେଁ ଝଡ଼ତୋଫାନ ଯୋଗୁ ଉକ୍ତ ଅଞ୍ଚଳର ସମୁଦ୍ର ଅଶାନ୍ତ ଥିଲା ବୋଲି କୁହାଯାଉଛି। ଗୁରୁବାର ଜାପାନ ଉଦ୍ଧାରକାରୀ ଦଳ ପକ୍ଷରୁ ତଲାସି ଜାରି ରହିଛି। ବୁଧବାର ବିଳମ୍ବିତ ରାତିରେ ଜଣେ ଜାହାଜ କର୍ମଚାରୀଙ୍କୁ ଜାପାନ ନୌସେନାର ପି-୩ସି ଗୋଇନ୍ଦା ବିମାନ ଠାବ କରିବା ପରେ ଉଦ୍ଧାର କରିଛି। ସେ ଲାଇଫ୍ ଭେଷ୍ଟ ପିନ୍ଧିଥିଲେ। ଜାହାଜ ବୁଡ଼ିବା ପୂର୍ବରୁ ଦୁର୍ଘଟଣାଗ୍ରସ୍ତ ହୋଇଥିବା ସେ କହିଛନ୍ତି। ପୂର୍ବ ଚାଇନା ସାଗରର ଅମାମି ଓଶିମା ପଶ୍ଚିମ ଭାଗରେ ଜାହାଜ ଥିବାବେଳେ ବିପଦ ସମ୍ପର୍କରେ ସୂଚନା ପଠାଇଥିଲା। ଜାହାଜରେ ଫିଲିପାଇନ୍ସରୁ ୩୮, ନ୍ୟୁଜିଲାଣ୍ଡରୁ ୨ ଏବଂ ଅଷ୍ଟ୍ରେଲିଆରୁ ୨ ଜଣ କର୍ମଚାରୀ ଥିଲେ।

# ଶନିବାର ଯୁକ୍ତ୨ କଳା ଫଳ

**ଭୁବନେଶ୍ୱର, ୩।୯(ବ୍ୟୁରୋ)**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ କଳା ପରୀକ୍ଷା ଫଳ ଆସନ୍ତା ୫ ତାରିଖ ଶନିବାର ପ୍ରକାଶ ପାଇବ। ଅପରାହ୍ନ ୪ଟାରେ ସିଏଚ୍‌ଏସ୍‌ଇ କାର୍ଯ୍ୟାଳୟରେ ଫଳ ଘୋଷଣା କରାଯିବ। ଏଥିସହିତ ଧନ୍ଦାମୂଳକ ଶିକ୍ଷା ପରୀକ୍ଷା ଫଳ ମଧ୍ୟ ସେହିଦିନ ପ୍ରକାଶ ପାଇବ ବୋଲି ଗୁରୁବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ଛାତ୍ରୀଛାତ୍ରମାନେ www.orissaresults.in ୱେବ୍‌ସାଇଟ୍‌ରେ ରୋଲ୍ ନମ୍ବର ଓ ଆବଶ୍ୟକ ତଥ୍ୟ ଦେଇ ପରୀକ୍ଷା ଫଳ ଜାଣିପାରିବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

ଚଳିତବର୍ଷ ଯୁକ୍ତ୨ କଳାରେ ୨ ଲକ୍ଷ ୨୫ ହଜାର ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ଧନ୍ଦାମୂଳକରେ ୭,୭୫୦ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ଅଗଷ୍ଟ ଶେଷ ସପ୍ତାହରେ କଳା ରେଜଲ୍ଟ ପ୍ରକାଶ ପାଇବ ବୋଲି ପରିଷଦ ଯୋଜନା କରିଥିଲା। କିନ୍ତୁ ପରିଷଦର ଦୁଇଜଣ କର୍ମଚାରୀ କରୋନାରେ ଆକ୍ରାନ୍ତ ହେବା ପରେ ପରୀକ୍ଷା ଫଳ ପ୍ରକାଶନ ପ୍ରସ୍ତୁତିରେ ସମସ୍ୟା ହୋଇଥିଲା। ତେଣୁ ଏହାକୁ ସେପ୍ଟେମ୍ବର ପ୍ରଥମ ସପ୍ତାହକୁ ଘୁଞ୍ଚାଇ ଦିଆଯାଇଥିଲା। ଗତବର୍ଷ କଳାରେ ୬୫.୮୯% ପାସ୍ ହାର ଥିଲା। ତେବେ ଏଥର ପାସ୍ ହାର ଅଧିକ ରହିବ ବୋଲି ଆଶା କରାଯାଉଛି। ସୂଚନାଯୋଗ୍ୟ, ଅଗଷ୍ଟ ୧୨ରେ ଯୁକ୍ତ୨ ବିଜ୍ଞାନ ଓ ୧୯ରେ ବାଣିଜ୍ୟ ପରୀକ୍ଷା ଫଳ ପ୍ରକାଶ ପାଇଥିଲା।

# ୩୦ ପୂର୍ବରୁ ବିଧାନସଭା ଅଧିବେଶନ

**ଭୁବନେଶ୍ୱର,୩।୯(ବ୍ୟୁରୋ)**

ସେପ୍ଟେମ୍ବର ୩୦ ତାରିଖ ପୂର୍ବରୁ ବିଧାନସଭା ଅଧିବେଶନ ବସିବ। ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ବର୍ତ୍ତମାନ ରାଜସ୍ଥାନ ବିଧାନସଭା ବସିଛି। ଏନେଇ ସେ ଲୋକ ସଭା ବାଚସ୍ପତି ଏବଂ ସଚିବଙ୍କ ସହ ଟେଲିଫୋନ ଯୋଗେ କଥା ହୋଇଛନ୍ତି। ଗାଇଡ୍‌ଲାଇନ ଆସିବା ପରେ କରୋନା ପରିସ୍ଥିତିକୁ ଦୃଷ୍ଟିରେ ରଖି ନିଷ୍ପତ୍ତି ନିଆଯିବ। ଏହାଛଡ଼ା ଲୋକ ସଭା ଅଧିବେଶନକୁ ଦେଖି ନିଷ୍ପତ୍ତି ନିଆଯିବ ବୋଲି ବାଚସ୍ପତି କହିଛନ୍ତି।

ସୂଚନାଯୋଗ୍ୟ ଯେ କରୋନା ମହାମାରୀ ଯୋଗୁ ଫେବୃୟାରୀ ୧୪ ତାରିଖରୁ ଆରମ୍ଭ ହୋଇଥିବା ବଜେଟ ଅଧିବେଶନକୁ ଅଧାରୁ ବନ୍ଦ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟ ଅଧିବେଶନ ଫେବୃୟାରୀ ୧୪ ତାରିଖରେ ଆରମ୍ଭ ହୋଇଥିଲା। ଏହା ଫେବୃୟାରୀ ୨୬ ତାରିଖ ଯାଏ ଚାଲିଥିଲା। ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ମାର୍ଚ୍ଚ ୧୧ ତାରିଖରେ ଆରମ୍ଭ ହୋଇଥିଲା। ସଂକ୍ରମଣକୁ ଦୃଷ୍ଟିରେ ରଖି ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟକୁ ମାର୍ଚ୍ଚ ୧୩ ତାରିଖରୁ ୨୯ ତାରିଖ ଯାଏ ସ୍ଥଗିତ କରାଯାଇଥିଲା। ବିଧାନସଭା କର୍ମଚାରୀ କରୋନା ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବାରୁ ବଜେଟ ଅଧିବେଶନ ଶେଷ ପର୍ଯ୍ୟାୟକୁ ବିଧାନସଭାରୁ ଲୋକସେବା-କନ୍‌ଭେନଶନ୍ ହଲ୍‌କୁ ସ୍ଥାନାନ୍ତର କରାଯାଇଥିଲା। ମାର୍ଚ୍ଚ ୩୦ ତାରିଖରେ ୪୦ ପ୍ରତିଶତ ସଦସ୍ୟଙ୍କୁ ନେଇ ଅଧଘଣ୍ଟିଆ ଅଧିବେଶନ ବସିଥିଲା। ଏଥିରେ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ବଜେଟ ପାରିତ ହେବା ପରେ ବିଧାନସଭାକୁ ଅନିର୍ଦ୍ଦିଷ୍ଟ କାଳ ଲାଗି ସ୍ଥଗିତ ଘୋଷଣା କରାଯାଇଥିଲା।

**ଆଜିର ସମ୍ପାଦକୀୟ**

କେନ୍ଦ୍ର ଉତ୍ତରଦାୟୀ

**ଆଜିର ମନ୍ତବ୍ୟ**

"ଭାରତ ହେଉଛି ଗଣତନ୍ତ୍ର ଓ ବିବିଧତାକୁ ନେଇ ଏକ ପ୍ରତିଶ୍ରୁତିବଦ୍ଧ ରାଷ୍ଟ୍ର, ଯାହାକି ରାଜନୈତିକ ସ୍ଥିରତା ପାଇଁ ପରିଚିତ।

– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ







# ଖୋର୍ଦ୍ଧା, କଟକ ପାଇଁ ସତର୍କତା ଜରୁରୀ

**ଭୁବନେଶ୍ୱର,୩।୯(ବ୍ୟୁରୋ)**

### କୋଭିଡ୍ ରଣନୀତି ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

ରାଜ୍ୟରେ କୋଭିଡ୍ ପରିସ୍ଥିତି ଜାତୀୟସ୍ତର ଠାରୁ ଭଲ ରହିଛି। ତେବେ କଟକ ଓ ଖୋର୍ଦ୍ଧା ଜିଲାରେ ପଜିଟିଭ କେସ୍ ବଢୁଛି। ଏହି ଦୁଇ ଜିଲାରେ ରଣନୀତିକୁ ସୁଦୃଢ଼ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବରିଷ୍ଠ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ଗୁରୁବାର ଭିଡିଓ କନ୍‌ଫରେନ୍ସ ଜରିଆରେ ରାଜ୍ୟରେ କୋଭିଡ୍ ପରିସ୍ଥିତି ସହ କୃଷି, ଶିଳ୍ପ, ଭିତ୍ତିଭୂମି ଆଦି ଅର୍ଥନୀତିର ବିଭିନ୍ନ କ୍ଷେତ୍ରର ସମୀକ୍ଷା କରିଛନ୍ତି।

ଏହି ଅବସରରେ ସେ କହିଛନ୍ତି ମୌସୁମୀ ବର୍ଷା, ବନ୍ୟା ତଥା ପରିବହନ କ୍ଷେତ୍ରରେ ପୂର୍ବାବସ୍ଥା ଫେରିଥିବାରୁ କୋଭିଡ୍ ପରିଚାଳନା ପାଇଁ ଏହା ଆହ୍ୱାନ ସୃଷ୍ଟି କରିଛି। ଏହାକୁ ଦୃଷ୍ଟିରେ ରଖି କୋଭିଡ୍ ରଣନୀତିକୁ କାର୍ଯ୍ୟକାରୀ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୨୦ ଲକ୍ଷ ଲୋକଙ୍କ କୋଭିଡ୍ ଟେଷ୍ଟ କରାଯାଇଛି। ପ୍ରତି ୧୦ ଲକ୍ଷ ଲୋକରେ ଏହା ୪୨,୪୦୪ ଯାହାକି ଜାତୀୟସ୍ତରଠାରୁ ବହୁତ ଅଧିକ। ସେହିପରି ଆରୋଗ୍ୟ ହାର ମଧ୍ୟ ୭୬.୭୮ ପ୍ରତିଶତ ରହିଥିବା ବେଳେ ମୃତ୍ୟୁ ହାର ୦.୪୬ ପ୍ରତିଶତ ରହିଛି।

ପର୍ଯ୍ୟବେକ୍ଷକମାନେ ତୁରନ୍ତ ବନ୍ୟାଞ୍ଚଳ ଗସ୍ତ କରି ଯୋଗ୍ୟ ହିତାଧିକାରୀଙ୍କୁ ରିଲିଫ ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବର୍ଷା ଋତୁରେ ସର୍ଦ୍ଦି, କାଶ ପରି ରୋଗର ଆଶଙ୍କା ଥିବାରୁ ଏସବୁ ଲକ୍ଷଣ ଉପରେ ତୀକ୍ଷ୍ଣ ନଜର ରଖିବା ପାଇଁ ମୁଖ୍ୟମନ୍ତ୍ରୀ କହିଛନ୍ତି। ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ ସମସ୍ତ କ୍ଲିନିକକୁ ସଜାଗ ରଖିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏଥିସହିତ ସ୍ୱାସ୍ଥ୍ୟ,ସୂଚନା ଓ ଲୋକ ସମ୍ପର୍କ ବିଭାଗ ମିଳିତ ଭାବେ ବିଭିନ୍ନ କୋଭିଡ୍ ପ୍ରୋଟୋକଲକୁ ନେଇ ଏକ ସଚେତନତା ଅଭିଯାନ ତୁରନ୍ତ ଆରମ୍ଭ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁତର ରୋଗୀମାନଙ୍କ ପାଇଁ ଜିଲା ଭିତରେ ଥିବା ହସ୍ପିଟାଲ ଆଇସିୟୁ ବେଡ୍‌ର ବ୍ୟବସ୍ଥା କରିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି। ଅତ୍ୟନ୍ତ ଗୁରୁତର ରୋଗୀ ଯେପରି ଆଇସିୟୁ ସୁବିଧା ପାଇ ପାରିବେ ସେଥିପ୍ରତି ଦୃଷ୍ଟି ରଖିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସରକାରୀ କର୍ମଚାରୀଙ୍କ ମଧ୍ୟରେ ଅଧିକ ସଂଖ୍ୟାରେ କୋଭିଡ୍ କେସ୍ ବଢୁଥିବାରୁ ସମସ୍ତ କୋଭିଡ୍ ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମାସ୍କ ଓ ସାମାଜିକ ଦୂରତ୍ୱ ନିୟମରେ ଯେପରି କୌଣସି ଅବହେଳା ନ ହେବ ସେଥିପ୍ରତି ସତର୍କ ଦୃଷ୍ଟି ଦେବାକୁ କୁହାଯାଇଛି।

କୋଭିଡ୍ ସମ୍ପର୍କରେ ☞ପୃଷ୍ଠା-୪

### ୪୮ ହଜାର ବସ୍ତି ବାସିନ୍ଦାଙ୍କୁ ଖାଲି କରିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ଦିଲ୍ଲୀରେ ଥିବା ୧୪୦ କିଲୋମିଟର ରେଳଧାରଣା ପାର୍ଶ୍ୱକୁ ଜବରଦଖଲ କରି ବସ୍ତି ନିର୍ମାଣ କରି ବସବାସ କରୁଥିବା ୪୮,୦୦୦ ଲୋକଙ୍କୁ ୩ ମାସ ମଧ୍ୟରେ ଖାଲି କରିବା ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଯୋଜନା କାର୍ଯ୍ୟକାରିତାରେ କୌଣସି ରାଜନୈତିକ ହସ୍ତକ୍ଷେପକୁ ଗ୍ରହଣ କରାଯିବ ନାହିଁ। ସେହିପରି ନିର୍ଦ୍ଦେଶନାମା ଉପରେ କୌଣସି କୋର୍ଟ ସ୍ଥଗିତାଦେଶ ଲଗାଇପାରିବେ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି।



ଭାରତୀୟ ବାୟୁସେନାର ଚିକୁନ୍ ଲଢୁଆ ହେଲିକପ୍ଟର ଗୁରୁବାର ଲଦାଖ ଅଞ୍ଚଳରେ ପଇଁତରା ମାରୁଛି।



ଶ୍ରୀଲଙ୍କାର ପୂର୍ବ ଉପକୂଳରେ ୨ ନିୟୁତ ବ୍ୟାରେଲ ତେଲ ଭର୍ତ୍ତି ହୋଇଥିବା ଏକ ତୈଳବାହୀ ଜାହାଜରେ ନିଆଁ ଲାଗିଯାଇଛି। ଏଥିରେ ଥିବା ୨୩ କର୍ମଚାରୀଙ୍କ ମଧ୍ୟରୁ ଜଣେ ନିଖୋଜ ଥିବାବେଳେ ଅନ୍ୟଜଣେ ଆହତ ହୋଇଛନ୍ତି। ନିଆଁ ଲିଭାଇବା ପାଇଁ ଶ୍ରୀଲଙ୍କାର ହାମବଣ୍ଟୋଟା ପୋତାଶ୍ରୟରୁ ୨ଟି ରୁଷିଆ ଯୁଦ୍ଧଜାହାଜକୁ ପଠାଯାଇଛି।

# ସୀମା ସ୍ଥିତି ଅନୁଧ୍ୟାନ କଲେ ସେନାମୁଖ୍ୟ

## ଏୟାର ଚିଫ୍ ମାର୍ଶାଲଙ୍କ ବାୟୁସେନା ପ୍ରସ୍ତୁତି ସମୀକ୍ଷା

ନୂଆଦିଲ୍ଲୀ,୩।୯(ପି.ଟି.)

ସ୍ଥଳସେନା ମୁଖ୍ୟ ଜେନେରାଲ ଏମ୍.ଏମ୍. ନରୱଣେ ଗୁରୁବାର ଲଦାଖକୁ ଦୁଇଦିନିଆ ଗସ୍ତରେ ଯାଇ ଉକ୍ତ ଅଞ୍ଚଳର ସୁରକ୍ଷା ସ୍ଥିତି ଅନୁଧ୍ୟାନ କରିଛନ୍ତି। ନିକଟରେ ଚାଇନା ସେନା ପୋଙ୍ଗୟାଙ୍ଗ ହ୍ରଦର ଦକ୍ଷିଣ ପାର୍ଶ୍ୱରେ ସ୍ଥିତାବସ୍ଥା ବଦଳାଇବା ପାଇଁ ଉଦ୍ୟମ କରିଥିଲା, ଯାହାକୁ ଭାରତୀୟ ଯବାନମାନେ ପଣ୍ଡ କରିଦେଇଥିଲେ। ଏହା ପରେ ସେନାମୁଖ୍ୟଙ୍କର ଉକ୍ତ ଅଞ୍ଚଳକୁ ପ୍ରଥମ ଗସ୍ତ। ଜେନେରାଲ ନରୱଣେ ସେଠାରେ ଶୀର୍ଷ ସେନା କମାଣ୍ଡରମାନଙ୍କଠାରୁ ସ୍ଥିତି ସମ୍ପର୍କରେ ବୁଝିବା ସହ ଉକ୍ତ ଅଞ୍ଚଳରେ ସେନା ମୁତୟନ ଓ ଯୁଦ୍ଧ ପ୍ରସ୍ତୁତି ନେଇ ସମୀକ୍ଷା କରିବେ ବୋଲି ସରକାରୀ ସୂତ୍ରରୁ ଜଣାପଡିଛି।

ସୀମାରେ ଚାଇନା ସୈନ୍ୟଙ୍କ ଗତିବିଧି ବଢୁଥିବା ସୋମବାର ଭାରତୀୟ ସେନା ପକ୍ଷରୁ କୁହାଯାଇଥିଲା। ସେମାନେ ଅଗଷ୍ଟ ୨୯-୩୦ ରାତିରେ ପୋଙ୍ଗୟାଙ୍ଗ ହ୍ରଦର ଦକ୍ଷିଣ ପାର୍ଶ୍ୱରେ ଏକପାଖିଆ ଭାବେ ସ୍ଥିତାବସ୍ଥା ବଦଳାଇବା ପାଇଁ ଉଦ୍ୟମ କରିଥିଲେ। ଚାଇନାର ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍ଏ) ଉତ୍ତେଜନାପୂର୍ଣ୍ଣ କାର୍ଯ୍ୟରେ ଲିପ୍ତ ଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅନୁରାଗ ଶ୍ରୀବାସ୍ତବ ମଙ୍ଗଳବାର କହିଥିଲେ।

ଚାଇନା ସହ ସୀମାରେ ଉତ୍ତେଜନା ବଢ଼ିଚାଲିଥିବାବେଳେ ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ଆର୍.କେ.ଏସ୍. ଭଦୌରିଆ ଅରୁଣାଚଳପ୍ରଦେଶ ଓ ସିକିମ୍ ଅନ୍ତର୍ଗତ ପ୍ରକୃତ ନିୟନ୍ତ୍ରଣ ରେଖାରେ ବାୟୁସେନାର ପ୍ରସ୍ତୁତି ସମୀକ୍ଷା କରିଛନ୍ତି। ବୁଧବାର ଭଦୌରିଆ ପୂର୍ବାଞ୍ଚଳ ଏୟାର କମାଣ୍ଡ ଅନ୍ତର୍ଗତ ଫ୍ରଣ୍ଟଲାଇନ ଏୟାରବେସ୍ ପରିଦର୍ଶନ କରିଥିଲେ। ଏହି ଏୟାର କମାଣ୍ଡର ମୁଖ୍ୟାଳୟ ଶିଲଂରେ ରହିଛି। ଏହା ସିକିମ୍, ଅରୁଣାଚଳପ୍ରଦେଶ ଅନ୍ତର୍ଗତ ଏଲ୍ଏସିର ସମ୍ବେଦନଶୀଳ ଅଞ୍ଚଳ ସମେତ ଅନ୍ୟାନ୍ୟ ଅଞ୍ଚଳର ଆକାଶମାର୍ଗର ସୁରକ୍ଷା କରିଥାଏ। ନିକଟରେ ଚାଇନାର ଅନୁପ୍ରବେଶ ଉଦ୍ୟମ ପରେ ୩୪୦୦ କିଲୋମିଟର ବ୍ୟାପୀ ଏଲ୍ଏସିର ସମସ୍ତ ମୁଖ୍ୟ ବେସ୍‌କୁ ଅଧିକ ସତର୍କ କରିଦିଆଯାଇଛି।



ଜେନେରାଲ ଏମ୍.ଏମ୍. ନରୱଣେ

## ‘ଚାଇନାର ମୁକାବିଲା ପାଇଁ ଭାରତୀୟ ସେନା ସମର୍ଥ’



ଜେନେରାଲ ବିପିନ ରାୱତ

ନୂଆଦିଲ୍ଲୀ,୩।୯(ପି.ଟି.): ଚାଇନାର ଆକ୍ରମଣାତ୍ମକ କାର୍ଯ୍ୟାନୁଷ୍ଠାନର ଉପଯୁକ୍ତ ମୁକାବିଲା ଲାଗି ଭାରତୀୟ ସେନା ସମର୍ଥ ବୋଲି ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ବିପିନ ରାୱତ ଗୁରୁବାର କହିଛନ୍ତି। ପୂର୍ବ ଲଦାଖର କେତେକ ଅଞ୍ଚଳରେ ସ୍ଥିତାବସ୍ଥା ବଦଳାଇବା ପାଇଁ ବେଜିଂ ଉଦ୍ୟମ ଚଳାଇଥିବାବେଳେ ଜେନେରାଲ ରାୱତ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ଆମେରିକା-ଭାରତ ରଣକୌଶଳ ଭାଗୀଦାରି ଫୋରମ୍‌ରେ ଏକ ଆଲୋଚନାରେ ଭାଗନେଇ ସିଡିଏସ୍ କହିଛନ୍ତି, ପାକ୍ ଅଧିକୃତ କଶ୍ମୀର (ପିଓକେ)କୁ ଚାଇନା ଆର୍ଥିକ ସହାୟତା ଯୋଗାଇବା ସହ ସାମରିକ ଓ କୂଟନୈତିକ ସମର୍ଥନ ଦେଇଆସିଛି। ଯଦି ପାକିସ୍ତାନ ଭାରତ ବିରୋଧରେ ଛାୟାଯୁଦ୍ଧରେ ଲିପ୍ତ ରହେ ଓ ଜମ୍ମୁ-କଶ୍ମୀରରେ ଆତଙ୍କବାଦୀଙ୍କୁ ଅନୁପ୍ରବେଶରେ ସହାୟତା କରେ ତେବେ ବିରାଟ କ୍ଷତିର ସମ୍ମୁଖୀନ ହେବ ବୋଲି ଜେନେରାଲ ରାୱତ ଚେତାବନୀ ଦେଇଛନ୍ତି।

## ପିଏମ୍ କେୟାର୍ସ ପାଣ୍ଠିକୁ ୨.୨୫ ଲକ୍ଷ ଦାନ କରିଛନ୍ତି ମୋଦି

ନୂଆଦିଲ୍ଲୀ,୩।୯



କରୋନା ମହାମାରୀ ସଙ୍କଟର ମୁକାବିଲା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମାର୍ଚ୍ଚ ୨୭ରେ ପିଏମ୍ କେୟାର୍ସ ପାଣ୍ଠି ଘୋଷଣା କରିଥିଲେ। ଏହାର ପ୍ରଥମ ଅଡିଟ୍ ରିପୋର୍ଟ ବୁଧବାର ସର୍ବସାଧାରଣରେ ପ୍ରକାଶ ପାଇଥିଲା। ପାଣ୍ଠି ଗଠନ ହେବାର ପ୍ରଥମ ୫ ଦିନ ମଧ୍ୟରେ ୩,୦୭୬ କୋଟି ଟଙ୍କା ଦାନ ମିଳିଥିଲା। ପ୍ରଧାନମନ୍ତ୍ରୀ ଉକ୍ତ ପାଣ୍ଠିକୁ ୨.୨୫ ଲକ୍ଷ ଟଙ୍କା ଦାନ କରିଥିବା ଜଣାପଡିଛି। ପୂର୍ବରୁ କନ୍ୟାଶିଶୁ ଶିକ୍ଷା କାର୍ଯ୍ୟକ୍ରମଠାରୁ ଆରମ୍ଭ କରି ସ୍ୱଚ୍ଛ ଗଙ୍ଗା ମିଶନ ପର୍ଯ୍ୟନ୍ତ ବିଭିନ୍ନ ପାଣ୍ଠିକୁ ମୋଦି ଅତୀତରେ ଦାନ କରିବା ସହ ଅବହେଳିତ ବର୍ଗଙ୍କ କଲ୍ୟାଣ ଲାଗି ସହାୟତା କରିଛନ୍ତି। ବର୍ତ୍ତମାନ ସୁଦ୍ଧା ମୋଦିଙ୍କର ମୋଟ ଦାନ ପରିମାଣ ୧୦୩ କୋଟି ଟଙ୍କାରୁ ଅଧିକ। କୁମ୍ଭମେଳାରେ ପରିମଳ କର୍ମଚାରୀମାନଙ୍କ କଲ୍ୟାଣ ଲାଗି ମୋଦି ନିଜ ବ୍ୟକ୍ତିଗତ ସଞ୍ଚୟରୁ ୨୧ ଲକ୍ଷ ଟଙ୍କା ଦାନ କରିଥିଲେ। ଦକ୍ଷିଣ କୋରିଆରୁ ପାଇଥିବା ସିଓଲ ଶାନ୍ତି ପୁରସ୍କାର ବାବଦରେ ୧.୩ କୋଟି ଟଙ୍କାକୁ ସେ ନମାମି ଗଙ୍ଗେ କାର୍ଯ୍ୟକ୍ରମକୁ ଦେଇଥିଲେ। ତାଙ୍କୁ ମିଳିଥିବା ସମସ୍ତ ସ୍ମରଣୀୟ ସାମଗ୍ରୀର ନିଲାମରୁ ମିଳିଥିବା ୩.୪୦ କୋଟି ଟଙ୍କାକୁ ସେ ସ୍ୱଚ୍ଛ ଗଙ୍ଗା ମିଶନକୁ ଦାନ କରିଥିଲେ। ୨୦୧୫ ପର୍ଯ୍ୟନ୍ତ ପାଇଥିବା ଉପହାର ନିଲାମରୁ ମିଳିଥିବା ୮.୩୫ କୋଟି ଟଙ୍କାକୁ ସେ ନମାମି ଗଙ୍ଗେ ମିଶନ ପାଇଁ ପ୍ରଦାନ କରିଥିଲେ। ମୋଦି ଗୁଜରାଟ ମୁଖ୍ୟମନ୍ତ୍ରୀ ଥିବାବେଳେ ୮୯.୯୬ କୋଟି ଟଙ୍କା କନ୍ୟା କେଲାଭାନି ଫଣ୍ଡକୁ ଦାନ କରିଥିଲେ।

## ମୋଦିଙ୍କ ୱେବ୍‌ସାଇଟ ଆକାଉଣ୍ଟ ହ୍ୟାକ୍

ବେଙ୍ଗାଲୁରୁ,୩।୯: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବ୍ୟକ୍ତିଗତ ୱେବସାଇଟ୍ ଆକାଉଣ୍ଟ ହ୍ୟାକ୍ ହୋଇଥିବା ଗୁରୁବାର ଟୁଇଟର ପକ୍ଷରୁ ସ୍ପଷ୍ଟ କରିଦିଆଯାଇଛି। ଏକାଧିକ ଟୁଇଟ୍ ଜରିଆରେ ଅନୁଗାମୀମାନଙ୍କୁ କ୍ରିପ୍ଟୋକରେନ୍ସି ଜରିଆରେ ରିଲିଫ୍ ପାଣ୍ଠିକୁ ଦାନ କରିବା ପାଇଁ ହ୍ୟାକର କହିଥିଲେ। ଟୁଇଟର ଏହି କାର୍ଯ୍ୟକଳାପ ସମ୍ପର୍କରେ ଅବଗତ ଥିବା ଜଣାଇଛନ୍ତି। ଏହାର ସୁରକ୍ଷା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ଟୁଇଟର ପକ୍ଷରୁ କୁହାଯାଇଛି। ସ୍ଥିତି ଉପରେ ତଦନ୍ତ କରାଯାଉଛି। ଅନ୍ୟ ଆକାଉଣ୍ଟଗୁଡ଼ିକ ପ୍ରଭାବିତ ହୋଇଛି କି ନାହିଁ ଜଣାପଡ଼ି ନ ଥିବା ଟୁଇଟର ମୁଖପାତ୍ର ଏକ ଇ-ମେଲ୍ ବିବୃତିରେ କହିଛନ୍ତି।

## କରୋନାରେ ଦିଲୀପ୍ କୁମାରଙ୍କ ଭାଇ ଏହସାନଙ୍କ ମୃତ୍ୟୁ



ମୁମ୍ବାଇ,୩।୯(ପି.ଟି.)

ବର୍ଷୀୟାନ ଅଭିନେତା ଦିଲୀପ କୁମାରଙ୍କ ସାନଭାଇ ଏହସାନ୍ ଖାନଙ୍କର ବୁଧବାର ରାତିରେ କରୋନାରେ ମୃତ୍ୟୁ ଘଟିଛି। ତାଙ୍କୁ ୯୦ ବର୍ଷ ହୋଇଥିଲା। ଗତ ମାସରେ ତାଙ୍କଠାରେ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲା। ଅଗଷ୍ଟ ୧୫ରେ ଦିଲୀପ କୁମାରଙ୍କ ଦୁଇଭାଇ ଏହସାନ ଓ ଅସଲମ ଲୀଳାବତୀ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ ଓ ସେମାନଙ୍କଠାରେ କରୋନା ପଜିଟିଭ୍ ଜଣାପଡ଼ିଥିଲା। ଅଗଷ୍ଟ ୨୧ରେ ଅସଲମଙ୍କର ୮୮ ବର୍ଷ ବୟସରେ ମୃତ୍ୟୁ ଘଟିଥିଲା। ଗତ ମାର୍ଚ୍ଚରେ ୯୭ ବର୍ଷୀୟ ଅଭିନେତା ଦିଲୀପ କୁମାର ତାଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ଟୁଇଟ୍ କରିଥିଲେ। ସେ ଓ ତାଙ୍କ ସ୍ତ୍ରୀ ସାଇରା ବାନୁ କରୋନା ମହାମାରୀ ଯୋଗୁ ସମ୍ପୂର୍ଣ୍ଣ ଆଇସୋଲେଶନରେ ଥିବା ଜଣାଇଥିଲେ।

## ଦିନକରେ ୮୩, ୮୮୩ ସଂକ୍ରମିତ

ନୂଆଦିଲ୍ଲୀ,୩।୯(ପି.ଟି.)

ଭାରତରେ ଗୋଟିଏ ଦିନରେ ସର୍ବାଧିକ ୮୩,୮୮୩ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଗୁରୁବାର ଦେଶରେ ଆକ୍ରାନ୍ତଙ୍କ ସଂଖ୍ୟା ୩୮ ଲକ୍ଷ ଅତିକ୍ରମ କରିଛି। ସେଥିରୁ ୨୯,୭୦,୪୯୨ ଜଣ ସୁସ୍ଥ ହୋଇଛନ୍ତି। ଆରୋଗ୍ୟ ହାର ୭୭ ପ୍ରତିଶତରୁ ଅଧିକ ରହିଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ମୋଟ ସଂକ୍ରମିତଙ୍କ ସଂଖ୍ୟା ୩୮,୫୩,୪୦୬ରେ ପହଞ୍ଚିଥିବାବେଳେ ମୃତ୍ୟୁସଂଖ୍ୟା ୬୭,୩୭୬ ହୋଇଛି। ୨୪ ଘଣ୍ଟା ମଧ୍ୟରେ ୧,୦୪୩ ଜଣଙ୍କ ଜୀବନ ଯାଇଛି।

### କୋଭିଡ୍ ପରୀକ୍ଷାରେ ଭାରତର ରେକର୍ଡ

ଅନ୍ୟପକ୍ଷରେ କୋଭିଡ୍ ପରୀକ୍ଷାରେ ଭାରତ ରେକର୍ଡ ସୃଷ୍ଟି କରିଛି। ବୁଧବାର ଗୋଟିଏ ଦିନରେ ୧୧,୭୨,୧୭୯ ଜଣଙ୍କର କୋଭିଡ୍ ପରୀକ୍ଷା କରାଯାଇଛି ଯାହାକି ସାରା ବିଶ୍ୱରେ ସର୍ବାଧିକ। ଏହାକୁ ମିଶାଇ ବର୍ତ୍ତମାନ ସୁଦ୍ଧା ମୋଟ ୪,୫୫,୦୯,୩୮୦ ଜଣ କୋଭିଡ୍ ପରୀକ୍ଷା କରାଇସାରିଲେଣି। ପରୀକ୍ଷା ଅନୁପାତରେ ସକ୍ରିୟ ମାମଲା ସଂଖ୍ୟା ହ୍ରାସ ପାଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।



# ପକ୍ଷପାତ କରେନାହିଁ, ଘୃଣାକୁ ନିନ୍ଦାକରେ

### କଂଗ୍ରେସର ଅଭିଯୋଗର ଜବାବ ରଖିଲା ଫେସ୍‌ବୁକ୍

### ଭାଜପା ନେତା ଟି. ରାଜା ସିଂଙ୍କୁ ବ୍ୟାନ୍ କଲା ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ

ନୂଆଦିଲ୍ଲୀ,୩।୯(ପି.ଟି.)

ଫେସ୍‌ବୁକ୍ ରାଜନୈତିକ ଦୃଷ୍ଟିରୁ ପକ୍ଷପାତ କରୁଥିବା ଏବଂ ଭାରତର ଗଣତାନ୍ତ୍ରିକ ପ୍ରକ୍ରିୟାରେ ହସ୍ତକ୍ଷେପ କରୁଥିବା ନେଇ ବିବାଦ ଦେଖାଦେଇଥିବାବେଳେ କଂଗ୍ରେସ କରିଥିବା ଅଭିଯୋଗ ଉପରେ ସୋସିଆଲ ମିଡିଆ ପ୍ଲାଟଫର୍ମ ପକ୍ଷରୁ ଜବାବ ରଖାଯାଇଛି। ଏହା ପକ୍ଷପାତ କରେନାହିଁ ଏବଂ ଯେକୌଣସି ପ୍ରକାର ଘୃଣା ଓ ଧର୍ମାନ୍ଧତାକୁ ନିନ୍ଦା କରେ ବୋଲି ଫେସ୍‌ବୁକ୍ ପକ୍ଷରୁ କୁହାଯାଇଛି। କଂଗ୍ରେସର ଅଭିଯୋଗ ଉପରେ ଫେସ୍‌ବୁକ୍‌ର ପବ୍ଲିକ୍ ପଲିସି, ଟ୍ରଷ୍ଟ ଆଣ୍ଡ ସେଫ୍ଟି ନିର୍ଦ୍ଦେଶକ ନେଇଲ୍ ପଟ୍ସ କହିଛନ୍ତି, ପାତରଅନ୍ତର ଅଭିଯୋଗ ଅତ୍ୟନ୍ତ ଗୁରୁତର। ଏହା ସବୁବେଳେ ନିରପେକ୍ଷ ରହିଆସିବା ସହ ସର୍ବୋଚ୍ଚ ସ୍ତରର ସାଧୁତା ବଜାୟ ରଖିଆସିଛି ବୋଲି ସେ କହିଛନ୍ତି।

ଫେସ୍‌ବୁକ୍‌ରେ ଭାଜପା ନେତାମାନଙ୍କ ଉତ୍ତେଜନାପୂର୍ଣ୍ଣ ଓ ଘୃଣା ଉଦ୍ରେକକାରୀ ବକ୍ତବ୍ୟକୁ ଏହି ସୋସିଆଲ ମିଡିଆ ପ୍ଲାଟଫର୍ମ ଅଣଦେଖା କରୁଥିବାନେଇ ୱାଲ ଷ୍ଟ୍ରିଟ୍ ଜର୍ନାଲରେ ପ୍ରକାଶ ପାଇଥିଲା। ଭାରତୀୟ ଗଣତାନ୍ତ୍ରିକ ପ୍ରକ୍ରିୟା ଏବଂ ସାମାଜିକ ସୌହାର୍ଦ୍ଦ୍ୟରେ ଫେସ୍‌ବୁକ୍ ହସ୍ତକ୍ଷେପ କରୁଥିବା ନେଇ କଂଗ୍ରେସ ଅଭିଯୋଗ କରିଥିଲା। ଘୃଣିତ ବକ୍ତୃତା ନିୟମାବଳୀ ଶାସକ ଭାଜପା ନେତାଙ୍କ ଉପରେ ଲାଗୁ କରିବାରେ ଏହା କୋହଳ ମନୋଭାବ ପୋଷଣ କରୁଥିବା ନେଇ ବିରୋଧୀ ଦଳ ପକ୍ଷରୁ ଅଭିଯୋଗ ହୋଇଥିଲା। ଏନେଇ କଂଗ୍ରେସ ଫେସ୍‌ବୁକ୍ ସିଇଓ ମାର୍କ ଜୁକରବର୍ଗଙ୍କୁ ପତ୍ର ଲେଖି ଜବାବ ମାଗିଥିଲା।

ଫେସ୍‌ବୁକ୍‌ର ନୀତିର ଉଲ୍ଲଂଘନ କରିଥିବା ଅଭିଯୋଗରେ ଭାଜପା ନେତା ଟି. ରାଜା ସିଂଙ୍କୁ ଉକ୍ତ ପ୍ଲାଟଫର୍ମ ନିଷିଦ୍ଧ କରିଛି। ରାଜନୈତିକ ଚାପ ବଢ଼ିବା ପରେ ତେଲଙ୍ଗାନାର ଏହି ଭାଜପା ବିଧାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଅଭିଯୋଗ ହେଉଛି। ତାଙ୍କୁ ଫେସ୍‌ବୁକ୍‌ର ବିପଜ୍ଜନକ ବ୍ୟକ୍ତିବିଶେଷ ଓ ସଂଗଠନ ନୀତି ତାଲିକାରେ ରଖାଯାଇଛି। ଫେସ୍‌ବୁକ୍ କିମ୍ବା ଏହାର ଫଟୋ ଓ ଭିଡିଓ ଶେୟାରିଂ ପ୍ଲାଟଫର୍ମ ଇନ୍‌ଷ୍ଟାଗ୍ରାମରେ ତାଙ୍କୁ ଅନୁମତି ମିଳିବ ନାହିଁ।






ଟି. ରାଜା ସିଂ

## ୯ରୁ ସୁରଟକୁ ପୁଣି ଉଡ଼ିବ ବିମାନ

ଭୁବନେଶ୍ୱର (ବ୍ୟୁରୋ): ଭୁବନେଶ୍ୱରରୁ ଗୁଜରାଟ ସୁରଟକୁ ପୁଣି ଉଡ଼ିବ ବିମାନ। ଆସନ୍ତା ୯ ତାରିଖରୁ ସୁରଟକୁ ବିମାନ ସେବା ଆରମ୍ଭ କରିବ ଏୟାର ଇଣ୍ଡିଆ। ସୁରଟରୁ ଅପରାହ୍ନ ସାଢ଼େ ୩ଟାରୁ ବିମାନ ଉଡ଼ାଣ କରି ଭୁବନେଶ୍ୱର ବିମାନବନ୍ଦରରେ ୫ଟା ୨୦ରେ ଅବତରଣ କରିବ। ଭୁବନେଶ୍ୱରରୁ ପୁଣି ବିମାନଟି ସନ୍ଧ୍ୟା ୬ଟା ୨୦ରେ ଉଡ଼ାଣ କରିବ ଓ ରାତି ୮ଟା ୧୦ରେ ସୁରଟରେ ପହଞ୍ଚିବ। ସପ୍ତାହକୁ ଦୁଇଦିନ ସୋମବାର ଓ ବୁଧବାର ବିମାନ ଚଳାଚଳ କରିବ। ସୂଚନାଯୋଗ୍ୟ, ଭୁବନେଶ୍ୱରରୁ ସୁରଟକୁ ସିଧାସଳଖ ବିମାନ ସେବା ଗତବର୍ଷ ଆରମ୍ଭ ହୋଇଥିଲା। କିନ୍ତୁ କୋଭିଡ୍ କଟକଣା ଯୋଗୁ ବିମାନ ଚଳାଚଳ ବନ୍ଦ ରହିଥିଲା।

# ସଂକ୍ରମଣ ଶୀର୍ଷରେ ଖୋର୍ଦ୍ଧା

## ୩,୬୩୧ ନୂଆ ପଜିଟିଭ୍, ୮ ମୃତ

- ଗଞ୍ଜାମରେ ମୋଟ ଆକ୍ରାନ୍ତ ୧୮,୩୪୫, ଖୋର୍ଦ୍ଧାରେ ୧୮,୮୮୧
- ଦିନକରେ ଭୁବନେଶ୍ୱରରେ ରେକର୍ଡ ସଂଖ୍ୟକ ୫୮୦ ଆକ୍ରାନ୍ତ

ଭୁବନେଶ୍ୱର,୩।୯(ବ୍ୟୁରୋ)

ରାଜ୍ୟରେ କରୋନା କ୍ରମଶଃ କରାଳ ରୂପ ନେବାରେ ଲାଗିଛି। ଆକ୍ରାନ୍ତଙ୍କ ସହ ମୃତ୍ୟୁ ସଂଖ୍ୟା ବଢ଼ି ଚାଲିଛି। ତେବେ ରାଜଧାନୀ ଭୁବନେଶ୍ୱର ସମେତ ଖୋର୍ଦ୍ଧା ଜିଲାର ସଂକ୍ରମଣ ସ୍ଥିତି ଚିନ୍ତା ବଢ଼ାଇଛି। ଖୋର୍ଦ୍ଧାରେ ସଂକ୍ରମଣ ହୁହୁ ହୋଇ ବଢ଼ି ଚାଲିଥିବାବେଳେ ମାତ୍ର କେଇଟା ଦିନରେ ଗଞ୍ଜାମକୁ ଟପି ଶୀର୍ଷରେ ପହଞ୍ଚିଛି। ଶେଷ ୨୪ ଘଣ୍ଟାରେ ରାଜ୍ୟରେ ୩,୬୩୧ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୨,୨୧୪ଜଣ କ୍ୱାରାଣ୍ଟାଇନ ସେଣ୍ଟରରୁ ଚିହ୍ନଟ ହୋଇଥିବାବେଳେ ୧,୪୧୭ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ଫଳରେ ରାଜ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧,୧୩,୪୧୧ରେ ପହଞ୍ଚିଥିବାବେଳେ ଖୋର୍ଦ୍ଧା ଜିଲାରେ ସଂକ୍ରମଣ ୧୮,୮୮୧ ଛୁଇଁଛି। ପୂର୍ବରୁ ଶୀର୍ଷରେ ରହି ଆସିଥିବା ଗଞ୍ଜାମ ଜିଲା ୧୮,୩୪୫ଜଣ ଆକ୍ରାନ୍ତଙ୍କ ସହ ଦ୍ୱିତୀୟ ସ୍ଥାନକୁ ଖସି ଆସିଛି। ତେବେ ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୭୨୨ଜଣ ଥିବାବେଳେ କଟକ ୩୭୦, ମୟୂରଭଞ୍ଜ ୩୬୫, ବରଗଡ଼ ୨୩୮, ଭଦ୍ରକ ୧୮୬, ପୁରୀ ୧୫୭, ଯାଜପୁର ୧୨୭, ବାଲେଶ୍ୱର ୧୧୪, ରାୟଗଡ଼ା ୧୧୧, ଗଞ୍ଜାମ ୧୦୭, ନୟାଗଡ଼ରୁ ୧୦୦ଜଣ ଚିହ୍ନଟ ହୋଇଥିବାବେଳେ ଅନ୍ୟସବୁ ଜିଲାରେ ଏହା ତଳକୁ ରହିଥିବା ସୂଚନା ଓ ଲୋକ ସମ୍ପର୍କ ବିଭାଗ ତଥ୍ୟରୁ ଜଣାପଡିଛି।

ସେପଟେ ଖୋର୍ଦ୍ଧା ଜିଲାରେ ପ୍ରତିଦିନ ସର୍ବାଧିକ ଆକ୍ରାନ୍ତ ବାହାରୁଥିବାବେଳେ ଅଧିକାଂଶ ଭୁବନେଶ୍ୱରରୁ ହିଁ ରହୁଛନ୍ତି। ତେବେ ଜିଲାରୁ ଚିହ୍ନଟ ହୋଇଥିବା ମୋଟ ୭୨୨ ଆକ୍ରାନ୍ତଙ୍କ ମଧ୍ୟରୁ ଭୁବନେଶ୍ୱରରୁ ରେକର୍ଡ ସଂଖ୍ୟକ ୫୮୦ଜଣ ରହିଛନ୍ତି, ଯାହା ଅନ୍ୟସବୁ ଜିଲାଠାରୁ ଅଧିକ ବୋଲି ଜଣାପଡିଛି। ଏହାକୁ ମିଶାଇ ଭୁବନେଶ୍ୱରରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୧,୮୫୩କୁ ବୃଦ୍ଧି ପାଇଛି।

ଅନ୍ୟପକ୍ଷରେ ରାଜ୍ୟରେ ଆଉ ୮ଜଣ ଆକ୍ରାନ୍ତଙ୍କ କରୋନାରେ ମୃତ୍ୟୁ ଘଟିଛି। ଗଞ୍ଜାମ ଜିଲାରୁ ୩ଜଣ ମୃତକ ରହିଥିବାବେଳେ କଟକରୁ ୨, ଭୁବନେଶ୍ୱର, ବାଲେଶ୍ୱର ଓ କନ୍ଧମାଳରୁ ଜଣେ ଲେଖାଏ ଆଖିବୁଜିଛନ୍ତି। ଏହାକୁ ମିଶାଇ ରାଜ୍ୟରେ ମୋଟ କରୋନାଜନିତ ମୃତ୍ୟୁ ୫୨୨ରେ ପହଞ୍ଚିଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## କରୋନା ସଂକ୍ରମଣ ସ୍ଥିତି

ଗୁରୁବାର ରାତି ୯ଟା ସୁଦ୍ଧା

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୬,୨୮୯,୯୨୦ | ୮,୬୯,୨୫୩ | ୧୮,୫୩୨,୨୯୩ |
| ଭାରତ | ୩,୯୦୪,୫୦୮ | ୬୮,୦୫୯ | ୩,୦୧୪,୬୮୫ |
| ଓଡ଼ିଶା | ୧,୧୩,୪୧୧ | ୫୨୨(+୫୩) | ୮୭,୩୫୧ |

(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଆର୍‌ଟିଓ ଦେବେ ଆନ୍ତଃ ରାଜ୍ୟ ବସ୍ ପର୍‌ମିଟ୍

ଭୁବନେଶ୍ୱର,୩।୯(ବ୍ୟୁରୋ)

ଆନ୍ତଃରାଜ୍ୟ ବସ୍ ପରିବହନ ପାଇଁ ଆଞ୍ଚଳିକ ପରିବହନ ଅଧିକାରୀ(ଆର୍‌ଟିଓ) ସ୍ୱତନ୍ତ୍ର ଅନୁମତି(ସ୍ପେଶାଲ ପର୍‌ମିଟ୍) ଦେବେ। ସାଧାରଣ ପରିବହନ ସେବା ପାଇଁ ରାଜ୍ୟ ପରିବହନ କର୍ତ୍ତୃପକ୍ଷ(ଏସ୍‌ଟିଏ)ଙ୍କୁ ଅନୁମତି ଦେବାକୁ ପଡୁଥିଲା। ଅନୁମତି ପାଇବା ପାଇଁ ଏସ୍‌ଟିଏ କାର୍ଯ୍ୟାଳୟରେ ବସ୍‌ମାଲିକ ଓ ସେମାନଙ୍କର ପ୍ରତିନିଧିମାନଙ୍କ ପ୍ରବଳ ଭିଡ଼ ହେଉଛି। ଏହାକୁ ଦୃଷ୍ଟିରେ ରଖି ଆର୍‌ଟିଓମାନଙ୍କୁ ଏହି କ୍ଷମତା ହସ୍ତାନ୍ତର କରାଯାଇଥିବା ଏସ୍‌ଟିଏ ପକ୍ଷରୁ ସୂଚନା ଦିଆଯାଇଛି। କରୋନା ମହାମାରୀ ସଂକ୍ରମଣ ଆଶଙ୍କା ଥିବାରୁ ଯାତ୍ରୀବାହୀ ବସ୍‌ଗୁଡ଼ିକୁ ତନଖି କରିବାର ଆବଶ୍ୟକତା ରହିଛି। 'ବାହନ' ଜରିଆରେ ଅନ୍‌ଲାଇନ ଆବେଦନ ପାଇଁ ପଦକ୍ଷେପ ନିଆଯାଉଥିବା ଏସ୍‌ଟିଏ ପକ୍ଷରୁ କୁହାଯାଇଛି। ବସ୍ ମାଲିକମାନେ ଅନ୍‌ଲାଇନ ଜରିଆରେ ସ୍ୱତନ୍ତ୍ର ଅନୁମତି ନେଇପାରିବେ। ଖୁବ୍‌ଶୀଘ୍ର ଏହି ବ୍ୟବସ୍ଥା ଆରମ୍ଭ କରାଯିବ। ଆର୍‌ଟିଓମାନେ ସ୍ୱତନ୍ତ୍ର ଅନୁମତି ଆବେଦନ କରିବା ଦିନ ବସ୍ ମାଲିକଙ୍କୁ ପର୍‌ମିଟ୍ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବାହନ ଆପ୍ଲିକେଶନ ଆରମ୍ଭ ହେବା ଯାଏ ବସ୍‌ମାଲିକମାନେ ଆର୍‌ଟିଓ କାଉଣ୍ଟରରେ ଆବେଦନ କରି ସ୍ପେଶାଲ ପର୍‌ମିଟ୍ ନେଇପାରିବେ ବୋଲି କୁହାଯାଇଛି। ଏହି ସ୍ପେଶାଲ ପର୍‌ମିଟ୍ ୧୫୦ ଦିନ ଅର୍ଥାତ୍ ଆସନ୍ତା ଡିସେମ୍ବର ୩୧ ତାରିଖ ଯାଏ ପ୍ରଦାନ କରିବାକୁ ପୂର୍ବରୁ ନିର୍ଦ୍ଦେଶ ଦିଆଯାଇଛି।

# ୨୦ରୁ ଅକ୍ଟୋବର ୧୦ ମଧ୍ୟରେ ୟୁଜି, ପିଜି ପରୀକ୍ଷା

ଭୁବନେଶ୍ୱର, ୩।୯(ବ୍ୟୁରୋ)

ରାଜ୍ୟରେ ୟୁଜି ଓ ପିଜି ଶେଷ ସେମିଷ୍ଟର ପରୀକ୍ଷା ଆସନ୍ତା ୨୦ରୁ ଆରମ୍ଭ ହୋଇ ଅକ୍ଟୋବର ୧୦ ମଧ୍ୟରେ ସରିବ। ଏନେଇ ୟୁଜିସି ଅନୁମତି ମିଳିବା ପରେ ଗୁରୁବାର ଉଚ୍ଚଶିକ୍ଷା ବିଭାଗ ସଚିବ ଶାଶ୍ୱତ ମିଶ୍ର ସମସ୍ତ ଜିଲାପାଳ ଓ ମହାନଗର ନିଗମ କମିଶନରଙ୍କୁ ଚିଠି ଲେଖିବା ସହ ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟରେ ଏସବୁ ପରୀକ୍ଷାର ସୁପରିଚାଳନା ପାଇଁ ଅନୁରୋଧ କରିଛନ୍ତି। ସେ ଲେଖିଛନ୍ତି ଯେ, ପ୍ରାୟ ୨ଲକ୍ଷ ଛାତ୍ରୀଛାତ୍ର ୟୁଜି ଓ ପିଜି ପରୀକ୍ଷା ଦେବେ। ପରୀକ୍ଷା ସମୟରେ କଲେଜ ଓ ବିଶ୍ୱବିଦ୍ୟାଳୟଗୁଡ଼ିକ କୋଭିଡ୍ ମହାମାରୀର ସମସ୍ତ ନିରାପତ୍ତା ପ୍ରୋଟୋକଲ୍‌କୁ ପାଳନ କରିବେ। ଏଥିସହ ପରୀକ୍ଷା ଦିନଗୁଡ଼ିକରେ ଛାତ୍ରୀଛାତ୍ର ଓ କଲେଜ କର୍ମଚାରୀଙ୍କ ଯାତାୟାତରେ କିଛି ବି ସମସ୍ୟା ନ ହେବ ସେଥିପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ କୁହାଯାଇଛି। ଏଥିପାଇଁ ପୋଲିସ ଓ ଅନ୍ୟମାନଙ୍କୁ ନିର୍ଦ୍ଦେଶ ଦେବା ଲାଗି ସଚିବ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି।

### ଅନୁମତି ଦେଲା ୟୁଜିସି

ସୂଚନାଯୋଗ୍ୟ ବିନା ପରୀକ୍ଷାରେ କୌଣସି ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ କରିପାରିବେ ନାହିଁ ଓ ସେପ୍ଟେମ୍ବର ୩୦ ସୁଦ୍ଧା ପରୀକ୍ଷା ଶେଷ କରିବା ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ସରକାର ଚାହିଁଲେ ୟୁଜିସିକୁ ଅନୁରୋଧ କରି ଅଧିକ ସମୟ ନେଇ ପାରିବେ ବୋଲି ସର୍ବୋଚ୍ଚ କୋର୍ଟ ତାଙ୍କ ରାୟରେ କହିଥିଲେ। ସେହି ଆଧାରରେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ସଚିବ ଶାଶ୍ୱତ ମିଶ୍ର ପରୀକ୍ଷା ସମୟସୀମା ଘୁଞ୍ଚାଇବା ପାଇଁ ବୁଧବାର ୟୁଜିସିକୁ ଚିଠି ଲେଖିଥିଲେ। ସେପ୍ଟେମ୍ବର ୩୦ ପରିବର୍ତ୍ତେ ଅକ୍ଟୋବର ୧୦ ପର୍ଯ୍ୟନ୍ତ ପରୀକ୍ଷା ସମୟସୀମା ବୃଦ୍ଧି କରିବାକୁ ଅନୁରୋଧ କରିଥିଲେ।

## ୬ ଯାଏ ରେଭେନ୍‌ଶା ଶଟ୍‌ଡାଉନ୍

**କଟକ ଅଫିସ, ୩।୯:** ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ପରିସରରେ କରୋନା ସଂକ୍ରମଣ ଅଣାୟତ୍ତ ହେବାରେ ଲାଗିଛି। ଯେଉଁଥିପାଇଁ ବିଶ୍ୱବିଦ୍ୟାଳୟକୁ ବାରମ୍ବାର ବନ୍ଦ କରିବାକୁ ପଡୁଛି। ପୂର୍ବରୁ କୁଳପତିଙ୍କ କାର୍ଯ୍ୟାଳୟରେ ଜଣେ କର୍ମଚାରୀ ଓ ତାଙ୍କ ପରିବାରର



ଦୁଇଜଣ ସଦସ୍ୟ କରୋନାରେ ଆକ୍ରାନ୍ତ ହୋଇଥିଲେ। ଏଥିପାଇଁ ଗତ ୩୧ ତାରିଖ ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟକୁ ବନ୍ଦ ରଖାଯାଇଥିଲା। ଏହି ବନ୍ଦ ସମୟ ମଧ୍ୟରେ କ୍ୟାମ୍ପସକୁ ସମ୍ପୂର୍ଣ୍ଣ ଭାବେ ବିଶୋଧନ କରାଯାଇଥିଲା। ମାତ୍ର ବିଶୋଧନ କଲେ ମଧ ସଂକ୍ରମଣକୁ ରୋକା ଯାଇପାରୁନି। ବୁଧବାର ୨ ଜଣ କର୍ମଚାରୀ ଓ ଜଣେ ସିକ୍ୟୁରିଟି ଗାର୍ଡଙ୍କର କରୋନା ରିପୋର୍ଟ ପଜିଟିଭ ଆସିବା ପରେ ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟକୁ ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଛି। ଏବେ ସୁଦ୍ଧା ବିଶ୍ୱବିଦ୍ୟାଳୟ କ୍ୟାମ୍ପସରୁ ୨୦ରୁ ଊର୍ଦ୍ଧ୍ୱ ଅଧିକାରୀ ଓ କର୍ମଚାରୀ କରୋନାରେ ସଂକ୍ରମିତ ହୋଇଛନ୍ତି। ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କୁ ଘରେ ରହି କାର୍ଯ୍ୟ କରିବାକୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।



ପୁରୁଣା ଭୁବନେଶ୍ୱରର ସ୍ଥାନୀୟ ପିଲାମାନଙ୍କ ଦ୍ୱାରା ପାପ ନାସିନୀ ପୋଖରୀରୁ ଗୁରୁବାର ଦଳ ସଫା କରାଯାଉଛି।

# ବିଷ ପିଇଲେ ୩ ସାଙ୍ଗ: ଜଣେ ମୃତ

**ବ୍ରହ୍ମଗିରି,୩।୯(ଡି.ଏନ୍.ଏ.):** ବ୍ରହ୍ମଗିରି ଥାନା ନାଣ୍ଡିପୁର ଗ୍ରାମରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ଏକା ସାଙ୍ଗରେ ୩ଜଣ ସାଙ୍ଗ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସେଥିରୁ ଗୁରୁବାର ଜଣଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଏହି ଗ୍ରାମର ଡଲି ନାୟକ। ଉକ୍ତ ଗ୍ରାମର ଡଲି, ରଶ୍ମିତା ପେଣ୍ଡୋଇଙ୍କ ସମେତ ଅନ୍ୟ ଜଣେ ଘନିଷ୍ଠ ସାଙ୍ଗ ଥିଲେ। କିଛିଦିନ ତଳେ ଡଲି ଓ ରଶ୍ମିତାଙ୍କ ବିବାହ ହୋଇଥିଲା। ପରେ ସେମାନେ ବାପଘରକୁ ବୁଲିବାକୁ ଆସିଥିଲେ। ବୁଧବାର ଅନ୍ୟ ଜଣ ବନ୍ଧୁଙ୍କ ଘର ନିକଟରେ ୩ ସାଙ୍ଗ ମିଶି କଥା ହେଉଥିଲେ। କୌଣସି କାରଣକୁ ନେଇ ସେମାନଙ୍କ ମଧ୍ୟରେ ଝଗଡ଼ା ହୋଇ ବିଷ ପିଇ ଦେଇଥିଲେ। ଖବରପାଇ ସମସ୍ତଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ପ୍ରଥମେ ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସମସ୍ତଙ୍କ ଅବସ୍ଥା ଗୁରୁତର ହେବାରୁ ପୁଣି ଏକ ଘରୋଇ ଡାକ୍ତରଖାନା ନିଆଯାଇଥିଲା। ଡଲିଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ନିଆଯାଉଥିବାବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା ବୋଲି ପରିବାର ଲୋକେ କହିଛନ୍ତି। ଆତ୍ମହତ୍ୟାର କାରଣ ଜଣାପଡି ନାହିଁ। ଥାନାରେ କୌଣସି ଅଭିଯୋଗ ହୋଇ ନାହିଁ। ବିଷ ପିଇବା ପାଇଁ ପୂର୍ବରୁ କୀଟନାଶକ କିଣି ରଖିଥିଲେ ବୋଲି ରଶ୍ମିତା କହିଛନ୍ତି।




# ବାଘଛାଲ ଜବତ, ଜଣେ ଗିରଫ

ବାରିପଦା ଅଫିସ/ରାଇରଙ୍ଗପୁର,୩।୯(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅଧୀନ ଖେଜୁରୀକଟାସ ଗ୍ରାମ ନିକଟରେ ବନବିଭାଗ ଚଢାଉ କରି ଏକ କଲରାପତରିଆ ବାଘ ଛାଲ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ବଡ଼ବାଲିଚୁଆ ଗ୍ରାମର ଲକ୍ଷ୍ମଣ ନାଏକ। ଏକ ନମ୍ବର ବିହୀନ ବାଇକ୍‌ରେରେ ବାଘ ଛାଲକୁ ନେଇ ଯାଉଥିବା ଖବରପାଇ ରାଇରଙ୍ଗପୁର ବନଖଣ୍ଡ ଅଧିକାରୀ ଡ.ଅରୁଣ କୁମାର ମିଶ୍ରଙ୍କ ନେତୃତ୍ୱରେ ବୈଦ୍ୟନାଥ ମାଝୀ,ନବୀନ ଚନ୍ଦ୍ର ନାୟକ ଓ କର୍ମଚାରୀମାନେ ଚଢାଉ କରି ଅଭିଯୁକ୍ତଙ୍କୁ ଧରିଥିଲେ। ଘଟଣାସ୍ଥଳରୁ ଅନ୍ୟ ୩ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ଜବତ ବାଘ ଛାଲଟିର ଲମ୍ବ ୫ଫୁଟ ୨ଇଞ୍ଚ ହୋଇଥିବା ବେଳେ ୩ମାସ ପୂର୍ବରୁ ଏହାକୁ ଶିକାର କରାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ବାଘଟିର ବୟସ ୪/୫ବର୍ଷ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଛି। ତେବେ ବାଘ ଛାଲ ବିକ୍ରି ର୍ୟାକେଟକୁ ଧରିବା ପାଇଁ ବନବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିବା ବେଳେ ଶିକାରୀଙ୍କ ଗତିବିଧି ଉପରେ ସମ୍ପୂର୍ଣ୍ଣ ନଜର ରଖାଯାଇଛି ବୋଲି ବନବିଭାଗର ଅଧିକାରୀମାନେ ପ୍ରକାଶ କରିଛନ୍ତି।



ଜବତ କଲରାପତରିଆ ବାଘଛାଲ।

# କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶାଳୟ ଡେପୁଟି ଡାଇରେକ୍ଟରଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

ଭୁବନେଶ୍ୱର,୩।୯ (ବ୍ୟୁରୋ)

ଭିଜିଲାନ୍ସ ଜାଲରେ ଛନ୍ଦି ହୋଇପଡିଛନ୍ତି ଆଉଜଣେ ଉଚ୍ଚପଦସ୍ଥ ସରକାରୀ ଅଫିସର। ସେ ହେଲେ ଡାଇରେକ୍ଟୋରେଟ୍ ଅଫ୍ ଫ୍ୟାକ୍ଟୋରିଜ୍ ଆଣ୍ଡ୍ ବଏଲର୍ସ ବା କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶାଳୟର ଡେପୁଟି ଡାଇରେକ୍ଟର ରମେଶ ଚନ୍ଦ୍ର ବେହେରା। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ତାଙ୍କ ବାସଭବନ ସମେତ ୬ଟି ସ୍ଥାନରେ ଚଢାଉ କରିଛି। ଚଢ଼ାଉ ସ୍ଥାନ ମଧ୍ୟରେ ଭୁବନେଶ୍ୱରର ଘାଟିକିଆସ୍ଥିତ ବାସଭବନ, କଟକରେ ଥିବା ଶ୍ୱଶୁର ଘର, ଯାଜପୁର କୋରେଇସ୍ଥିତ ପୈତୃକ ବାସଭବନ, କଟକ ସିଡିଏରେ ଥିବା ଫ୍ଲାଟ, କଟକ ଓ ଭୁବନେଶ୍ୱର ଅଫିସ ଏବଂ ପୁଡୁଚେରୀରେ ଥିବା ଘର ରହିଛି। ଭିଜିଲାନ୍ସ ଏସ୍‌ପି ସାର୍ଥକ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ ପକ୍ଷରୁ ଗୁରୁବାର ଭୋର୍ ୬ଟାରୁ ଚଢାଉ ଆରମ୍ଭ ହୋଇଥିଲା। ତେବେ ଚଢାଉବେଳେ ଘାଟିକିଆ ବିପୁଲ୍ ଗାର୍ଡେନ୍‌ସ୍ଥିତ ବାସଭବନରୁ ନଗଦ ୨ଲକ୍ଷ ଟଙ୍କା ଏବଂ ୫ଶହ ଗ୍ରାମରୁ ଅଧିକ ଓଜନର ସୁନା ଅଳଙ୍କାର ମିଳିଛି। ବିଭିନ୍ନ ବ୍ୟାଙ୍କ୍‌ରେ ସ୍ଥାବର ଅସ୍ଥାବର ସମ୍ପତ୍ତି ଜମା ରହିଥିବା ସୂଚନା ମିଳିବା ପରେ ଖୋଳତାଡ଼ ଆରମ୍ଭ କରିଛି ଭିଜିଲାନ୍ସ ଟିମ୍। ଏଥିସହ ସେ ତାଙ୍କ ସମ୍ପର୍କୀୟଙ୍କ ନାମରେ ବିପୁଳ ସମ୍ପତ୍ତି କରିଥିବା ମଧ ଭିଜିଲାନ୍ସ ଅଧିକାରୀମାନେ ଜାଣିବାକୁ ପାଇଛନ୍ତି। ଭିଜିଲାନ୍ସ ଟିମ୍ ତାଙ୍କ ସମ୍ପର୍କୀୟଙ୍କ ତାଲିକା କରିବା ସହ ସେମାନଙ୍କ ବ୍ୟାଙ୍କ୍ ଆକାଉଣ୍ଟ ଏବଂ ଅନ୍ୟ କାଗଜପତ୍ର ଯାଞ୍ଚ କରୁଛି। ଚଢାଉ ଜାରି ରହିଥିବାରୁ ଠାବ ଆୟବହିର୍ଭୂତ ସମ୍ପତ୍ତିର ତାଲିକା ଓ ପରିମାଣ ଶୁକ୍ରବାର ସ୍ପଷ୍ଟ ହେବ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।



ରମେଶ ଚନ୍ଦ୍ର ବେହେରା



## ସାନିଟାଇଜେଶନ ଲାଗି ୩ ଦିନ ବନ୍ଦ ରହିବ ଗଣଶିକ୍ଷା ବିଭାଗ

ଭୁବନେଶ୍ୱର,(ବ୍ୟୁରୋ): ଲୋକସେବା ଭବନର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ମହଲା ବିଶିଷ୍ଟ ଆନେକ୍ସର ବିଲ୍ଡିଂ ଗୁରୁବାର ଦିନ ୧୨ଟାରୁ ଆସନ୍ତା ୬ ତାରିଖ ମଧ୍ୟରାତ୍ରି ପର୍ଯ୍ୟନ୍ତ ବନ୍ଦ ରହିବ। ଏହି ବିଲ୍ଡିଂରେ ସ୍କୁଲ ଓ ଗଣଶିକ୍ଷା ବିଭାଗର ସବୁ ଅଫିସ ମଧ୍ୟ ଏହି ସମୟ ପର୍ଯ୍ୟନ୍ତ ବନ୍ଦ ରହିବ ବୋଲି ସୂଚନା ଦିଆଯାଇଛି। ଏହି ବିଲ୍ଡିଂକୁ କୋଭିଡ-୧୯ ଲାଗି ସାନିଟାଇଜ କରାଯିବ, ତେଣୁ ୩ ଦିନ ଲାଗି ସ୍କୁଲ ଓ ଗଣଶିକ୍ଷା ବିଭାଗ ବନ୍ଦ ରହିବ ବୋଲି କୁହାଯାଇଛି। ଅନ୍ୟ କେଉଁ ବିଭାଗ ଏହି ସମୟ ମଧ୍ୟରେ ବନ୍ଦ ରହିବ ସେନେଇ କୌଣସି ସୂଚନା ମିଳିନାହିଁ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..........................................
ବୟସ:..........................................
ଜନ୍ମ ତାରିଖ: ..................................


ଆଦ୍ୟାସା ପରିବାରବର୍ଗ


ରାଧାରାଣୀ ପରିବାରବର୍ଗ


ଅମିତ୍ରଜିତ୍ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ବନ୍ୟାବିପନ୍ନଙ୍କୁ ପୋଲିସର ଲାଠିମାଡ଼

- ୫ ଆହତ
- ପଲିଥିନ ବଣ୍ଟନକୁ ନେଇ ଉତ୍ତେଜନା
- ଅତିରିକ୍ତ ତହସିଲଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**ଯାଜପୁର ଅଫିସ/ବରୀ, ୩।୯ (ଡି,ଏନ୍.ଏ.)**

ଯାଜପୁର ଜିଲା ବରୀ ବ୍ଲକ ଉଦୟନାଥପୁର ପଞ୍ଚାୟତରେ ଗୁରୁବାର ପଲିଥିନ ବଣ୍ଟନ ବେଳେ ବନ୍ୟା ବିପନ୍ନଙ୍କୁ ପୋଲିସ ଲାଠିମାଡ଼ କରିଛି। ପ୍ରଶାସନର ଏଭଳି କାର୍ଯ୍ୟକୁ ସାଧାରଣରେ ନିନ୍ଦା କରାଯାଇଛି। ପ୍ରକାଶ ଯେ, ବରୀ ଅତିରିକ୍ତ ତହସିଲଦାର ଭାନୁମତି ମାଝିଙ୍କ ଉପସ୍ଥିତରେ ପଲିଥିନ ବଣ୍ଟନ କାର୍ଯ୍ୟ ଆରମ୍ଭ କରିଥିଲେ। ମାତ୍ର ରତକାଙ୍ଗ ପଞ୍ଚାୟତରେ ଯେଭଳି ଭାବେ ପଲିଥିନ ବଣ୍ଟନ କରାଯାଇଛି ସେଭଳି ବଣ୍ଟନ କରାଯିବାକୁ ଅଞ୍ଚଳବାସୀ କହିଥିଲେ। ଏଥିରେ ଅତିରିକ୍ତ ତହସିଲଦାର ମାଝି ଉତ୍କ୍ଷିପ୍ତ ହୋଇ ବନ୍ୟାବିପନ୍ନଙ୍କୁ ଆକ୍ଷେପମୂଳକ ମନ୍ତବ୍ୟ ଦେଇଥିଲେ। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ତେବେ ସ୍ଥାନୀୟ ଲୋକେ ପଲିଥିନ ଗାଡ଼ି ଆଗରେ ଧାରଣାରେ ବସି ରହିବା ସହ ଉଚ୍ଚପଦସ୍ଥ ଅଧିକାରୀ ନ ଆସିବା ପର୍ଯ୍ୟନ୍ତ ଧାରଣାରୁ ଉଠିବୁ ନାହିଁ ବୋଲି ଅଡି ବସିଥିଲେ। ଏହାପରେ ଅତିରିକ୍ତ ତହସିଲଦାରଙ୍କ ନିର୍ଦ୍ଦେଶରେ ପୋଲିସ ବନ୍ୟାବିପନ୍ନଙ୍କୁ ଲାଠି ଚାର୍ଜ କରିଥିଲା। ଏଥିରେ ଉଦୟନାଥପୁର ଗ୍ରାମର ମାନସ ସାମଲ, ପ୍ରମୋଦ ସାମଲ, ମଣ୍ଟୁଆ ବାରିକ, କନ୍ଦ ମଲ୍ଲିକ, କିଶୋର ସେଠୀ ପ୍ରମୁଖ ଆହତ ହୋଇଛନ୍ତି। ଏହି ଘଟଣା ପ୍ରଚାରିତ ହେବା ପରେ ବିଭିନ୍ନ ଗ୍ରାମର ଲୋକେ ଘଟଣାସ୍ଥଳରେ ପହଞ୍ଚି ଅତିରିକ୍ତ ତହସିଲଦାରଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ନଚେତ ବରୀ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ କୋଭିଡ୍ ନିୟମ ପାଳନ କରାଯାଇ ଧାରଣା ଦିଆଯିବ ବୋଲି ଉଦୟନାଥପୁର ସରପଞ୍ଚ ସବିତା ସାମଲ ପ୍ରକାଶ କରିଛନ୍ତି। ଅତିରିକ୍ତ ତହସିଲଦାର ମାଝିଙ୍କ ଫୋନ୍ ସୁଇଚ୍ ଅଫ୍ ଥିବାରୁ ତାଙ୍କ ମତାମତ ନିଆଯାଇପାରିନାହିଁ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦାରୀ କୁକୁର ଯୋଗୀ ଘୋଡ଼ା**
**କେବେ ନୁହନ୍ତି ଯୋଡ଼ା ଯୋଡ଼ା**
**ଯେବେ ହୁଅନ୍ତି ଯୋଡ଼ା ଯୋଡ଼ା**
**ତେବେ ହୁଅନ୍ତି କାମୁଡ଼ା କାମୁଡ଼ା।**

ପ୍ରକୃତରେ ଦେଖିବାକୁ ଗଲେ ଦାରୀ, କୁକୁର, ଯୋଗୀ ଓ ଘୋଡ଼ା ଏଇ ଜାତିର ଜୀବନ ପରସ୍ପର ପ୍ରତି ଖୁବ୍ ବିରୋଧୀ। ଏମାନଙ୍କ ମଧ୍ୟରୁ ଯିଏ ଯାହା ସାଙ୍ଗରେ ମିଶେ ସେଥିରେ ତା'ର ମୋଟେ ଫାଇଦା ନ ଥାଏ। ତେଣୁ ସେମାନେ ନିଜ ନିଜର ପତିଆରା ଦେଖାଇବାକୁ ଯାଇ ପ୍ରତ୍ୟେକେ ଅଲଗା ଅଲଗା ରହିବାକୁ ଉଚିତ ମଣୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଦେଖୁଛୁ ଚନ୍ଦନ**
**ପୋଛୁଚୁ କାଠ।**

ଚନ୍ଦନ କାଠ ଓ କାଠ ମଧ୍ୟରେ ଫରକ ରହିଥାଏ। ଚନ୍ଦନ କାଠକୁ ପେଡ଼ିରେ ପାଣି ପକେଇ ଘଷିଲେ ଚନ୍ଦନ ବାହାରିଥାଏ ; କିନ୍ତୁ ଶୁଖିଲା କାଠକୁ ନୁହେଁ। ପେଡ଼ି ଉପରେ ଘୋରା ଚନ୍ଦନକୁ ଦେଖି ପୁନର୍ବାର ଶୁଖିଲା କାଠରୁ ଚନ୍ଦନ ଆଶାରେ ତାକୁ ପୋଛିବା ଭଳି ଠିକ୍ କଥାକୁ ଭୁଲ ବୋଲି କହିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ**

## ପ୍ରଥମ ପୃଷ୍ଠାରୁ...

### ଯୋଗ୍ୟ ଆକାଉଣ୍ଟକୁ...

ଆଗରୁ ଘୋଷଣା କରିଥିଲେ। ଉକ୍ତ ଯୋଜନାର ଲାଭ କାହାକୁ ମିଳିବ ଏବଂ ଋଣ ପୁନର୍ଗଠନ ପାଇଁ ବ୍ୟାଙ୍କଗୁଡିକ କିଭଳି କାର୍ଯ୍ୟକ୍ରମ ଗ୍ରହଣ କରୁଛନ୍ତି ସେ ନେଇ ବୈଠକରେ ଆଲୋଚନା ହୋଇଛି। ବ୍ୟାଙ୍କ ନିଜ ସ୍ତରରେ ଯୋଜନା କାର୍ଯ୍ୟକାରୀ କରିବେ ବୋଲି କୁହାଯାଇଛି। ଯୋଗ୍ୟ ବିବେଚିତ ଆକାଉଣ୍ଟଧାରୀଙ୍କୁ ଚିହ୍ନଟ କରିବା, ସେମାନଙ୍କ ନିକଟରେ ପହଞ୍ଚିବା ଏବଂ ଋଣ ପୁନର୍ଗଠନ ଯୋଜନାକୁ ତ୍ୱରିତ ଭାବେ ଲାଗୁ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି। ଲୋକମାନେ ଏହାଦ୍ୱାରା ଯେଭଳି ଲାଭବାନ ହୋଇ ପାରିବେ ସେ ଦିଗରେ ମଧ୍ୟ ବୈଠକରେ ପ୍ରାଥମିକତା ଦିଆଯାଇଥିବା ଜଣାପଡିଛି। ଯୋଗ୍ୟ ବିବେଚିତ ବିଜ୍‌ନେସ ଏବଂ ବ୍ୟକ୍ତି ବିଶେଷଙ୍କୁ ସହାୟତା କରିବା ଦିଗରେ ସରକାର ପଦକ୍ଷେପ ନେଉଛନ୍ତି ବୋଲି ଏହି ଅବସରରେ ସୀତାରାମନ କହିଛନ୍ତି। ବୈଠକରେ ସବୁ ବ୍ୟାଙ୍କର ସିଇଓ ଏବଂ ଅଣବିତ୍ତ ପ୍ରତିଷ୍ଠାନ (ଏନ୍‌ବିଏଫ୍‌ସି)ଗୁଡିକର ମୁଖ୍ୟ ଉପସ୍ଥିତ ଥିଲେ। କୋଭିଡ୍-୧୯ ଯୋଗୁ ସମସ୍ୟା ସାମ୍ନା କରୁଥିବା ବ୍ୟକ୍ତିବିଶେଷଙ୍କୁ ଏହି ଯୋଜନାରେ ସାମିଲ କରାଇବା ନେଇ ବ୍ୟାଙ୍କ କିଭଳି କାର୍ଯ୍ୟକ୍ରମ ଜାରି ରଖିଛନ୍ତି ସେ ଦିଗରେ ସୀତାରାମନ ସମୀକ୍ଷା କରିଛନ୍ତି।

ଯୋଜନାର ଲାଭ ଉଠାଇବା ଲାଗି ଲୋକଙ୍କୁ ସୁବିଧା ହେଲା ଭଳି ସୂଚନା ପ୍ରଦାନ କରିବାକୁ ନିର୍ଦ୍ଦେଶରେ କୁହାଯାଇଛି। ଏଥିଲାଗି ବ୍ୟାଙ୍କ ଫ୍ରିକ୍ୱେଣ୍ଟଲି ଆସ୍କଡ କ୍ୱେଶ୍ଚନ(ଏଫ୍‌ଏକ୍ୟୁଏସ୍) ଜାରି କରିବେ। ଏହି ସୂଚନା ବ୍ୟାଙ୍କଗୁଡିକର ୱେବ୍‌ସାଇଟ ଏବଂ ବିଭିନ୍ନ ଆଞ୍ଚଳିକ ଭାଷାରେ ଜାରି କରାଯିବ। ରିଜର୍ଭ ବ୍ୟାଙ୍କର ନିୟମାବଳୀ ଅନୁସାରେ କାର୍ଯ୍ୟକରିବାକୁ ବ୍ୟାଙ୍କ ଏବଂ ବିତ୍ତ ପ୍ରତିଷ୍ଠାନ ପ୍ରସ୍ତୁତ ଥିବା ଅର୍ଥମନ୍ତ୍ରୀଙ୍କୁ କହିଛନ୍ତି। ଅର୍ଥ ମନ୍ତ୍ରଣାଳୟ ମଧ୍ୟ ଆର୍‌ବିଆଇ ସହ ଏ ଦିଗରେ ନିରନ୍ତର କାର୍ଯ୍ୟ କରୁଥିବା ବୈଠକରେ ସୂଚନା ଦିଆଯାଇଛି। ଏ ନେଇ ରିଜର୍ଭ ବ୍ୟାଙ୍କ ସବୁ ପ୍ରକାର ସହାୟତା ଯୋଗାଇ ଦେବ। ବର୍ତ୍ତମାନ ସମୟରେ ବ୍ୟାଙ୍କଗୁଡିକର କାର୍ଯ୍ୟକୁ ନେଇ ସୀତାରାମନ ସନ୍ତୋଷ ପ୍ରକଟ କରିଛନ୍ତି। ସୂଚନାଯୋଗ୍ୟ, ଅଗଷ୍ଟ ୬ରେ ରିଜର୍ଭ ବ୍ୟାଙ୍କ ଋଣ ପୁନର୍ଗଠନ ଯୋଜନା ସମ୍ପର୍କରେ ଘୋଷଣା କରିଥିଲା। ଏହା ମଧ୍ୟରେ ବ୍ୟକ୍ତିଗତ, କର୍ପୋରେଟ ଏବଂ ଏମ୍‌ଏସ୍‌ଏମ୍‌ଇ ଋଣ ଆକାଉଣ୍ଟଗୁଡିକୁ ସାମିଲ କରାଯିବା ନେଇ ସରକାର କହିଥିଲେ।

### ୬ ମାସ ପରେ...

୮୮.୭୩ ଟଙ୍କା ରହିଥିବା ଜଣାପଡିଛି। ସୂଚନାଯୋଗ୍ୟ, ଅଗଷ୍ଟ ମାସରେ ଲଗାତର ତେଲ ଦର ବୃଦ୍ଧି ଲୋକଙ୍କ ଚିନ୍ତା ବଢାଇଥିଲା। ସେପ୍ଟେମ୍ବର ପହିଲାରେ ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୫ ପଇସା ବୃଦ୍ଧି ଘଟିଥିଲା। ଅଗଷ୍ଟ ମାସରେ ଶେଷ ୧୫ ଦିନ ମଧ୍ୟରେ ପେଟ୍ରୋଲ ୧୩ ଥର ବଢିଛି। ଅଗଷ୍ଟ ୧୬ ପରଠାରୁ ପେଟ୍ରୋଲ ମୋଟ ୧.୬୧ ଟଙ୍କା ବଢିଥିବା ଜଣାପଡିଛି। ଭୁବନେଶ୍ୱରର ପେଟ୍ରୋଲ ଓ ଡିଜେଲ ଦର ଦିଲ୍ଲୀଠାରୁ ଉଚ୍ଚରେ ରହିଛି।

### ଖୋର୍ଦ୍ଧା, କଟକ ପାଇଁ...

ଆଲୋଚନାରେ ଭାଗ ନେଇ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ କହିଛନ୍ତି, ରାଜ୍ୟରେ ଲକ୍‌ଡାଉନ ଓ ଶଟ୍‌ଡାଉନ ପରିଚାଳନା ସମ୍ପୂର୍ଣ୍ଣ ସଫଳ ହୋଇଛି। କଟକ ଓ ଖୋର୍ଦ୍ଧା ଜିଲା ପରିସ୍ଥିତିକୁ ଦୃଷ୍ଟିରେ ରଖି କୋଭିଡ୍ ରଣନୀତିକୁ ସୁଦୃଢ଼ କରାଯାଉଛି ବୋଲି କହିଥିଲେ। ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର ରାଜ୍ୟର କୋଭିଡ୍ ପରିଚାଳନା ସମ୍ପର୍କରେ ଏକ ବିବରଣୀ ଉପସ୍ଥାପନ କରିଥିଲେ। ବୈଠକରେ ଶିଳ୍ପ, କୃଷି ଓ ଅନ୍ୟାନ୍ୟ କ୍ଷେତ୍ର ସମ୍ପର୍କରେ ଆଲୋଚନା ହୋଇଥିଲା। ଜୀବିକା ସୃଷ୍ଟି ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେବା ସହ ସବୁ ବିଭାଗର ଜୀବିକା ସୃଷ୍ଟି କାର୍ଯ୍ୟକ୍ରମଗୁଡିକୁ ଜୋରଦାର କରିବାକୁ ପରାମର୍ଶ ଦିଆଯାଇଛି। କୌଣସି କ୍ଷେତ୍ରରେ ଅସୁବିଧା ଥିଲେ ତାକୁ ତୁରନ୍ତ ଦୂର କରିବାକୁ ପରାମର୍ଶ ଦେଇଛନ୍ତି। ଜିଲା ପର୍ଯ୍ୟବେକ୍ଷକମାନେ ମଧ୍ୟ ଜିଲା ଗସ୍ତ ସମୟରେ ଜୀବିକା କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରନ୍ତୁ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ଶିଳ୍ପ ଓ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ସମସ୍ତ ପ୍ରକାର କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାକୁ ପରାମର୍ଶ ଦେଇଛନ୍ତି। କୌଣସି ଶିଳ୍ପ କ୍ଷେତ୍ରରେ କିଛି ଅସୁବିଧା ଥିଲେ ପ୍ରାଥମିକତା ଭିତ୍ତିରେ ସମାଧାନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ ଅଗଷ୍ଟ ଓ ସେପ୍ଟେମ୍ବରରେ ସମସ୍ତ କ୍ଷେତ୍ରରେ ସୁଧାର ଆସିଛି। କୃଷି କ୍ଷେତ୍ରରେ ଚଳିତ ବର୍ଷ ଖରିଫରେ ୫୫.୫୨ ଲକ୍ଷ ହେକ୍ଟର ଜମି ଚାଷ କରାଯାଇଛି। ଗତବର୍ଷ ତୁଳନାରେ ୫ ପ୍ରତିଶତ ଅଧିକ। ଚଳିତ ବର୍ଷ ସାର ଓ ୟୁରିଆ ଚାହିଦା ମଧ୍ୟ ଗତବର୍ଷ ଠାରୁ ଅଧିକ ରହିଛି। ଚଳିତ ବର୍ଷ ୯୯୬୫ କୋଟି ଟଙ୍କାର ଫସଲ ଋଣ ପ୍ରଦାନ କରାଯାଇଛି, ଯାହାକି ଗତବର୍ଷ ଠାରୁ ଅଧିକ। ଇସ୍ପାତ୍ ଓ ଖଣିଜ କ୍ଷେତ୍ରରେ ମଧ୍ୟ ଯଥେଷ୍ଟ ଉନ୍ନତି ପରିଲକ୍ଷିତ ହୋଇଛି। ଏପ୍ରିଲରୁ ଅଗଷ୍ଟ ମଧ୍ୟରେ ୧୭୫୧୪ କୋଟି ଟଙ୍କାର ୨୦୦ ନୂଆ ପ୍ରକଳ୍ପକୁ ଅନୁମୋଦିତ କରାଯାଇଛି। ଏଥିରେ ୧୩ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି। ସେହିପରି ଶିଳ୍ପ ଉତ୍ପାଦନ ୮୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ପାଇଛି ବୋଲି ସୂଚନା ଦିଆଯାଇଛି। ବିଦ୍ୟୁତ୍ ବ୍ୟବହାର, କାର୍ଗୋ ପରିଚାଳନା, ସବୁ କ୍ଷେତ୍ରରେ ଉନ୍ନତି ଆସିଛନ୍ତି। ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ସେପ୍ଟେମ୍ବର ସୁଦ୍ଧା ୧.୫ ଲକ୍ଷରୁ ଅଧିକ ୟୁନିଟ୍‌କୁ ପାଖାପାଖି ୩ ହଜାର କୋଟି ଟଙ୍କାର ଋଣ ପ୍ରଦାନ କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଛି। ଶିଳ୍ପ ଓ ଏମ୍‌ଏସ୍‌ଏମ୍‌ଇ ସଂସ୍ଥାଗୁଡିକ ଯେପରି ସୁବିଧାରେ କାର୍ଯ୍ୟ କରିପାରିବେ ସେଥିପାଇଁ ଜିଏସ୍‌ଟି ପୁନଃଭରଣା ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ ଓ ସହଜ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ଏହି ବୈଠକରେ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ମୁଖ୍ୟ ଉପଦେଷ୍ଟା, ଉନ୍ନୟନ କମିଶନର, ସ୍ୱତନ୍ତ୍ର ରିଲିଫ କମିଶନର, କୃଷି ଉତ୍ପାଦନ କମିଶନର, ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଦୟା ନଦୀକୁ ଡେଇଁ ଯୁବକ ନିଖୋଜ

**ପୁରୁଣା ଭୁବନେଶ୍ୱର,୩।୯**

ଦୟା ନଦୀକୁ ଡେଇଁ ଗୁରୁବାର କପିଳେଶ୍ୱର ଗ୍ରାମର ମଧୁସୂଦନ ଖୁଣ୍ଟିଆ ନିଖୋଜ ଥିବା ଜଣାପଡ଼ିଛି। ଅନନ୍ତ ବାସୁଦେବ ମନ୍ଦିରରେ ସେ ରୋଷ କାର୍ଯ୍ୟ କରନ୍ତି। ମଣ୍ଟୁଅପରାହ୍ନ ୨ଟାରେ ଦୟା ବ୍ରିଜ ଉପରେ ସ୍କୁଟି ଧରି ଛିଡାହୋଇଥିଲେ। ହଠାତ୍ ସେ ନଦୀକୁ ଡେଇଁ ପଡ଼ିଥିଲେ। ଓଡ୍ରାଫ ଟିମ୍ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କୁ ପାଇ ନ ଥିଲେ। ଥାନାରେ ଏକ ମାମଲା (ନଂ.୨୪/୨୦)ରୁଜୁ ହୋଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ସ୍ୱଗୃହୀ ରବିଙ୍କ ପ୍ରଭାବରେ ପ୍ରତ୍ୟେକ ସ୍ତରରେ ଆପଣ ଫଳପ୍ରଦ ଆଲୋଚନା କରିପାରିବେ। ସନ୍ତାନ ହେତୁକ ପ୍ରତ୍ୟେକ ସମସ୍ୟା ନିଶ୍ଚିତ ସୁଧୁରିଯିବ। ଆନୁଷଙ୍ଗିକ ସୁବିଧା ସୁଯୋଗ ଲାଭକରି କର୍ମକ୍ଷେତ୍ରରେ ଲକ୍ଷ୍ୟ ହାସଲରେ କୌଣସି ଅସୁବିଧା ହେବ ନାହିଁ। ରାଜନୈତିକ ଓ ସାଙ୍ଗଠନିକ କାର୍ଯ୍ୟରେ ପ୍ରଶଂସିତ ହେବେ।

**ବୃଷ** ଉପଚୟସ୍ଥ ଶୁକ୍ର ଭାଗ୍ୟ ସ୍ଥାନରୁ ଶନିଦୃଷ୍ଟ ହେତୁ କୌଣସି ଭଦ୍ରମହିଳାଙ୍କ ସାହାଯ୍ୟରୁ ଉପକୃତ ହେବେ। ପାଖ ପଡ଼ୋଶୀଙ୍କ କୌଣସି କଥାରେ ମୁଣ୍ଡ ପୂରାଇ ଅଯଥା ମନ ବିକ୍ଷାକ୍ତ କରିବେ। ବିଭିନ୍ନ ପ୍ରକାର ଝମେଲା ଭିତର ଦେଇ ଯିବାକୁ ପଡୁଥିବାରୁ ସମ୍ପୂର୍ଣ୍ଣଭାବେ ଶାନ୍ତି ଓ ସନ୍ତୋଷ ଆସିବ ନାହିଁ।

**ମିଥୁନ** କର୍ମଭାବସ୍ଥ ଚନ୍ଦ୍ର ହେତୁ ସରକାରୀ କିମ୍ବା ବେସରକାରୀ ସ୍ତରରୁ ପାଇବାକୁ ଥିବା ଅର୍ଥ ପାଇବେ। ସଦାବେଳେ ଝଗଡ଼ା କରିବାକୁ ଚାହିଁବସିଥିବା ଲୋକଟିର ସାମ୍ନା କିମ୍ବା ସମାଧାନ କରିବାର ଚିନ୍ତା ଲାଗି ରହିବ। ନିଜର ସୁଖ ସୁବିଧାକୁ ପ୍ରାଧାନ୍ୟ ଦେଇ ସମାଲୋଚିତ ହୋଇପାରନ୍ତି।

**କର୍କଟ** ପାପଗ୍ରହ ମଧ୍ୟସ୍ଥ ରାଶ୍ୟାଧିପତି ଯୋଗୁ ଖାଲି କାମ। କାମ ଭିତରେ ବୁଡ଼ିରହି ସ୍ୱାସ୍ଥ୍ୟ ପ୍ରତି ନଜର ଦେଇପାରିବେ ନାହିଁ। କର୍ମକ୍ଷେତ୍ରରେ ସାମୟିକ ବ୍ୟତିକ୍ରମ ଲାଗିରହିଲେ ମଧ୍ୟ ନିଶ୍ଚିତ ସଫଳତା ପାଇବେ। ଗୁପ୍ତ ଶତ୍ରୁତା ଓ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**ସିଂହ** ସ୍ୱାସ୍ଥ୍ୟ ଭଲ ରହିବା ସହ ବନ୍ଧୁଙ୍କ ସାହାଯ୍ୟରୁ ଅର୍ଥଲାଭ ଓ କାର୍ଯ୍ୟସିଦ୍ଧି ଘଟିବ। ପାରିବାରିକ କ୍ଷେତ୍ରରେ ରହିଆସିଥିବା ସମସ୍ୟା ଆଜି ଜଣେ ହିତୈଷୀଙ୍କ ସାହଚର୍ଯ୍ୟରେ ସମାଧାନ ହୋଇଯିବ। ପରିବହନ,ବାଣିଜ୍ୟ ଓ ବ୍ୟବସାୟ, ଶିଳ୍ପ ଓ ଏଜେନ୍ସିପ,ପରିବହନରୁ ଖୁସି ରହିବେ।

**କନ୍ୟା** କର୍ମକ୍ଷେତ୍ରରେ ରାହୁଙ୍କ ଅବସ୍ଥିତି ହେତୁ ପରିସ୍ଥିତି ଗମ୍ଭୀର ରହିଲେ ମଧ୍ୟ କାର୍ଯ୍ୟ ସମ୍ପନ୍ନରେ ଅସୁବିଧା ରହିବ ନାହିଁ। ବିବାଦୀୟ ଟିକା,ଟିପ୍ପଣୀ କିୟତ୍ ସମୟରେ ଦୂରେଇଯିବ। ବନ୍ଧୁମାନେ ନିଜର ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ଯଥା ସମୟରେ ପ୍ରସଙ୍ଗ କ୍ରମେ ସାହାଯ୍ୟ କରିବାକୁ ଆଗେଇ ଆସିବେ।

**ତୁଳା** ଆଜି ଧନାଧିପ ସପ୍ତମ କେନ୍ଦ୍ରରୁ ଧନ ସ୍ଥାନକୁ ଦେଖୁଥିବାରୁ ଧନସମ୍ପତ୍ତି,ଜମିଜମା କାରବାର ପାଇଁ ଭଲ। କାର୍ଯ୍ୟାରମ୍ଭରେ କୌଣସି ଗୁରୁ ସ୍ଥାନୀୟ ବ୍ୟକ୍ତି ବିରୋଧାଭାସ ପ୍ରଦର୍ଶନ କରିପାରନ୍ତି। ସଭାସମିତିରେ ଆପଣ ଯୁକ୍ତିବଳରେ ସମସ୍ତଙ୍କ ମୁହଁ ବନ୍ଦ କରିଦେଇପାରିବେ।

**ବିଛା** ଭାଗ୍ୟ ଅଧିପତିଙ୍କ ପ୍ରଭାବରେ କୌଣସି ବନ୍ଧୁଙ୍କ ଆର୍ଥିକ ସାହାଯ୍ୟ ଓ ସହଯୋଗରୁ ମାନସିକ ଅସ୍ଥିରତା ଦୂରେଇଯିବ। ପରିସ୍ଥିତି ଓ ପରିବେଶକୁ ଲକ୍ଷ୍ୟରଖି କାମ କରନ୍ତୁ, ନଚେତ୍ କିଛିଟା ଅସୁବିଧାର ସମ୍ଭାବନା ରହିଛି। କୌଣସି ସଭାସମିତି କିମ୍ବା ଆଲୋଚନା ନତୁବା ଗଠନମୂଳକ କାର୍ଯ୍ୟରେ ଯୋଗଦେଇପାରନ୍ତି।

**ଧନୁ** ଅନ୍ୟମାନଙ୍କ ପ୍ରେରଣା ଦ୍ୱାରା ପ୍ରଭାବିତ ହୋଇ ସମ୍ମାନିତ ହୋଇପାରନ୍ତି। ନୂତନ ସ୍ଥାନକୁ ଯାତ୍ରା କିମ୍ବା ଜମିଜମା କାରବାର କିମ୍ବା ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ବନ୍ଧୁ ଗହଣରେ ବିବାଦୀୟ ମନ୍ତବ୍ୟ ଦେବା କାରଣରୁ ଦୁଶ୍ଚିନ୍ତାଗ୍ରସ୍ତ ହେବେ। ଆଶା ପୂରଣ ହେବାରେ ଜଣେ ବନ୍ଧୁ ଆକସ୍ମିକ ସାହାଯ୍ୟ କରିବେ।

**ମକର** ଗ୍ରହସ୍ଥିତି ଅନୁକୂଳ ଯୋଗୁ ଆପଣ ଯାହା ଓ ଯେମିତି ଚାହୁଁଛନ୍ତି ତାହା କରି ଚାଲନ୍ତୁ ଅବଶ୍ୟ କୃତକାର୍ଯ୍ୟ ହେବେ। ନିଜ ଲୋକମାନଙ୍କ ଖାପଛଡ଼ା ମନୋଭାବ ଓ ସମସ୍ୟା ପରେ ସମସ୍ୟା ଆସୁଥିବା ହେତୁ ବ୍ୟସ୍ତ ହେବେ। ଆର୍ଥିକ ସ୍ଥିତି ମନ୍ଦ ହେବନି କିନ୍ତୁ ହାତକୁ ନେଇଥିବା ଆଜିର କାମଗୁଡ଼ିକ ଡେରିରେ ସମ୍ପନ୍ନ ହେବ।

**କୁମ୍ଭ** ସ୍ୱାସ୍ଥ୍ୟ ଭଲ ରହିବା ସାଙ୍ଗକୁ ଦୃଢ଼ ମନୋବଳ ଆପଣଙ୍କୁ ସାହାଯ୍ୟ କରିବ। ଭଲ ସମ୍ପର୍କ ଥିବା ବନ୍ଧୁ ସାଧାରଣ କଥାରେ ବିଗିଡି ଯାଇପାରନ୍ତି। ପାରିବାରିକ କ୍ଷେତ୍ରରେ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ। ବ୍ୟବସାୟରେ ସଫଳତା ହାସଲ କରିବେ। ନୂତନ କର୍ମାରମ୍ଭ, ଲୋକସମ୍ପର୍କ ପାଇଁ ଦିନଟି ଭଲ।

**ମୀନ** ବୁଧଙ୍କ ପ୍ରଭାବରେ ପାରିବାରିକ ସ୍ତରରେ ନିଜ ଲୋକମାନେ ସାହାଯ୍ୟ ସହଯୋଗ କରିବେ। କାମଟିକୁ ଶେଷ କରିବା ସକାଶେ ବହୁତ ପ୍ରତିରୋଧର ସାମ୍ନା କରିବାକୁ ପଡ଼ିଲେ ମଧ୍ୟ ସଫଳତା ନିଶ୍ଚିତ ମିଳିବ। ବାଣିଜ୍ୟ, ବ୍ୟବସାୟ ତଥା ଆଲୋଚନା କ୍ଷେତ୍ରରେ ସଂଯମତା ଅବଲମ୍ବନ କରନ୍ତୁ।

ଆଜି ଆଶ୍ୱିନ କୃଷ୍ଣ ଦ୍ୱିତୀୟା ଯୁକ୍ତ ତୃତୀୟା ଶୁକ୍ରବାର, ସେପ୍ଟେମ୍ବର ୪ ତାରିଖ, ରାଶି ନକ୍ଷତ୍ର-ଉତ୍ତରଭାଦ୍ରବ/ମୀନ,ଦ୍ୱିତୀୟାରଶ୍ରାଦ୍ଧ, ସକାଳ ଘ.୦୫।୦୫ ଗତେ ଘ.୦୬।୨୪ ମଧ୍ୟେ, ଘ. ୦୭।୧୪ ଗତେ ଘ.୦୯।୪୨ ମଧ୍ୟେ, ଘ.୧୨।୧୦ ଗତେ ଘ.୦୨।୩୮ମଧ୍ୟେ, ଘ.୦୪।୧୬ ଗତେ ଘ.୦୫।୫୫ ମଧ୍ୟେ, ସନ୍ଧ୍ୟା ଘ.୦୭।୨୮ ଗତେ ଘ.୦୯।୦୨ ମଧ୍ୟେ, ରାତ୍ରି ଘ.୦୧।୪୨ ଗତେ ଘ.୦୩।୧୫ ମଧ୍ୟେ ଅମୃତବେଳା, ରାତ୍ରି ଘ.୦୯।୦୨ ଗତେ ଘ.୦୯।୪୮ ମଧ୍ୟେ, ଘ.୦୩।୧୫ ଗତେ ଘ.୦୪।୦୨ ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୦।୧୩ ଗତେ ଘ.୧୧।୪୫ ମଧ୍ୟେ ରାହୁକାଳ।


# classifieds

**Everyday 0674-2580101, 2549302**

real estate

**SALE**

Plot near AIIMS Hospital, close to 40ft Revenue road, yellowzone. 8018412115. D-18110

**Land sale farm house/ industry roadside at Dhenkanal area 60km from Cuttack. 7809525452, 8249851363.** D-69533

**Booking open for 3BHK luxurious & premimum flat at Surya Nagar, Bhubaneswar, genuine buyer Contact: DEEPAK- 9937329999.** D-69907

ଭୁବନେଶ୍ୱର ଲିଙ୍ଗିପୁର ପାଖରେ **2200sqft.** ଜାଗା ଉପରେ **3**ମହଲା ଘର ବିକ୍ରୟହେବ। **Bank finance** ସୁବିଧା ଅଛି। ଯୋଗାଯୋଗ: **9438109040, 8144658008 (Only genuine buyer).** D-18086

ଭୁବନେଶ୍ୱର ନିକଟସ୍ଥ ପିତାପଲ୍ଲୀଛକରେ **NH16**କୁ ଲାଗି **30ft mainroad** ଓ **25ft subroad** ଥାଇ **BDA** ଅନ୍ତର୍ଭୁକ୍ତ ସ୍ଥିତିବାନ ପ୍ଲଟ୍ **Electricity,** ପାଚେରିସହ ମିଳୁଅଛି। **9090963952.** D-69141

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9348817649, 9348232008. D-69151

**Bhubaneswar Engineering College (BEC), Backside Govt.** ରାସ୍ତାକୁ ଲାଗି ସ୍ଥିତିବାନ ପ୍ଲଟ୍ ମିଳୁଅଛି। **8338932027.** D-69150

**2500sqft. boundarywall with borewel NH-5 Pahal, 4BHK flat at Vipulgarden, Bhubaneswar. 9437110746.** D-69152

ଭୁବନେଶ୍ୱର ପଟିଆ, ରଘୁନାଥପୁର, ଫୁଲନଖରା ପାଖରେ **1,2,3BHK Simplex/ Duplex** ଅଛି। **8327785834, 9658122456.** D-69153

**PURCHASE**

ଭୁବନେଶ୍ୱରରେ ଘର କରିବା ପାଇଁ ପାଚେରି ହୋଇଥିବା ପ୍ଲଟ୍ ଦରକାର। Land owner Contact: 9439493164. D-69157

**GENERAL**

PURCHASE

We purchase land, old building and old gold. Contact: Hindustan Jewellers. 9437033691. D-68366

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

to-let

Ground floor 1500sqft. near Ravitalkies for Office/ Institution. Rent Rs. 20,000. 8249204856. D-59872

healthcare

Newly open full body massage SPA in Bhubaneswar. Contact: 7205058838. D-69731

Herbal full body massage by smart/expert therapist. Contact: 8338067247. D-69729

Newly open SPA centre smart therapist body massage, Bamikhal. 7205187702. D-59957

Newly open SPA centre smart therapist body massage, Rasulgarh. 7846814019. D-59958

Swarna SPA newly open positively health benefits with expert therapist. 7873794731. D-69734

Get refreshment body massage by expert therapist contact for. 9556978408. D-69733

Monika massage centre: Get body massage with smart lady therapist, room service provide here 8235379277. D-18094

Relaxing body massage by Lady/ Gents therapists - 7008773793. D-60888

Newly open full body massage by Lady/ Gents therapists - 8018656899. D-60887

**AFFIDAVIT**

By virtue of an affidavit before Executive Magistrate, Bhubaneswar on 28.8.2020, I Sri Bhabani Sankar Pariray declare that to need correction of Date of Birth 04.01.1988 instead of 07.05.1987 in my Driving License No : OR-0220060059719. D-18113

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଜନ୍ମଦିନ ଶୁଭେଚ୍ଛା**



**ରାଧାରାଣୀ ପଲେଇ**
ଜି.ଜି.ପି. କଲୋନୀ, ରସୁଲଗଡ଼
ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି କାମନା ତୋତେ ସର୍ବଦା ଭଲରେ ରଖନ୍ତୁ।
**-:ଶୁଭେଚ୍ଛା ସହ:-**
ବାପା, ମାଆ, ଜେଜେବାପା, ଜେଜେମାଆ, ବଡ଼ ବାପା, ବଡ଼ ମାଆ, ମାମାଦିଦି, ରଣଜିତ୍ ପିଇସା, ଲୋରା, ଧନ, ତିତ୍‌ଲି, ନେନା, କୁନି ଝିଅ।
ଧ-୧୮୧୦୭

**Happy Birthday**



(Shriya)
**Adyasha Priyanshi**
**Brahmapur**
Happy Birthday Shriya. May Lord Jagannath bless you with loads success and prosperity in life. Keep smiling always. **Best Wishes:**Jeje Bapa, Jeje Maa, Papa, Mama, Aja, Aai, Dada, Khudi, Mamu, Main, Nitun, Sipun, Goon, Goodly and Shobhit.
D-18108

**ପ୍ରଥମ ଜନ୍ମଦିନ ଶୁଭେଚ୍ଛା**



**ଅମିତ୍ରଜିତ୍ ମଲ୍ଲିକ**
ଜଗୁଲାଇପଡା, ରାଜକନିକା
ଆଜି ତୋର ଜନ୍ମଦିନରେ ବାବା ଆଖଣ୍ଡଳମଣି ଏବଂ ଶ୍ରୀଜଗନ୍ନାଥଙ୍କ ଚରଣରେ ପ୍ରାର୍ଥନା କରୁଛୁ କି ତାଙ୍କର କରୁଣାରୁ ତୋର ଚଲାପଥ କୁସୁମିତ ଓ ଉଜ୍ଜ୍ୱଳ ହେଉ ଭବିଷ୍ୟତ।
**-:ଶୁଭେଚ୍ଛା ସହ:-**
ବାବା: ଉମାକାନ୍ତ ମଲ୍ଲିକ, ମାମା: ମାନସୀ ମଲ୍ଲିକ, ଜେଜେ ସ୍ୱର୍ଗତ: ଉପେନ୍ଦ୍ର ମଲ୍ଲିକ।
ଧ-୬୯୭୩୫

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

**ରାତିରେ ମହିଳାଙ୍କ ଘରେ ପଶିବାରୁ ଏତଲା**

ପଡିଆ/ଏମଭି ୭୯,(ଡି.ଏନ.ଏ.)-ପଡିଆ ବ୍ଲକ ଶିମିଳିବାଞ୍ଚୀ ପଞ୍ଚାୟତ ଅନ୍ତର୍ଗତ ଏମ୍ଭି-୬୧ ଗ୍ରାମରେ ଜଣେ ମହିଳାଙ୍କ ଘରେ ତାଙ୍କ ସ୍ୱାମୀ ନ ଥିବା ସୁଯୋଗ ନେଇ ସେହି ଗ୍ରାମର ଜଣେ ବ୍ୟକ୍ତି ବୁଧବାର ରାତିରେ ତାଙ୍କ ଘରେ ପଶିଥିଲେ। ଏନେଇ ମହିଳା ଜଣଙ୍କ ଥାନାରେ ଅଭିଯୋଗ କରିଛନ୍ତି। ଖବରରୁ ଜଣାପଡିଛି ଗ୍ରାମର ନୀଳିମା ପଟାରୀ ମଙ୍ଗଳବାର ରାତିରେ ଘରେ ଶୋଇଥିବା ବେଳେ ତାଙ୍କ ପଡୋଶୀ ମଦନ ବୈରାଗୀ ତାଙ୍କ ଘରକୁ ଆସିଥିଲେ। ତାଙ୍କ ନିଦ ଭାଙ୍ଗିଯିବାରୁ ସେ ଉଠିପଡି ମଦନଙ୍କ ଉପରେ ପାଟିତୁଣ୍ଡ କରିଥିଲେ। ପରେ ଗୁରୁବାର ପୀଡିତା ଏମଭି ୭୯ ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଛନ୍ତି।

## ସଂକ୍ଷେପରେ

### କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ କରୋନା

କୋରାପୁଟ,୩।୯(ସ୍ୱ.ପ୍ର.)-କୋରାପୁଟସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡିଶାର କୁଳପତି ପ୍ରଫେସର ଆଇ ରାମବ୍ରହ୍ମମଙ୍କୁ କରୋନା ହୋଇଥିବା ବିଶ୍ୱବିଦ୍ୟାଳୟର ଲୋକ ସମ୍ପର୍କ ଅଧିକାରୀ ଫଗୁନାଥ ଭୋଇ ସୂଚନା ଦେଇଛନ୍ତି। ଗୁରବାର କୁଳପତିଙ୍କ କରୋନା ପଜିଟିଭ ଜଣାପଡିବା ପରେ ଶୁକ୍ରବାର ବିଶ୍ୱବିଦ୍ୟାଳୟକୁ ବନ୍ଦ ଘୋଷଣା କରାଯାଇଛି। ଏହି ଦିନ ବିଶ୍ୱ ବିଦ୍ୟାଳୟକୁ ସାନିଟାଇଜ କରାଯିବ। ସେହିପରି କୁଳପତିଙ୍କ ସଂସ୍ପର୍ଶରେ ଆସିଥିବା ପ୍ରଫେସର ଓ କର୍ମଚାରୀଙ୍କ ନମୁନା ପରୀକ୍ଷା ପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି। କୁଳପତି ଘରୋଇ କ୍ୱାରାଣ୍ଟାଇନରେ ରହିବେ। ତାଙ୍କର ଚିକିତ୍ସା କରାଯିବ ବୋଲି ରେଜିଷ୍ଟ୍ରାର ପ୍ରଫେସର ଅସିତ କୁମାର ଦାସ କହିଛନ୍ତି।

### ଜିଲା କ୍ରିକେଟ୍ କ୍ଲବ୍ ପ୍ରତିଷ୍ଠାତାଙ୍କ ପରଲୋକ

ମାଲକାନଗିରି, ୩।୯(ଡି.ଏନ.ଏ)-ମାଲକାନଗିରି ଜିଲା କ୍ରିକେଟ୍ କ୍ଲବର ପ୍ରତିଷ୍ଠାତା ତଥା ସମାଜିକ କର୍ମୀ ରଞ୍ଜନ କୁମାର ରାଉତଙ୍କ ମୃତ୍ୟୁ ହୋଇଯାଇଛି। ତାଙ୍କ ମଅତ୍ୟୁରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ସେ ରାଜସ୍ୱ ବିଭାଗରେ କାର୍ଯ୍ୟ କରୁଥିଲେ।ଜିଲାରେ ପ୍ରଥମେ କ୍ରିକେଟ୍ କ୍ଲବ୍ ପ୍ରତିଷ୍ଠା କରିଥିଲେ। ଏଥିସହ ରାଜସ୍ୱ ବିଭାଗର ଅମଲା ସଂଘର ଜିଲା ଏବଂ ରାଜ୍ୟ ସ୍ତରର କର୍ମକର୍ତ୍ତା ଥିଲେ। ସେ ପଦୋନ୍ନତି ପାଇ କାମାକ୍ଷାନଗର ତହସିଲର ଅତିରିକ୍ତ ତହସିଲଦାର ଭାବେ କାର୍ଯ୍ୟ କରୁଥିଲେ। ଅସୁସ୍ଥ ହେତୁ ଭୁବନେଶ୍ୱର ସ୍ଥିତ ଆର୍ମି ହସ୍ପିଟାଲ୍‌ରେ ଭର୍ତ୍ତି ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲଶ। କ୍ରିକେଟ୍ କ୍ଲବ୍ ପକ୍ଷରୁ ଡି.ଏନ.କେ ଖେଳ ପଡିଆ ଠାରେ ସ୍ୱର୍ଗତ ରାଉତଙ୍କ ଏକ ସ୍ମୃତି ଶୋକସଭା ସମ୍ପାଦକ ସୂର୍ଯ୍ୟ ନାରାୟଣ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଏମ.ଡି ଫାରୁକ୍, ଶଙ୍କର କ୍ଷେତି, ବାଣୀକିଙ୍କର ପଟ୍ଟନାୟକ, ପ୍ରତାପ ରାଜ ଚନ୍ଦ୍ର, ଶ୍ରୀନିବାସ ରାଓଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

### ବଢୁଛି କରୋନା ସଂକ୍ରମଣ

କୋଟପାଡ଼,୩।୯(ଡି.ଏନ୍.ଏ.)-କୋରାପୁଟ ଜିଲା କୋଟପାଡ଼ ଅଞ୍ଚଳର ଗ୍ରାମାଞ୍ଚଳ ଓ ଏନ୍‌ଏସି ଅଞ୍ଚଳରେ କରୋନା ଦିନକୁ ଦିନ ବଢିବାରେ ଲାଗିଛି। ଗତ କିଛିଦିନ ମଧରେ ସହରର ବିଭିନ୍ନ ୱାର୍ଡରେ ଏହାର ସଂଖ୍ୟା ବଢିବାରେ ଲାଗିଛି। ଏପରିକି କି ବିଧାୟକା ତଥା ରାଜ୍ୟ ହସ୍ତତନ୍ତ ବୟନ ଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ ଓ ପୂର୍ବତନ ଏନ୍‌ଏସି ଅଧକ୍ଷ ଶଙ୍କର ରାଓଙ୍କର ମଧ କରୋନା ପଜିଟିଭ୍ ବାହାରିଛି। ସେମାନଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କୁ ସ୍ୱାବ୍ ଟେଷ୍ଟ କରିବାକୁ କୁହାଯାଇଛି। ବର୍ତ୍ତମାନ ଏହି ଅଞ୍ଚଳକୁ କଣ୍ଟେନ୍‌ମେଣ୍ଟ ଜୋନ ରୂପେ ଜିଲାପାଳ ନିର୍ଦ୍ଦେଶ ଦେଇଥିବାବେଳେ ଏଠାରେ ତାହା କର୍ଯ୍ୟକାରୀ ହେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଅନ୍ୟ ପକ୍ଷରେ କେନ୍ଦ୍ର ଓ ରାଜ୍ୟ ସରକାର ଲକ୍‌ଡାଉନ ଓ ଶଟ୍‌ଡାଉନ ଉଠାଇଦେଇଥିବାରୁ ସଂକ୍ରମିତଙ୍କ ସଂଖ୍ୟା ଆଗକୁ ବଢିବାରେ ଆଶଙ୍କା ରହିଛି। ଏଠରେ ଲୋକେ ସାମାଜିକ ଦୂରତା ମାନୁ ନ ଥିବା ମଧ ଦେଖିବାକୁ ମିଳୁଛି। ପ୍ରଶାସନ ପକ୍ଷରୁ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

### ଜୟପୁରକୁ ସୌନ୍ଦର୍ଯ୍ୟକରଣ କରିବା ନେଇ ପ୍ରୟାସ

ଜୟପୁର,୩।୯(ନି.ପ୍ର.)-କୋରାପୁଟ ଜିଲାର ଐତିହାସିକ ସହର ଜୟପୁରକୁ ସୌନ୍ଦର୍ଯ୍ୟକରଣ କରିବା ପାଇଁ ବିଧାୟକ ତାରାପ୍ରସାଦ ବାହିନୀପତି ଗୁରୁବାର ସହରର ବିଭିନ୍ନ ସ୍ଥାନ ବୁଲି ଦେଖିଛନ୍ତି। ତାଙ୍କ ସହ ପିଡି ପ୍ରବୀର କୁମାର ନାୟକ, ଜୟପୁର ଉପଜିଲାପାଳ ହେମନ୍ତ ସ୍ୱୟ ଏବଂ ପୌରପାଳିକାର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଉପସ୍ଥିତ ଥିଲେ। ସହର ଝଲସିବାକୁ ରଙ୍ଗବେରଙ୍ଗ ଆଲୁଅ ଲାଗିବା, ନୀଳକଣ୍ଠ ସାଗରଠାରେ ଏକ ଉଦ୍ୟାନ ନିର୍ମାଣ, ଜୟପୁର ପୌରପଳିକାର ବାରିଣୀପୁଟ ନିକଟସ୍ଥ ପ୍ରବେଶ ପଥରେ ଜୟପୁର କଳାସଂସ୍କୃତି ସମ୍ପର୍କିତ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ। ଏଥିସହ ଜୟପୁର ଗାନ୍ଧିଛକରେ ଗାନ୍ଧୀଙ୍କ ବିଶାଳ ପ୍ରତିମୂର୍ତ୍ତି ପ୍ରତିଷ୍ଠା, ବିକ୍ରମଦେବ ଦଶହରା ପଡିଆକୁ ଆନ୍ତଃରାଜ୍ୟ ଖେଳ ପଡିଆ କରାଯିବା ନେଇ ପଦକ୍ଷେପ ନିଆଯିବ ବୋଲି ବାହିନୀପତି ସୂଚନା ଦେଇଛନ୍ତି।

# ବୋରିଗୁମ୍ମା ବ୍ଲକରେ ସ୍ୱଚ୍ଛ ଭାରତ ମିଶନରେ ଦୁର୍ନୀତି

ବୋରିଗୁମ୍ମା,୩।୯ (ଡି.ଏନ.ଏ.)

କୋରାପୁଟ ଜିଲାର ବୋରିଗୁମ୍ମା ବ୍ଲକରେ କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ଭାରତ ମିଶନରେ ଦୁର୍ନୀତି ହୋଇଥିବା ଅଭିଯୋଗ ହେଉଛି। ପାଇଖାନା ନିର୍ମାଣ ନ ହୋଇ ପାନୀୟ ଜଳ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ପାଇଖାନା ବିଲ୍ କରି ଅର୍ଥ ହଡପ କରୁଥିବା ଜଣାପଡିଛି। ଏପରିକି ଦୀର୍ଘ ବର୍ଷ ହେଲା ମୃତ୍ୟୁବରଣ କରିଥିବା ବ୍ୟକ୍ତିବିଶେଷଙ୍କ ନାମରେ ମଧ ପାଇଖାନା ନିର୍ମାଣ ହୋଇଥିବା ନେଇ ବିଲ୍ ହେଉଛି। ହିତାଧିକାରୀ ନିଜେ ପାଇଖାନା ନିର୍ମାଣ କରି ଦୀର୍ଘ ବର୍ଷ ହେଲା ଏବାବଦ ଟଙ୍କା ପାଉ ନ ଥିବା ବେଳେ ପାଇଖାନା ନିର୍ମଣ ନ କରି ଖୁବ୍ ସହଜରେ ଟଙ୍କା ହଡପ ହେଉଛି। ବ୍ଲକର କଣାଗାଁ ପଞ୍ଚାୟତରେ ଏହିଭଳି ଘଟଣା ଦେଖିବାକୁ ମିଳିଛି। କଣାଗାଁ ଗ୍ରାମର ରିତେଶ ବିଶୋୟୀଙ୍କ ସହ କେତେଜଣ ବ୍ୟକ୍ତି ସ୍ୱଚ୍ଛ ଭାରତ ମିଶନରେ ପାଇଖାନା ନିର୍ମାଣ ସକାଶେ କନିଷ୍ଠ ଯନ୍ତ୍ରୀ କଲ୍ୟାଣୀ ପ୍ରଧାନଙ୍କ ନିକଟକୁ ଯାଇଥିଲେ। ଏହି ସମୟରେ ସେ ରିତେଶଙ୍କୁ କହିଥିଲେ ଯେ, ତୁମ ବାପା ଅଭିମନ୍ୟୁ ବିଶୋୟୀଙ୍କ ନାମରେ ପାଇଖାନା ବିଲ୍ ହୋଇସାରିଛି। ଏଣୁ ତୁମ ନାମରେ ଆଉ କୌଣସି ପାଇଖାନା ନିର୍ମାଣ ହୋଇପାରିବ ନାହିଁ। କଣାଗାଁ ର ଅନେକଙ୍କ ଘରେ ପାଇଖାନା ନାହିଁ। ମାତ୍ର ପାଇଖାନା ନିର୍ମାଣ ନାମରେ ଲକ୍ଷ ଲକ୍ଷ ଟଙ୍କା ହଡପ ହେଉଥିବା ଗ୍ରାମବାସୀ



ଅଭିଯୋଗ କରୁଥିବା ଗ୍ରାମବାସୀ।

ଅଭିଯୋଗ କରିଛନ୍ତି। ଗ୍ରାମର ପଦ୍ମନାଭ ବିଶୋୟୀ, ଗୌରୀ ଶଙ୍କର ବିଶୋୟୀ, ପଦ୍ମାବତୀ ବିଶୋୟୀ, ମହେନ୍ଦ୍ର ବିଶୋୟୀ, ରାମନାଥ ବିଶୋୟୀ, ନିରଞ୍ଜନ ବିଶୋୟୀ, ହେମନ୍ତ ବିଶୋୟୀ, ବନ୍ଦିତା ବିଶୋୟୀ, ପ୍ରଦୀପ ବିଶୋୟୀ, ରାଜେନ୍ଦ୍ର ବିଶୋୟୀ, ଗଣେଶ ଚନ୍ଦ୍ର ବିଶୋୟୀ ପ୍ରମୁଖଙ୍କ ଘରେ ପାଇଖାନା ନିର୍ମାଣ ହୋଇ ନ ଥିଲେ ମଧ ସେମାନଙ୍କ ନାମରେ ବିଲ୍ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେହିଭଳି କିଛି ବର୍ଷ ତଳେ

**ପାଇଖାନା ନିର୍ମାଣ ନ ହୋଇ ହେଉଛି ବିଲ୍**

ମୃତ୍ୟୁବରଣ କରିଥିବା ଲୋକନାଥ ବିଶୋୟୀ ଓ ଫୁଲମତି ବିଶୋୟୀଙ୍କ ନାମରେ ପାଇଖାନା ନିର୍ମାଣ ହୋଇଥିବା ଗ୍ରାମବାସୀ କହିଛନ୍ତି। କେତେଜଣ ହିତାଧିକାରୀ ପାଇଖାନା ନିର୍ମାଣ କରିଥିଲେ ମଧ ବିଲ୍ ଏପର୍ଯ୍ୟନ୍ତ ହୋଇନାହିଁ। ସବିତ ବିଶୋୟୀ ନାମକ ମହିଳାଙ୍କୁ ଚନ୍ଦ୍ର ନାୟକଗୁଡା ଗ୍ରାମରେ ୧୬ଟି ପାଇଖାନା ନିର୍ମାଣ ସକାଶେ ତତ୍କାଳୀନ କନିଷ୍ଠ ଯନ୍ତ୍ରୀ ଲିଖିତ କାର୍ଯ୍ୟାଦେଶ ଦେଇଥିଲେ। ୨୦୧୮-୧୯ରେ ସବିତ ୧୬ଟି ପାଇଖାନା ନିର୍ମାଣ କରି ବିଲ୍ ଧରି କନିଷ୍ଠ ଯନ୍ତ୍ରୀଙ୍କ ପାଖକୁ ଯାଇଥିଲେ। ମାତ୍ର ଏପର୍ଯ୍ୟନ୍ତ ମହିଳା ଜଣକ ତାଙ୍କ ଟଙ୍କା ପାଇନାହାନ୍ତି। ଏ ସମ୍ପର୍କରେ କନିଷ୍ଠଯନ୍ତ୍ରୀ କଲ୍ୟାଣୀ ପ୍ରଧାନଙ୍କୁ ପଚାରିବାରୁ ସେ ଏ ବିଷୟରେ କିଛି କହିବାକୁ ମନା କରି ଦେଇଥିଲେ।

# ୨ ଦୁର୍ଘଟଣାରେ ଜଣେ ମୃତ, ୪ ଆହତ

କାଲିମେଲା,୩।୯(ଡି.ଏନ.ଏ.)

ମାଲକାନଗିରି ଜିଲା କାଲିମେଲା ବ୍ଲକରେ ଗୁରୁବାର ୨ଟି ଦୁର୍ଘଟଣାରେ ଜଣକର ମୃତ୍ୟୁ ହୋଇଥିବାବେଳେ ୪ଜଣ ଆହତ ହୋଇଛନ୍ତି। ଏମଭି-୭୯ ଥାନା ଅନ୍ତର୍ଗତ ଏମଭି-୭୪ ଛକଠାରୁ କିଛି ଦୂରରେ ଥିବା କଲଭର୍ଟରେ ଏକ ବାଇକ୍ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ଘଟଣା ସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଛି। ଜଣେ ଆହତ ହୋଇଛନ୍ତି। ମୃତକ ହେଲେ ବେଜାଙ୍ଗିବାଡା ପଞ୍ଚାୟତର ଏମପିଭି-୧୨୪ ଗ୍ରାମର ଗଣେଶ ମଣ୍ଡଳଙ୍କ ପୁଅ ମନତୋଷ ମଣ୍ଡଳ(୨୫)। ଆହତ ଜଣକ ହେଉଛନ୍ତି ଚିତ ମିସ୍ତ୍ରୀଙ୍କ ପୁଅ ସୁବାଷ ମିସ୍ତ୍ରୀ। ଖବରରୁ ଜଣାପଡିଛି ମନତୋଷ ଏବଂ ସୁବାଷ ଏମପିଭି-୧୨୪ ନିଜ ଗ୍ରାମରୁ ଏକ ବାଇକ୍‌ରେ କୌଣସି କାମରେ ଏମଭି-୯୬ ଗ୍ରାମକୁ ଯାଉଥିଲେ। ତେବେ ଏମଭି-୭୪ ନିକଟରେ ବାଇକଟି ଭାରସାମ୍ୟ ହରାଇ ଏକ କଲଭର୍ଟରେ ପିଟିହୋଇଯାଇଥିଲା। ଘଟଣା ସ୍ଥଳରେ ମନତୋଷଙ୍କ ମୃତ୍ୟୁ ହୋଇଯାଇଥିଲା। ଆହତ ସୁବାଷଙ୍କୁ କାଲିମେଲା ମେଡିକାଲରେ ଭର୍ତ୍ତି କରାଯାଇଛି। ଖବର ପାଇ ଏମଭି-୭୯ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

ସେହିପରି ୩୨୬ ନଂ ଜାତୀୟ ରାଜପଥର ଏମ୍‌ପିଭି-୩୧ ଛକ ନିକଟରେ ୨ଟି ବାଇକ୍ ମଧରେ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ୩ ଜଣ ଆହତ ହୋଇଛନ୍ତି। ଆହତ ବ୍ୟକ୍ତିମାନଙ୍କୁ କାଲିମେଲା ଅଗ୍ନିଶମ ବିଭାଗ କର୍ମଚାରୀ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ୨ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେଠାରୁ ସେମାନଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ମାଲକାନଗିରି ଥାନା ଶିଖପାଲି ପଞ୍ଚାୟତ ଏମ୍‌ପିଭି-୧୭ ଗ୍ରାମର ଦୀପକ ମଜୁମଦାର(୩୩) ଏବଂ ତାଙ୍କ ଶଳା ଏମ୍‌ପିଭି-୧୭ ଗ୍ରାମର ବାବୁ ଚୌଧୁରୀ ଏକ ବାଇକ୍ ଯୋଗେ କାଲିମେଲାରୁ ନିଜ ଗ୍ରାମକୁ ଯାଉଥିବା ସମୟରେ ଏମ୍‌ଭି-୭୯ ଇରିଗେସନ ବିଭାଗରେ କାର୍ଯ୍ୟରତ ଲକ୍ଷ୍ମଣ ଖେମୁଣ୍ଡୁ ମାଲକାନଗିରି ଯାଇ ଗ୍ରାମକୁ ଫେରୁଥିଲେ। ଏହି ସମୟରେ ଉପରୋକ୍ତ ସ୍ଥାନରେ ଉଭୟ ବାଇକ ମଧରେ ଧକ୍କା ହୋଇଥିଲା। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ମାଲକାନଗିରି: ୫୫ ଆକ୍ରାନ୍ତ ଚିହ୍ନଟ

ମାଲକାନଗିରି, ୩।୯(ଡି.ଏନ.ଏ.)

ମାଲକାନଗିରି ଜିଲାରେ ଗୁରୁବାର ପୁଣି ୫୫ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।। ଫଳରେ ଜିଲାରେ ସଂଖ୍ୟା ୨୪୭୩କୁ ବୃଦ୍ଧି ପାଇଛି। ଚିହ୍ନଟ ୫୫ଙ୍କ ମଧ୍ୟରେ ମାଲକାନଗିରି ପୌର ପରିଷଦ ଅଞ୍ଚଳରୁ ୨୨ ଜଣ, ବାଲିମେଳା ଏନ.ଏ.ସି, କୋରୁକୋଣ୍ଡା ବ୍ଲକରୁ ଜଣେ ଲେଖାଏ, ମାଥିଲି ବ୍ଲକରୁ ୯, ମାଲକାନଗିରି ବ୍ଲକରୁ ୨, କାଲିମେଲା ବ୍ଲକରୁ ୮, ଚିତ୍ରକୋଣ୍ଡା ବ୍ଲକରୁ ୯ ଓ ଖଇରପୁଟ ବ୍ଲକରୁ ୩ ଜଣ ଚିହ୍ନଟ ହୋଇଛନ୍ତି। ମାଲକାନଗିରି ପୌର ପରିଷଦ ଅଞ୍ଚଳରୁ ଆକ୍ରାନ୍ତଙ୍କ ମଧ୍ୟରୁ ୧୪ ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ବେଳେ ୩ ଜଣ କ୍ଲିନିକରୁ ଓ ୫ ଜଣ ପ୍ରତି ଘର ସର୍ଭେ ବେଳେ ଚିହ୍ନଟ ହୋଇଛନ୍ତି। ବାଲିମେଳା ଏନ.ଏ.ସିର ଆକ୍ରାନ୍ତ ଓ ମାଥିଲି ବ୍ଲକର ଆକ୍ରାନ୍ତଙ୍କ ମଧ୍ୟରୁ ୩ ଜଣ କ୍ଲିନିକରୁ ସ୍ଥାନାନ୍ତରିତ ହୋଇଛନ୍ତି। ମାଲକାନଗିରି ବ୍ଲକର ଆକ୍ରାନ୍ତ ଗୌଡ଼ଗୁଡ଼ା ଓ ପଦ୍ମଗିରି ପଞ୍ଚାୟତର ଆକ୍ରାନ୍ତ କ୍ଲିନିକରୁ ସ୍ଥାନାନ୍ତରିତ ହୋଇଛନ୍ତି। କୋରୁକୋଣ୍ଡା ବ୍ଲକ ସୋମନାଥପୁର ପଞ୍ଚାୟତର ଆକ୍ରାନ୍ତ ଜଣକ ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ଜଣାପଡ଼ିଛି। କାଲିମେଳା ବ୍ଲକର ଆକ୍ରାନ୍ତଙ୍କ ମଧ୍ୟରୁ ୩ ଜଣ ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ବେଳେ ୪ ଜଣ କ୍ଲିନିକରୁ ସ୍ଥାନାନ୍ତରିତ ହୋଇଛନ୍ତି। ଚିତ୍ରକୋଣ୍ଡା ବ୍ଲକର ଆକ୍ରାନ୍ତଙ୍କ ମଧ୍ୟରୁ ୫ ଜଣ ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ବେଳେ ୨ ଜଣ କ୍ଲିନିକରୁ ସ୍ଥାନାନ୍ତରିତ ହୋଇଛନ୍ତି। ୨ ଜଣ ଘର ସର୍ଭେ ବେଳେ ଚିହ୍ନଟ ହୋଇଛନ୍ତି। ସେହିପରି ଖଇରପୁଟ ବ୍ଲକର ୨ ଜଣ ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ବେଳେ ଜଣେ ଘର ସର୍ଭେ ବେଳେ ଚିହ୍ନଟ ହୋଇଥିବା ଜଣାପଡ଼ିଛି।

# ସରିଲା ବିଦ୍ୟାଳୟରେ ପ୍ରଥମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଆଡମିଶନ

ଜୟପୁର,୩।୯(ଡି.ଏନ.ଏ.)

କାରୋନା ମହାମାରୀ ଯୋଗୁ ଚଳିତବର୍ଷ ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ନିମନ୍ତେ ପାଠ୍ୟକ୍ରମ ନିମନ୍ତେ ଅଦ୍ୟାବଧି ଖୋଲାଯାଇନାହିଁ। କିନ୍ତୁ କୋରାପୁଟ ଜିଲା ଜୟପୁର ବ୍ଲକରେ ୨୨୦୬ଜଣ ଏବଂ ପୌରସଂସ୍ଥାରେ ୪୨୨ ଜଣ ଛାତ୍ରୀ ଛାତ୍ର ପ୍ରଥମ ଶ୍ରେଣୀରେ ଆଡ୍‌ମିଶନ କରିଛନ୍ତି। ଗତ ମାର୍ଚ୍ଚ ୨୪ରୁ ଲକ୍‌ଡାଉନ ଯୋଗୁ ସରକାରୀ ବିଦ୍ୟାଳୟଗୁଡିକରେ ବିଭିନ୍ନ ଶ୍ରେଣୀର ପରୀକ୍ଷା ହୋଇ ନ ଥିଲା। ଛାତ୍ରୀଛାତ୍ରଙ୍କୁ ଉପର ଶ୍ରେଣୀକୁ ନେବା ନେଇ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଆସିବାରୁ ତାହାକୁ କାର୍ଯ୍ୟକାରୀ

**ବ୍ଲକରେ ୨୨୦୬, ପୌରସଂସ୍ଥାରେ ୪୨୨**

କରାଯାଇଥିଲା। ସରକାରଙ୍କ ନିର୍ଦ୍ଦେଶକ୍ରମେ ଜୁନ ୮ ରୁ ଜୁଲାଇ୧୫ ମଧ୍ୟରେ ପିଲାଙ୍କ ଆଡମିଶନ କରିବାକୁ ସମୟ ଧାର୍ଯ୍ୟ ହୋଇଥିଲା। ଚଳିତବର୍ଷ ପ୍ରଥମ ଶ୍ରେଣୀରେ ନୂତନ ଭାବେ ବ୍ଲକରେ ୧୧ଟି କ୍ଲଷ୍ଟରରେ ଥିବା ୧୯୨ ବିଦ୍ୟାଳୟରୁ ୧୭୮ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଏବଂ ଅପ୍‌ଗ୍ରେଡ ବିଦ୍ୟାଳୟରେ ୨୨୦୬ ଜଣ ଛାତ୍ରୀଛାତ୍ର ଆଡମିଶନ ନେଇଛନ୍ତି। ଜୟନ୍ତିଗିରି କ୍ଲଷ୍ଟରେ ସର୍ବାଧିକ ୨୬୧ଜଣ ଏବଂ ଆମ୍ବାଗୁଡାରେ ସର୍ବନିମ୍ନ ୧୪୧ ଜଣ ରହିଛନ୍ତି। ବାରିଣୀପୁଟ ୧୪୯, ଡିମଳା ୧୮୨, ଡଙ୍ଗରଛିଞ୍ଚି ୧୭୩, ଜାମୁଣ୍ଡା ୨୩୮, ଜୟନ୍ତିଗିରି ୨୬୧, କାଳିଆଗାଁ ୨୫୭, କଙ୍ଗା ୧୮୦, କୁନ୍ତରଖାଲ ୨୨୯, ଫାମ୍ପୁଣି ୨୧୫, ରଣ୍ଡାପାଲି ୧୮୧ ଜଣ ଛାତ୍ରୀଛାତ୍ର ଆଡମିଶନ ନେଇଛନ୍ତି। ସେହିପରି ପୌରସଂସ୍ଥାର ୪ଟି କ୍ଲଷ୍ଟରେ ୪୭ଟି ବିଦ୍ୟାଳୟ ମଧ୍ୟରୁ ୩୯ଟି ବିଦ୍ୟାଳୟରେ ୪୨୨ଜଣ ଛାତ୍ରୀଛାତ୍ର ଆଡମିଶନ କରିଛନ୍ତି। ସେଥିରୁ ହରିଜନ ସାହି ପ୍ରାଥମିକ ବିଦ୍ୟାଳୟ କ୍ଲଷ୍ଟରରେ ୧୩୪ ଜଣ, ଦକ୍ଷିଣ ପ୍ରାଥମିକ, କୁମ୍ଭାରସାହି ଏବଂ ବାଳିକା ବିଦ୍ୟାଳୟ କ୍ଲଷ୍ଟରେ ପ୍ରତ୍ୟେକ ୯୬ଜଣ ଛାତ୍ରୀଛାତ୍ର ଆଡମିଶନ କରିଥିବା ଜୟପୁର ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।

# କୋରାପୁଟ ଜିଲାରୁ ୯୩ ପଜିଟିଭ ଚିହ୍ନଟ

କୋରାପୁଟ,୩।୯,(ସ୍ୱ.ପ୍ର.)

କୋରାପୁଟ ଜିଲାରେ ଗୁରୁବାର ପୁଣି ୯୩ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୩୮ ମହିଳା ଓ ୫୫ ଜଣ ପୁରୁଷ ରହିଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩୭୯୦କୁ ବୃଦ୍ଧିପାଇଛି। ଚିହ୍ନଟ ପଜିଟିଭଙ୍କ ମଧ୍ୟରେ ଟିଏମ୍‌ସିରୁ ୩ ଜଣ ପୂର୍ବ ପଜିଟିଭଙ୍କ ସଂସ୍ପର୍ଶରେ ଆସି ୪୧ ଓ ୪୯ ଜଣ ସ୍ଥାନୀୟ ସଂକ୍ରମିତ ଅଛନ୍ତି। ଜିଲାର ୪ ଟି ପୌରାଞ୍ଚଳରୁ ଚିହ୍ନଟ ୩୬ ଜଣଙ୍କ ମଧ୍ୟରେ ଜୟପୁର ପୌରାଞ୍ଚଳରୁ ୨୨, କୋରାପୁଟ ପୌରାଞ୍ଚଳରୁ ୨, ସୁନାବେଡା ପୌରାଞ୍ଚଳରୁ ୯ ଓ କୋଟପାଡ ଏନଏସିରୁ ୩ ଜଣ ରହଛନ୍ତି। ସେହିପରି ଗ୍ରାମାଞ୍ଚଳରୁ ଚିହ୍ନଟ ୫୭ ଜଣଙ୍କ ମଧ୍ୟରେ କୋରାପୁଟ ବ୍ଲକ ଅଞ୍ଚଳରୁ ୧୧ ଜଣ, ବନ୍ଧୁଗାଁରୁ ୨, ବୈପାରିଗୁଡାରୁ ୩, ବୋରିଗୁମ୍ମା ଓ କୋଟପାଡରୁ ଜଣେ ଖୋଏ, ଜୟପୁର, ନନ୍ଦପୁରରୁ ଓ କୁନ୍ଦୁରାରୁ ୨ ଜଣ ଲେଖାଏ, ଦଶମନ୍ତପୁର, ନାରାୟଣପାଟଣା ଓ ଲମତାପୁଟରୁ ୫ ଜଣ ଲେଖାଏ, ଲକ୍ଷ୍ମୀପୁରରୁ ୧୪, ଓ ସେମିଳିଗୁଡାରୁ ୪ ଜଣ ପଜିଟିଭ ଚିହ୍ନଟ ହୋଇଥିବା ଜଣାଯାଇଛି। ପଜିଟିଭ ଚିହ୍ନଟ ହୋଇଥିବା ଜିଲାପାଳ ସୂଚନା ଦେଇଛନ୍ତି। ଜଣାଯାଇଛି। ବର୍ତ୍ତମାନ ଜିଲାରେ ସଂକ୍ରମଣ ମାତ୍ରାରେ କିଛିଟା ହ୍ରାସ ପାଇଥିଲେ ହେ ଜିଲାରେ କିଛି ଦିନ ଧରି ବୃଦ୍ଧି ପାଉଥିବା ସଂକ୍ରମଣ ହାର ଜିଲା ପ୍ରଶାସନକୁ ଚିନ୍ତାରେ ପକାଇଛି। ପ୍ରତ୍ୟେକ ବ୍ୟକ୍ତି ଯିଏ ନିଜର ସ୍ୱାବ ପରୀକ୍ଷା ପାଇଁ ଦେଉଛନ୍ତି ଏହାର ରିପୋର୍ଟ ନ ଆସିବା ଯାଏ ସେମାନେ ଘରେ ରହିବାକୁ ଜିଲାପାଳ ମଧୁସୂଦନ ମିଶ୍ର ପରାମର୍ଶ ଦେଇଛନ୍ତି। ସେହିଭଳି ସମସ୍ତ ଜିଲାବାସୀଙ୍କୁ ମାସ୍କ ବ୍ୟବହାର, ସାମାଜିକ ଦୂରତା ଅବଲମ୍ବନ କରିବା, କୋଭିଡର ଏସଓପି ମାନିବାକୁ ସେ କହିଛନ୍ତି।

# କୋରାପୁଟରୁ ବସ୍‌ରେ ଗଲେ ୫୮ ପରୀକ୍ଷାର୍ଥୀ

କୋରାପୁଟ,୩।୯(ସ୍ୱ.ପ୍ର)

ଜେଇଇ ମେନ ପରୀକ୍ଷା ଦେବା ପାଇଁ ଗୁରବାର ୩ଟି ସରକାରୀ ବସ ଯୋଗେ କୋରାପୁଟ ଜିଲାରୁ ୫୮ ଜଣ ପରୀକ୍ଷାର୍ଥୀ ଭୁବେନେଶ୍ୱର, କଟକ, ବ୍ରହ୍ମପୁର ଆଦି ସେଣ୍ଟରକୁ ଯାତ୍ରା କରିଛନ୍ତି। ଏହି ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୩ ଜଣ ବ୍ରହ୍ମପୁରକୁ, ୪୨ ଜଣ ଭୁବେନେଶ୍ୱରକୁ ଓ ୩ ଜଣ କଟକ ଯାଇଥିବା ଜଣାଯାଇଛି। କୋରାପୁଟର ସ୍ଥାନୀୟ କଳାନିକେତେନଠାରେ ଏହି ୩ଟି ସରକାରୀ ବସଟିକୁ ଜିଲା ଜରୁରୀ ଅଧିକାରୀ ଜ୍ଞାନଦୀପ ତ୍ରିପାଠୀ ସବୁଜ ପତକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ। ସୂଚନାଯୋଗ୍ୟ କରୋନା ପରିପେକ୍ଷୀରେ ଏହି ପରୀକ୍ଷା ପାଇଁ ରାଜ୍ୟ



ଅତିଥିମାନେ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରୁଛନ୍ତି।

**ଜେଇଇ ମେନ୍ ପରୀକ୍ଷା**

ସରକାରଙ୍କ ପକ୍ଷରୁ ସମସ୍ତ ପରୀକ୍ଷାର୍ଥୀଙ୍କ ଲାଗି ମାଗଣାରେ ଯିବା ଆସିବା, ସେଠାରେ ରହିବା ଓ ଖାଇବା ଆଦି ସମସ୍ତ ବ୍ୟବସ୍ଥା କରାଯାଇଛି। ଏପିଡି ଗୌରୀ ସାହୁ, ଜିଲା ଜରୁରୀ କାର୍ଯ୍ୟାଳୟର ପ୍ରକାଶ କୁମାର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ସାର ଗୋଦାମ ସିଲ୍ ହେଲା, କାର୍ଯ୍ୟାନୁଷ୍ଠାନ ହେଲାନି

କୋରୁକୋଣ୍ଡା, ୩।୯(ଡି.ଏନ.ଏ.)

ମାଲକାନଗିରି ଜିଲାରେ ୟୁରିଆ ସାରର ଅଭାବ ନେଇ ଅଭିଯୋଗ ପରେ ଜିଲା ପ୍ରଶାସନ ପକ୍ଷରୁ ଉପ ଜିଲାପାଳ ରାମେଶ୍ୱର ପ୍ରଧାନଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଏକ ଟିମ୍ ଚଢାଉ କରି କେତେକ ସାର ଦୋକାନ ସହ ଗୋଦାମ ସିଲ୍ କରାଯାଇଥିଲା। ଏହି କ୍ରମରେ କୋରୁକୋଣ୍ଡା ବ୍ଲକ ନିଲାକାମ୍ବେରୁ ଗ୍ରାମରେ ଥିବା କାହ୍ନୁ ପାଢ଼ୀଙ୍କ ସାର ଗୋଦାମ ଗତ ୨୭ରେ ସିଲ୍ ହୋଇଥିଲା। କାହ୍ନୁ ବସ୍ତା ବସ୍ତା ସାର ଗାଏବ କରିଥିଲେ। ତେବେ ସେ ଅତ୍ୟଧିକ ପରିମାଣର ସାର ଆଣି ବିକ୍ରି କରିଥିଲେ ମଧ ସେସବୁର କିଛି ହିସାବ ନ ଥିଲା। ଏଥିସହ ସେ ଆଧାର କାର୍ଡ ସଂଯୋଗ ନ କରାଇ ସାର ନିଜ ଇଚ୍ଛାରେ ବିକ୍ରି କରୁଥିଲେ। ଜଣଙ୍କ ଆଧାର କାର୍ଡରେ କାହ୍ନୁ ୪୦/୫୦ ବସ୍ତା ସାର ଦେଇଥିବା ଦେଖିବାକୁ ମିଳିଛି। ଏପରି ସେ ୬ ଜଣଙ୍କ ନାମରେ ୩୦୦ରୁ ଊର୍ଦ୍ଧ୍ୱ ୟୁରିଆ ସାର ବସ୍ତା ଦେଇଥିବା ଜଣାପଡିଛି। ଅନ୍ୟପକ୍ଷରେ ଚଢ଼ାଉ ପରେ ତାଙ୍କ ଗୋଦାମ ସିଲ କରାଯାଇଥିଲେ ମଧ ଏଯାଏ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଏ ସମ୍ପର୍କରେ ଜିଲା କୃଷି ଅଧିକାରୀ କୈଳାସ ଚନ୍ଦ୍ର ସ୍ୱାଇଁଙ୍କୁ ପଚାରିବାରୁ ସେଦିନ ସେ ଅସୁସ୍ଥ ଥିବାରୁ ଚଢାଉରେ ସାମିଲ ହୋଇ ନ ଥିଲେ। ଉପ ଜିଲାପାଳ ହିଁ ଏହି ଘଟଣାର ତଦନ୍ତ କରି ଯାହା କାର୍ଯ୍ୟାନୁଷ୍ଠାନ ନେବେ ବୋଲି ସ୍ୱାଇଁ କହିଥିଲେ।

# କ୍ଷୁଦ୍ର ଖଣିଜଦ୍ରବ୍ୟ ବେଆଇନ ଚାଲାଣ ଉପରେ ଅଙ୍କୁଶ

କୋରାପୁଟ,୩।୯ (ସ୍ୱ.ପ୍ର.)

କୋରାପୁଟ ଜିଲାରେ ଥିବା କ୍ଷୁଦ୍ର ଖଣିଜ୍ୟ ଦ୍ରବ୍ୟର ବେଆଇନ ଚାଲାଣ ଉପରେ ଜିଲା ପ୍ରଶାସନ ଅଙ୍କୁଶ ଲଗାଇଛି। ଜିଲାର ସମସ୍ତ ତହସିଲ ଅଞ୍ଚଳରେ ଥିବା କ୍ଷୁଦ୍ର ଖଣିଜ୍ୟ ଦବ୍ୟର ବେଆଇନ ଚାଲାଣ, ରାଜସ୍ୱ ଫାଙ୍କି ନେଇ କଡା ପଦକ୍ଷେପ ନେବାକୁ ଜିଲାପାଳ ମଧୁସୂଦନ ମିଶ୍ର ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ଅତିରିକ୍ତ ଜିଲାପାଳ ଦେବେନ କୁମାର ପ୍ରଧାନ, ଉପଜିଲାପାଳ ଲଳିତ କୁମାର କହଁର ଓ ଜୟପୁର ଉପଜିଲାପାଳ ହେମକାନ୍ତ ସୟ ଜିଲାର ୧୪ଟି ବ୍ଲକର ତହସିଲଦାରମାନେ ବେଆଇନ ଭାବେ ଚାଲାଣ ହେଉଥିବା ଗାଡି ଉପରେ ଚଢାଉ କରିଛନ୍ତି। ଗାଡି ସିଜ କରିଛନ୍ତି। ଅଧିକାରୀମାନେ ବିଭିନ୍ନ ପଥରକ୍ୱାରି ପରିଦର୍ଶନ କରିଥିବା ଜଣାଯାଇଛି। ଗୁରବାର କୋରାପୁଟ ଅତିରିକ୍ତ ଜିଲାପାଳ ଓ ଉପଜିଲାପାଳ ସେମିଳିଗୁଡା ତହସିଲର ବିଭିନ୍ନ କ୍ଷୁଦ୍ର ଖଣି ଅଞ୍ଚଳ ପରିଦର୍ଶନ କରି ସେଠାର ସ୍ଥିତିକୁ ସମୀକ୍ଷା କରିଛନ୍ତି। ସୂଚନାଯୋଗ୍ୟ ଗତ ୨୫ ଅଗଷ୍ଟରୁ ୩୧ ଅଗଷ୍ଟ ମଧ୍ୟରେ ଜିଲାର ୧୩ଟି ତହସିଲ ଅଞ୍ଚଳରେ ପ୍ରଶାସନ ପକ୍ଷରୁ ଚଢାଉ କରାଯାଇ ୭୦ଟି ଗାଡି ସିଜ କରାଯାଇଛି। ରୟାଲ୍‌ଟି ବାବଦକୁ ୧୨ ହଜାର ୭୦୯ ଟଙ୍କା ଏବଂ ପେନାଲ୍‌ଟି ବାବଦକୁ ୬ ଲକ୍ଷ ୬୫ ହଜାର ୮୨୦ ଟଙ୍କା ଏପରିକି ମୋଟ ୬ ଲକ୍ଷ ୭୮ ହଜାର ୫୨୯ ଟଙ୍କା ଆଦାୟ କରିଥିବା ଜଣାଯାଇଛି। କୋରାପୁଟ ତହସିଲ ଅଞ୍ଚଳରୁ ୯ ଟି ଗାଡି ସିଜ ହୋଇଥିବାବେଳେ ପେନାଲଟି ବାବଦକୁ ୯୦ ହଜାର ଆଦାୟ ହୋଇଛି। ସେହିପରି ଏହି ସମୟସୀମା ମଧ୍ୟରେ ସେମିଳିଗୁଡା ତହସିଲରେ ୬ ଟି ଗାଡି ସିଜ ହୋଇ

**ସପ୍ତାହକ ମଧ୍ୟରେ ଜବତ ହେଲାଣି ୭୦ ଗାଡ଼ି**

ରୟାଲିଟି ଓ ପେନାଲଟି ବାବଦକୁ ୪୮ ହଜାର ଟଙ୍କା, ପଟ୍ଟାଙ୍ଗୀ ତହସିଲରେ ୫ଟି ଗାଡି ସିଜ ହୋଇ ରୟାଲ୍‌ଟି ଓ ପେନାଲ୍‌ଟି ବାବଦରେ ୩୪ହଜାର ୩୬୦ ଟଙ୍କା, ନନ୍ଦପୁର ତହସିଲରେ ୪ଟି ଗାଡି ସିଜ ହୋଇ ରୟାଲିଟି ଓ ପେନାଲଟି ବାବଦକୁ ୪୫ ହଜାର ୫୨୫ ଟଙ୍କା, ମାଛକୁଣ୍ଡ ତହସିଲରେ ୩ଟି ଗାଡି ସିଜ ହୋଇ ରୟାଲ୍‌ଟି ଓ ପେନାଲ୍‌ଟି ବାବଦକୁ ୩୦ ହଜାର ୬୦୦ ଟଙ୍କା, ଦଶମନ୍ତପୁର ତହସିଲରୁ ୩ଟି ଗାଡି ସିଜ ହୋଇ ରୟାଲ୍‌ଟି ଓ ପେନାଲ୍‌ଟି ବାବଦକୁ ୨୪ ହଜାର ଟଙ୍କା, ଲକ୍ଷ୍ମୀପୁର ତହସିଲରେ ୩ଟି ଗାଡି ସିଜ ହୋଇ ରୟାଲ୍‌ଟି ଓ ପେନାଲ୍‌ଟି ବାବଦକୁ ୬୦ ହଜାର ଟଙ୍କା, ନାରାୟଣପାଟଣା ତହସିଲରେ ଗୋଟିଏ ଗାଡି ସିଜ ହୋଇ ରୟାଲ୍‌ଟି ଓ ପେନାଲ୍‌ଟି ବାବଦକୁ ୫ହଜାର, ଜୟପୁର ତହସିଲରେ ୧୬ଟି ଗାଡି ସିଜ୍ ହୋଇ ରୟାଲିଟି ଓ ପେନାଲଟି ବାବଦକୁ ୧ ଲକ୍ଷ ୪୧ ହଜାର ୭୮୫ ଟଙ୍କା, ବୋରିଗୁମ୍ମା ତହସିଲରେ ୩ ଟି ଗାଡି ସିଜ ହୋଇ ରୟାଲିଟି ଓ ପେନାଲଟି ବାବଦକୁ ୫୦ ହଜାର ଟଙ୍କା, କୋଟପାଡ ତହସିଲରେ ୩ଟି ଗାଡି ସିଜ ହୋଇ ରୟାଲିଟି ଓ ପେନାଲଟି ବାବଦକୁ ୨୭ ହଜାର ଟଙ୍କା, କୁନ୍ଦୁରା ତହସିଲରେ ୧୨ଟି ଗାଡି ସିଜ ହୋଇ ରୟାଲିଟି ଓ ପେନାଲଟି ବାବଦକୁ ୧ ଲକ୍ଷ ୪ ହଜାର ୪୦ ଟଙ୍କା ଏବଂ ବୈପାରିଗୁଡା ତହସିଲରେ ୨ଟି ଗାଡି ସିଜ କରାଯାଇ ରୟାଲ୍‌ଟି ଓ ପେନାଲ୍‌ଟି ବାବଦକୁ ୧୮ ହଜାର ୨୧୯ ଟଙ୍କା ଆଦାୟ ହୋଇଛି।



ଅଧିକାରୀମାନେ ଗାଡି ଯାଞ୍ଚ କରୁଛନ୍ତି।

OLA
ପ୍ରିୟ OLA ପାର୍ଟନର !
ଆପଣ ନିଜ ଅଟୋକୁ OLA ସହିତ ଜଡିତ କରିବା ପାଇଁ ଚାହୁଁଛନ୍ତି ? ଏବେ ଆଉ ଚିନ୍ତା ନାହିଁ, ଏବେ ହିଁ କଲ୍ କରନ୍ତୁ 033-40836591। ମାତ୍ର ଗୋଟେ ହିଁ କଲ୍‌ରେ ଆପଣ Online ହୋଇ ରୋଜଗାର ଆରମ୍ଭ କରି ପାରିବେ।
ଶୀଘ୍ର କରନ୍ତୁ ଏହା କେବଳ ସୀମିତ ସମୟ ପାଇଁ ଉପଲବ୍ଧ।
ଧନ୍ୟବାଦ
OLA ଭୁବନେଶ୍ୱର

**ତହସିଲ କାର୍ଯ୍ୟାଳୟ, ଗୁଡୁମୁଲୁଗୁମ୍ମା, ଜିଲ୍ଲା-ମାଲକାନଗିରି**
ବିଜ୍ଞପ୍ତି ସଂଖ୍ୟା 1267/2020 (ସୈରାତ) ତାରିଖ:03.09.2020
**ଲଘୁ ଖଣିଜ ଉତ୍ସର ଦୀର୍ଘମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ**
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନସ୍ଥ କୁଡୁମୁଲୁଗୁମ୍ମା ତହସିଲ ଅନ୍ତର୍ଗତ ନିମ୍ନ ପ୍ରଦତ୍ତ ଲଘୁ ଖଣିଜ ସୈରାତ ଉତ୍ସଗୁଡିକର ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ 2016 ଓ ଏହାର ସଂଶୋଧନ ଆଇନ-2018 ମୁତାବକ ଆସନ୍ତା 5 (ପାଞ୍ଚ) ବର୍ଷ ନିମନ୍ତେ ଦୀର୍ଘମିଆଦୀ ଲିଜ୍ ସୂତ୍ରେ ନେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଇଚ୍ଛୁକ ବ୍ୟକ୍ତିବିଶେଷ OMMC Rules-2016 ଫର୍ମ-M (Form-M) ପୂରଣକରି ଏହାର ତିନି କପି ସହ ଆବଶ୍ୟକୀୟ କାଗଜାତର ନକଲ ସଂଲଗ୍ନ ପୂର୍ବକ ଠିକ୍ ଭାବରେ ବନ୍ଦଥିବା ଲଫାପା ଉପରେ ସୈରାତ ଉତ୍ସର ନାମ ଉଲ୍ଲେଖକରି ଶେଷ ତାରିଖ 15.09.2020 ଅପରାହ୍ନ 5.30 ସୁଦ୍ଧା ତହସିଲ କାର୍ଯ୍ୟାଳୟରେ ଥିବା ଠିକା ପେଟିକା (Tender Box)ରେ ପକାଇପାରିବେ କିମ୍ବା ରେଜିଷ୍ଟ୍ରି ବା କ୍ଷିପ୍ର ଡାକ ମାଧ୍ୟମରେ ପଠାଇପାରିବେ। ଏହି ବିଜ୍ଞାପନର ସମସ୍ତ ବିବରଣୀ ମାଲକାନଗିରି ଜିଲ୍ଲା ୱେବ୍‌ସାଇଟ www.malkangiri.nic.inରେ ଦେଖିପାରିବେ। ଯଦି ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା, କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଛି।

| | |
|---|---|
| 1-ଗୋଟିଗୁଡ଼ା ବାଲିଘାଟ | 2-ଭୂତଝୋଲା ପଥର ଖାଦାନ |

ସ୍ୱା./- ତହସିଲଦାର, କୁଡୁମୁଲୁଗୁମ୍ମା

ଯେଉଁମାନେ ଶାସନକ୍ଷମତାର ଅଧିକାରୀ- ସେମାନଙ୍କର ସାମାଜିକ ସ୍ଥିତିର ଉଚ୍ଚତା ଯାହା ହେଉନା କାହିଁକି- ସେମାନଙ୍କୁ ଯଥାର୍ଥ ସତ୍ୟଦ୍ରଷ୍ଟାମାନଙ୍କ ନିକଟରୁ ଅନୁପ୍ରେରଣା ଗ୍ରହଣ କରିବାକୁ ହେବ। ସେହି ସତ୍ୟ ଦ୍ରଷ୍ଟାମାନଙ୍କ ସଂକଳ୍ପ ଏବଂ ଭଗବତ୍ ସଂକଳ୍ପ ଏକ। -ଶ୍ରୀମା



# କେନ୍ଦ୍ର ଉତ୍ତରଦାୟୀ

୨୦୧୭ରେ ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) ବଡ଼ ଧୁମଧାମରେ ଲାଗୁ କରାଯାଇଥିଲା। କିନ୍ତୁ ତାହା ଏବେ ଅସଫଳ ହୋଇଛି। ସ୍ୱାଧୀନ ଭାରତରେ ଟିକସ କ୍ଷେତ୍ରରେ ସଂସ୍କାର ଆଣିବାରେ ଏହା ସବୁଠୁ ବଡ ପଦକ୍ଷେପ। କିନ୍ତୁ ଏହା ତା ଲକ୍ଷ୍ୟ ହାସଲ କରିବାରେ ବିଫଳ ହୋଇଛି। ଜିଏସ୍‌ଟି କାଉନ୍‌ସିଲରେ ସିଂହଭାଗ ଥିବା କେନ୍ଦ୍ର ଓ ବାର୍ଷିକ ୧୪ ପ୍ରତିଶତ କ୍ଷତିପୂରଣ ଦେବାର ପ୍ରଲୋଭନ ଦେଖାଇ ମୁହଁ ବନ୍ଦ କରିଦିଆଯାଇଥିବା ରାଜ୍ୟଗୁଡିକ ଉଭୟେ ଏଥିରେ କ୍ଷତି ସହିଛନ୍ତି। ଏପରିକି ଗତ ସପ୍ତାହରେ କେନ୍ଦ୍ର ସରକାର ଏକ ଭିନ୍ନ ଆଭିମୁଖ୍ୟ ପୋଷଣ କରି କହିଥିଲେ ଯେ ରାଜ୍ୟଗୁଡିକୁ କ୍ଷତିପୂରଣ ଦେବା ଲାଗି ସରକାର ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ଆଉ ଦେଇପାରିବେ ନାହିଁ ଏବଂ ରାଜ୍ୟ ସରକାରଗୁଡିକ ରିଜର୍ଭବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ)ରୁ ସ୍ୱାଧୀନ ଭାବେ ଋଣ ନେଇପାରିବେ। ହେଲେ ଏ ବିଲ୍ କିଏ ପଇଠ କରିବ ? କେରଳ ସମେତ ବହୁ ରାଜ୍ୟ ପ୍ରସ୍ତାବ ଦେଇଛନ୍ତି ଯେ କେନ୍ଦ୍ର ନିଜେ ଆର୍‌ବିଆଇରୁ ଋଣ କରି ରାଜ୍ୟଗୁଡିକୁ ଦେଉ। କିନ୍ତୁ କେନ୍ଦ୍ର ଏହାକୁ ଗ୍ରହଣ କରିନାହିଁ। ମହାରାଷ୍ଟ୍ର, ଛତିଶଗଡ଼ ଏବଂ ପୁଡୁଚେରୀ ଭଳି ରାଜ୍ୟଗୁଡିକ ବିରକ୍ତି ଭାବ ପ୍ରକାଶ କରି ଜିଏସ୍‌ଟି ପୂର୍ବ ସ୍ଥିତିକୁ ଫେରିଯିବା ଲାଗି ଚେତାବନୀ ଦେଇଛନ୍ତି। ଏହି ପରିସ୍ଥିତିରେ କେନ୍ଦ୍ର ଏଭଳି ଅସହାୟ ହୋଇପଡିଛି ଯେ, କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ରାଜସ୍ୱ ହ୍ରାସ ଲାଗି ଶେଷରେ ଭଗବାନଙ୍କୁ ଦୋଷ ଦେଇଛନ୍ତି।

ଜିଏସ୍‌ଟି ସିଷ୍ଟମ ସମ୍ପୂର୍ଣ୍ଣ ତ୍ରୁଟିଯୁକ୍ତ ଥିଲା। ଭାଜପା ତରବରିଆ ଭାବେ ରାଜନୈତିକ ଫାଇଦା ଉଠାଇବା ଲାଗି ଏହି ପରୋକ୍ଷ ଟିକସ ବ୍ୟବସ୍ଥାକୁ ଲାଗୁ କଲା ଓ ରାଜ୍ୟ ସରକାରଗୁଡିକୁ ମୋଟା ଅଙ୍କର କ୍ଷତିପୂରଣ ଦେବାର ଲୋଭ ଦେଖାଇ ଏଥିରେ ସ୍ୱାକ୍ଷର କରାଇନେଲା। ଚୁକ୍ତି ସମୟରେ ଜିଏସ୍‌ଟିର ନିୟମାନୁସାରେ ରାଜ୍ୟଗୁଡିକୁ ୧୪ ପ୍ରତିଶତ କ୍ଷତିପୂରଣ ଦେବ ବୋଲି କେନ୍ଦ୍ର କହିଥିଲା। ଏହା ଏକ ହିସାବ ଉପରେ ଆଧାରିତ ଥିଲା। ତାହା ହେଉଛି ବର୍ଷକୁ ବର୍ଷ ରାଜ୍ୟଗୁଡିକର ରାଜସ୍ୱ ୧୪ ପ୍ରତିଶତ ହାରରେ ବୃଦ୍ଧି ପାଇବ। ରାଜ୍ୟର ବାର୍ଷିକ ରାଜସ୍ୱ ହିସାବ କରିବାକୁ ୨୦୧୫-୧୬କୁ ବେସ୍ ଇୟର ବା ଆଧାର ବର୍ଷ ଭାବେ ନିଆଯାଇଥିଲା। ଲକ୍ଷ୍ୟ ରଖାଯାଇଥିବା ୧୪ ପ୍ରତିଶତ ଅଭିବୃଦ୍ଧି ଓ ପ୍ରକୃତ ଜିଏସ୍‌ଟି ରାଜସ୍ୱ ମଧ୍ୟରେ ଯାହା ଅନ୍ତର ରହିବ ତାହାକୁ କ୍ଷତିପୂରଣ ମାଧ୍ୟମରେ ପୂରଣ କରାଯିବ। ବିଭିନ୍ନ ସିନ୍ ଗୁଡ୍‌ସ(ତମାଖୁ ଏବଂ ମଦ ଇତ୍ୟାଦି) କିମ୍ବା ବିଳାସମୟ ଦ୍ରବ୍ୟ ଉପରେ ସେସ୍ ଧାର୍ଯ୍ୟ କରି ତଜ୍ଜନିତ ସଂଗୃହୀତ ସମ୍ବଳ ଦ୍ୱାରା ରାଜ୍ୟଗୁଡ଼ିକର କ୍ଷତି ଭରଣା କରିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏହି ସିଦ୍ଧାନ୍ତ ଜିଏସ୍‌ଟିକୁ ବିରୋଧ କରୁଥିବା ତାମିଲନାଡୁ ଭଳି ଅମାନିଆ ରାଜ୍ୟଗୁଡିକୁ ଚୁପ୍ କରିଦେଇଥିଲା। କେନ୍ଦ୍ରରେ ଉପା କ୍ଷମତାରେ ଥିଲାବେଳେ ନରେନ୍ଦ୍ର ମୋଦି ଗୁଜରାଟର ମୁଖ୍ୟମନ୍ତ୍ରୀ ଥିଲେ ଓ ସେ ସେତେବେଳେ ନିଜେ ଜିଏସ୍‌ଟିକୁ ବିରୋଧ କରିଥିଲେ। ତେବେ ୧୪ ପ୍ରତିଶତର ଅପ୍ରତ୍ୟାଶିତ ଲୋଭନୀୟ କ୍ଷତିପୂରଣ ଏଭଳି ନୂଆ ଟିକସ ସଂସ୍କାର ଉପରେ ଉଠୁଥିବା ସବୁ ସମାଲୋଚନାକୁ ବନ୍ଦ କରିଦେଇଥିଲା। କମ୍ ସମୟରେ ରାଜସ୍ୱ ବୃଦ୍ଧିର ପ୍ରତିଶ୍ରୁତି ପାଇ ରାଜ୍ୟଗୁଡିକର ଟ୍ୟାକ୍ସେସନର କ୍ଷମତା ଦୂର ହୋଇଗଲା। ଏଭଳି ଅପ୍ରତ୍ୟାଶିତ ଲୋଭନୀୟ ପ୍ରତିଶ୍ରୁତି ଓଡିଶା ସମେତ ବହୁ ରାଜ୍ୟକୁ ବାସ୍ତବରେ ଏହି ଜନବାଦୀ ଯୋଜନା ଓ ନିର୍ବାଚନ ପାଇଁ ଅଧିକ ଉତ୍ସାହିତ କରିଥିଲା।

## ଆଜିର ଅର୍ଥନୀତି

ଏଠାରେ ମୂଳ ଦୋଷ ହେଲା ଏଭଳି ଜଟିଳ ବ୍ୟବସ୍ଥା ପରିବର୍ତ୍ତେ ରାଜ୍ୟଗୁଡିକ ପାଇଁ ରଖାଯାଇଥିବା କ୍ଷତିପୂରଣକୁ ପ୍ରକୃତ ଆର୍ଥିକ ଅଭିବୃଦ୍ଧି ସହ ଯୋଡିବା ଉଚିତ ଥିଲା। ଏବେ ରାଜ୍ୟ ସରକାରଗୁଡିକୁ ପଛକୁ ଫେରିବାକୁ ଚାହୁଁନାହାନ୍ତି କି କେନ୍ଦ୍ର କଥାରୁ ହଟିବାକୁ ଚାହୁଁନି। ଏହା ବାସ୍ତବରେ ଏକ କଠିନ ସମସ୍ୟା। ଗତ ଗୁରୁବାର ଜିଏସ୍‌ଟି କାଉନସିଲ ବୈଠକରେ କେନ୍ଦ୍ର ଯାହା କଲା ସେଥିରୁ ଜଣାପଡୁଛି ଯେ କେନ୍ଦ୍ର ତା ଦାୟିତ୍ୱରୁ ଓହରିଯାଇ ପାରିବନାହିଁ। କେନ୍ଦ୍ର ରାଜ୍ୟଗୁଡିକୁ ଜିଏସ୍‌ଟିରେ ସ୍ୱାକ୍ଷର କରିବା ପାଇଁ ମିଠା କଥା କହିଥିଲା ଓ ବଳ ପ୍ରୟୋଗ କରିଥିଲା ଏବଂ ଏବେ କ୍ଷତି ହେବାବେଳେ କେନ୍ଦ୍ର ତା ପ୍ରତିଶ୍ରୁତିରୁ ହଟିଯାଇପାରିବ ନାହିଁ। କୋଭିଡ୍-୧୯ ମହାମାରୀ ପ୍ରତ୍ୟେକ ରାଜ୍ୟର ଅର୍ଥବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଧୂଳିସାତ କରିଦେଇଛି। ରାଜ୍ୟରେ ଏବେ ସ୍ୱାସ୍ଥ୍ୟ ଉପର ଗୁରୁତ୍ୱ ଅଧିକ ଦିଆଯାଉଛି ଓ ଏ କ୍ଷେତ୍ରରେ ବ୍ୟୟ ମଧ୍ୟ ଆକାଶ ଛୁଇଁଛି। ରାଜ୍ୟଗୁଡିକ ପାଇଁ ଏହା ଏକ ଜଟିଳ ସମୟ ହୋଇଥିବାରୁ କେନ୍ଦ୍ର ସେମାନେ ନିଜକୁ ନିଜେ ବଞ୍ଚାନ୍ତୁ ବୋଲି କହିପାରିବ ନାହିଁ। କ୍ଷତିପୂରଣ ଗ୍ୟାରେଣ୍ଟି ଧାରା ଆଇନଗତ ଭାବେ କୋର୍ଟରେ ଲାଗୁ କରାଯାଇପାରିନାହିଁ ବୋଲି କହି ଏଭଳି ବିଭ୍ରାଟରୁ ଖସିଯିବାକୁ କେନ୍ଦ୍ର ବାହାନା କରିପାରେ। ଜାନୁୟାରୀ ୨୦୧୭ରେ ପୂରା ୫ ବର୍ଷ ଲାଗି କ୍ଷତିପୂରଣ ଦେବାର ଗ୍ୟାରେଣ୍ଟି ଲାଗି ଜିଏସ୍‌ଟି କ୍ଷତିପୂରଣ ଡ୍ରାଫ୍ଟକୁ ସଂଶୋଧନ କରିବାକୁ କର୍ଣ୍ଣାଟକ ଯୁକ୍ତି ବାଢିଥିଲା। ଏହା ଉପରେ କେନ୍ଦ୍ର ରାଜି ହୋଇଥିଲା ଓ ସେସ୍ କମ୍ ରହିଲେ ବି କ୍ଷତିପୂରଣ ଦିଆଯିବ ବୋଲି କହିଥିଲା। ଆଇନରେ ସଂଶୋଧନ ହେବା ଉଚିତ ବୋଲି କାଉନସିଲ ମଧ୍ୟ ନିଷ୍ପତ୍ତି ନେଇଥିଲା। କିନ୍ତୁ ତାହା ଶେଷରେ ହୋଇପାରିଲା ନାହିଁ। ଏହା କାହିଁକି କରାଗଲା ନାହିଁ ବୋଲି ଯେତେବେଳେ ତେଲଙ୍ଗାନା କହିଲା ସେତେବେଳେ ଏହି ଆଇନ ଆଣିବାରେ ମୁଖ୍ୟ ଭୂମିକା ନେଇଥିବା ପୂର୍ବତନ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ରାଜ୍ୟଗୁଡିକୁ କ୍ଷତିପୂରଣ ଦେବା ନିଶ୍ଚିତ ଏବଂ ଏଥିପାଇଁ କେନ୍ଦ୍ର ଅନ୍ୟ ସଂସାଧନ ଯୋଗାଡ କରିପାରେ ବୋଲି କହିଥିଲେ। ଏହି ଆଶ୍ୱାସନାରୁ ଜଣାପଡେ ଯେ, ଆର୍‌ବିଆଇରୁ ଋଣ କରି ରାଜସ୍ୱ ହ୍ରାସ ଭରଣା କରିବା ପାଇଁ ରାଜ୍ୟଗୁଡିକୁ କେନ୍ଦ୍ର ଛାଡ଼ିଦେଇ ନ ପାରେ। ଆମ ସଂଘୀୟ ବ୍ୟବସ୍ଥାର ଏକ ବଡ଼ ଅଂଶୀଦାର କେନ୍ଦ୍ର ସରକାର ନିଜ ପ୍ରତିଶ୍ରୁତିକୁ ଅସ୍ୱୀକାର ନ କରି ଆଗକୁ ଋଣର ଉତ୍ତରଦାୟିତ୍ୱ ନେବା ଉଚିତ।

## ୨୫ ବର୍ଷ ତଳର ଧରିତ୍ରୀ

୪ ସେପ୍ଟେମ୍ବର ୧୯୯୫

- ଦକ୍ଷିଣ ଭିଏତ୍‌ନାମ ସମୁଦ୍ରରେ ଏକ ଜାହାଜରେ ରନ୍ଧନଗ୍ୟାସ୍ ସିଲିଣ୍ଡର ଫାଟିଯାଇ ନିଆଁ ଲାଗିଯିବା ଫଳରେ ୧୦ ଜଣ ଲୋକ ପୋଡ଼ିଯାଇ ପ୍ରାଣ ହରାଇଛନ୍ତି।
- ଦୁବାଇକୁ ବିଦେଶୀ ମୁଦ୍ରା ପଠାଉଥିବା ଗୋଷ୍ଠୀ ସହ ସଂପୃକ୍ତ ଥିବା ଅଭିଯୋଗରେ ରାଜସ୍ୱ ଗୋଇନ୍ଦା ଡାଇରେକ୍ଟୋରେଟ୍ (ଡିଆର୍‌ଆଇ) କେତୋଟି ବ୍ୟାଙ୍କ ଓ ମୁଦ୍ରା ବଦଳକାରୀ ଫାର୍ମକୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | | | | | | | 4 | A | 7 | | | 3 | | |
| | | | | | | | | | | D | | B | | 2 |
| | | | | | | | | | 4 | | B | | 6 | 8 |
| | 8 | 5 | 9 | | A | E | | | 2 | | | | 0 | |
| 6 | | E | | | | C | | | 0 | 1 | | | 4 | |
| 5 | | 2 | | 9 | | 7 | | | B | | | 8 | | |
| | | | | | | | 3 | 1 | | 4 | | | | |
| | D | 3 | 2 | | | A | C | | | | 5 | | 7 | |
| B | E | C | | 8 | | | 0 | | | | | | 5 | D |
| 0 | | 8 | | 6 | | | | | | | | 1 | | A |
| | 4 | | | | 8 | 0 | B | | 5 | 7 | | 6 | 3 | |
| | | | | | 0 | | D | E | | | | | | |
| | | | | | | | | | | | | | | 5 |
| | 5 | | | | B | | 7 | 3 | 6 | | C | A | | 1 |
| | 3 | | D | | | 6 | | 9 | 1 | | | | C | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | B | A | 8 | 7 | 0 | 3 | 4 | 2 | D | 1 | 6 | C | 9 | 5 |
| 8 | 2 | 9 | A | E | 5 | C | 1 | 0 | B | 4 | 7 | 3 | 6 | D |
| 0 | 1 | 5 | 2 | 4 | 6 | 8 | D | 9 | 3 | A | C | B | E | 7 |
| 6 | D | 7 | 3 | 9 | C | B | A | 5 | 8 | 0 | E | 2 | 1 | 4 |
| C | 4 | 3 | B | D | 1 | 6 | E | 7 | 5 | 2 | 9 | 0 | 8 | A |
| B | E | 2 | C | 1 | 9 | 4 | 6 | 3 | A | D | 0 | 5 | 7 | 8 |
| 7 | 0 | 8 | D | 3 | A | 9 | 2 | C | 1 | B | 5 | E | 4 | 6 |
| D | 6 | 4 | 0 | 5 | B | 1 | 7 | E | 9 | 3 | 8 | A | 2 | C |
| 5 | 9 | C | 4 | 8 | E | A | B | D | 6 | 7 | 2 | 1 | 3 | 0 |
| A | 3 | 1 | 7 | 6 | 2 | 5 | 0 | 8 | C | E | 4 | D | B | 9 |
| 3 | 5 | 0 | 9 | A | 7 | E | 8 | B | 4 | C | 1 | 6 | D | 2 |
| 4 | 7 | E | 5 | B | 8 | D | C | A | 2 | 6 | 3 | 9 | 0 | 1 |
| 1 | C | D | E | 2 | 4 | 7 | 9 | 6 | 0 | 5 | B | 8 | A | 3 |
| 9 | A | B | 6 | 0 | 3 | 2 | 5 | 1 | 7 | 8 | D | 4 | C | E |
| 2 | 8 | 6 | 1 | C | D | 0 | 3 | 4 | E | 9 | A | 7 | 5 | B |

ଗତକାଲିର ଉତ୍ତର

# ପ୍ରତିଶ୍ରୁତି ରକ୍ଷାକରୁ କେନ୍ଦ୍ର



ଡ. ସନ୍ତୋଷ କୁମାର ମହାପାତ୍ର

ଗତ ଅଗଷ୍ଟ ୨୭ ତାରିଖରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ଅଧ୍ୟକ୍ଷତାରେ ଦ୍ରବ୍ୟ ଓ ସେବାକର(ଜିଏସ୍‌ଟି) ପରିଷଦର ୪୧ତମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକର ମୁଖ୍ୟ ଆଲୋଚନା ପ୍ରସଙ୍ଗ ଥିଲା ଜିଏସ୍‌ଟି ଆଦାୟ ବାବଦରେ ରାଜ୍ୟଗୁଡ଼ିକ ଯେତିକି କ୍ଷତି ସହୁଛନ୍ତି ତାକୁ କେନ୍ଦ୍ର କିପରି ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ଭରଣା କରିବ। କିନ୍ତୁ ଅର୍ଥମନ୍ତ୍ରୀଙ୍କ ସିଦ୍ଧାନ୍ତ ରାଜ୍ୟଗୁଡ଼ିକୁ ନିରାଶ କରିଛି। ଉଲ୍ଲେଖଯୋଗ୍ୟ ଯେ, ଜିଏସ୍‌ଟି ଭାରତ ଇତିହାସରେ ଏକ ବଡ଼ ପରୋକ୍ଷ ଟିକସ ସଂସ୍କାର। ଏହା ୧୦୧ତମ ସମ୍ବିଧାନ ସଂଶୋଧନ ପରେ ୨୦୧୭ ଜୁଲାଇ ୧ରୁ ପ୍ରଚଳିତ ହୋଇଆସୁଛି। 'ଏକ ଦେଶ ଏକ ଟିକସ' ରୂପରେ ୨୦୧୭ ଜୁନ୍ ୩୦-ଜୁଲାଇ ୧ ମଧ୍ୟରାତିରେ ସଂସଦର କେନ୍ଦ୍ରୀୟ ହଲ୍‌ରେ ଏକ ସ୍ୱତନ୍ତ୍ର ଅଧିବେଶନରେ ତତ୍କାଳୀନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମିଳିତ ଭାବେ ଜିଏସ୍‌ଟି ଉଦ୍‌ଘାଟନ କରିଥିଲେ। ସଂସଦର କେନ୍ଦ୍ରୀୟ ହଲ୍‌ରେ ମଧ୍ୟରାତିରେ ପୂର୍ବରୁ ୪ ଥର ଏପରି ପାଳନ ହୋଇଥିଲା। ୧୯୪୭ ମସିହା ଅଗଷ୍ଟ ୧୪-୧୫ରେ ସ୍ୱାଧୀନତା ଦିବସ ଉପଲକ୍ଷେ ଏବଂ ଏହାର ରୌପ୍ୟ ଜୟନ୍ତୀ (ଅଗଷ୍ଟ ୧୪-୧୫, ୧୯୭୨), ସୁବର୍ଣ୍ଣ ଜୟନ୍ତୀ(ଅଗଷ୍ଟ ୧୪-୧୫, ୧୯୯୭) ଏବଂ ଭାରତଛାଡ଼ ଆନ୍ଦୋଳନର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ(ଅଗଷ୍ଟ ୯, ୧୯୯୨), ସେତେବେଳେ ଏହି ଜିଏସ୍‌ଟି ସମ୍ପର୍କିତ ଉତ୍ସବକୁ ଏପରି ପାଳନ କରାଗଲା ଯେ ଜଣେ ଭାବିବ ଏହା ଦେଶରେ ଟିକସ କ୍ଷେତ୍ରରେ ସ୍ୱଚ୍ଛତା, ବୈପ୍ଳବିକ ସଂସ୍କାର ଆଣିବା ସହିତ ଟିକସ ଫାଙ୍କି ରୋକିବା, ବିଭିନ୍ନ ଦ୍ରବ୍ୟ ଓ ସେବାର ମୂଲ୍ୟ ହ୍ରାସ ଘଟାଇବା ଏବଂ ସର୍ବୋପରି ଆର୍ଥିକ ଅଭିବୃଦ୍ଧି ଅଧିକ କରିବାରେ ସହାୟକ ହେବ। ତତ୍କାଳୀନ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ କହିଥିଲେ ଯେ, ଜିଏସ୍‌ଟି ଭାରତ ନିର୍ମାଣକୁ ସାକାର କରିବ। କିନ୍ତୁ ସେତେବେଳେ ଅନେକ ବିଶେଷକରି ବିରୋଧୀ ଦଳ ତରଫରୁ ବିରୋଧ କରାଯାଇଥିଲା। ସେହି ସମୟରେ ବିଭିନ୍ନ ନିବନ୍ଧରେ ଆମେ ଏହାକୁ ବିରୋଧ ନ କରିଥିଲେ ମଧ୍ୟ ଭାରତରେ ପ୍ରଚଳିତ ଜିଏସ୍‌ଟି ବହୁତ ଜଟିଳ, ଏହା ଗରିବକୁ ଅଧିକ ଗରିବ କରିବ ଏବଂ ଗୁଡ଼ିଏ ଟିକସ ସ୍ଲାବ ସାଙ୍ଗକୁ ବିଶ୍ୱର ସର୍ବାଧିକ ଟିକସ ହାର ଯୋଗୁ ଏହା ତା'ର ଲକ୍ଷ୍ୟ ହାସଲ କରିପାରିବ ନାହିଁ ବୋଲି ମତ ଦେଇଥିଲୁ।

ସୂଚନାଯୋଗ୍ୟ ଯେ, ଜିଏସ୍‌ଟି ଉଭୟ କେନ୍ଦ୍ର ଓ ରାଜ୍ୟର ବିଭିନ୍ନ ପରୋକ୍ଷକର ଯଥା ଅବକାରୀ ବା ଉତ୍ପାଦନ ଶୁଳ୍କ, ସେବାକର, ଅତିରିକ୍ତ ସୀମାଶୁଳ୍କ ସରଚାର୍ଜ, ରାଜ୍ୟ ଭାଟ୍, ଅକ୍ଟ୍ରାଇ ଆଦି ବିଭିନ୍ନ କରର ସମ୍ମିଶ୍ରଣରେ ସୃଷ୍ଟି କରାଯାଇଥିଲା। ଗତ ୨୦୧୮ ମାର୍ଚ୍ଚ ମାସରେ ବିଶ୍ୱ ବ୍ୟାଙ୍କ ଭାରତରେ ପ୍ରଚଳିତ ଜିଏସ୍‌ଟି ଏକ ଜଟିଳ ଟିକସ ବ୍ୟବସ୍ଥା ବୋଲି ମତ ଦେଇଛି। ୧୧୫ଟି ଦେଶର ତଥ୍ୟକୁ ସମୀକ୍ଷା କରି ଏହା କହିଛି। ୪୯ଟି ଦେଶରେ ଗୋଟିଏ ଜିଏସ୍‌ଟି ସ୍ଲାବ୍ ପ୍ରଚଳନ ବେଳେ ୨୮ଟି ଦେଶରେ ୨ଟି ସ୍ଲାବ୍ ପ୍ରଚଳନ ହେଉଛି। ଇଟାଲୀ, ଲକ୍ସେମବର୍ଗ, ପାକିସ୍ତାନ ଓ ଘାନାରେ ୪ ବା ତଦୂର୍ଦ୍ଧ୍ୱ ସ୍ଲାବ୍ ରହିଛି। ବିଶ୍ୱର ଭାରତରେ ସର୍ବାଧିକ ଟିକସ ସ୍ଲାବ୍ ରହିଛି। ତାହା ହେଲା, ୦.୫%, ୧୨%, ୧୮%, ୨୮%। ଏହା ବ୍ୟତୀତ ସୁନା ଉପରେ ୩% ଏବଂ ମୂଲ୍ୟବାନ ପଥର ଉପରେ ୦.୨୫%। ସେତେବେଳେ ରାଜ୍ୟଗୁଡ଼ିକ ଏହି ଜିଏସ୍‌ଟିକୁ ବିରୋଧ କରୁଥିଲେ କାରଣ ଏହା ତାଙ୍କର ଟିକସ ଆଦାୟ କରିବାର କ୍ଷମତାକୁ ସଙ୍କୁଚିତ କରିଥିଲା। ଏହା ଦ୍ୱାରା ରାଜ୍ୟଗୁଡ଼ିକର ରାଜସ୍ୱ ହ୍ରାସ ପାଇବ ବୋଲି ମତ ପ୍ରକାଶ ପାଇଥିଲା। ଏଣୁ ରାଜ୍ୟଗୁଡ଼ିକୁ ସମର୍ଥନ ହାସଲ ପାଇଁ ପେଟ୍ରୋଲିୟମଜାତ ଦ୍ରବ୍ୟ, ମଦ, ବିଦ୍ୟୁତ୍ ଉପରେ ରାଜ୍ୟ ନିଜେ ଟିକସ ବସାଇବାର ଅଧିକାର ଦିଆଗଲା। ତାହା ସହିତ କେନ୍ଦ୍ର ପ୍ରତିଶ୍ରୁତି ଦେଇଥିଲା ଯେ, ୨୦୧୭ ଜୁଲାଇ ୧ରୁ ୫ ବର୍ଷ ପର୍ଯ୍ୟନ୍ତ ଅର୍ଥାତ୍ ୨୦୨୨ ଜୁଲାଇ ୧ ପର୍ଯ୍ୟନ୍ତ ରାଜ୍ୟଗୁଡ଼ିକ ଜିଏସ୍‌ଟି ଯୋଗୁ ଯେତିକି ରାଜସ୍ୱ ହରାଇବେ ତାହା କେନ୍ଦ୍ର ଭରଣା କରିବ। ପ୍ରତ୍ୟେକ ବର୍ଷ ୨୦୧୫-୧୬କୁ ବେସ୍ ଇୟର ବା ଭିତ୍ତି ବର୍ଷ ଭାବେ ଧରି ଏହା ୧୪% ବୃଦ୍ଧି ହେବ ବୋଲି ଧରାଯାଇଥିଲା। କେନ୍ଦ୍ର ରାଜ୍ୟଗୁଡ଼ିକର କ୍ଷତି କିପରି ଭରଣା କରିବା ତାହା ଉଲ୍ଲେଖ କରାଯାଇ ନ ଥିଲେ ମଧ୍ୟ କେନ୍ଦ୍ର ୨୮% ଧାର୍ଯ୍ୟ ହୋଇଥିବା ବିଭିନ୍ନ ସିନ୍ ବା ପାପ ଦ୍ରବ୍ୟ ବିଳାସମୟ ଦ୍ରବ୍ୟ ଉପରେ ସେସ୍ ଧାର୍ଯ୍ୟ କରି ତଜ୍ଜନିତ ସଂଗୃହୀତ ସମ୍ବଳ ଦ୍ୱାରା ରାଜ୍ୟମାଗୁଡ଼ିକର କ୍ଷତି ଭରଣା କରିବ ବୋଲି ସିଦ୍ଧାନ୍ତ ନେଇଥିଲା।

୨୦୧୭-୧୮ରେ କେନ୍ଦ୍ର ଜିଏସ୍‌ଟି ସେବା ବାବଦରେ ୬୨୫୯୬ କୋଟି ଟଙ୍କା ଆଦାୟ କରିଥିଲା ବେଳେ ୪୧୧୪୬ କୋଟି ଟଙ୍କା ରାଜ୍ୟଗୁଡ଼ିକୁ ଦେଇଥିଲା। ପରବର୍ତ୍ତୀ ବର୍ଷ ୨୦୧୮-୧୯ରେ କେନ୍ଦ୍ର ୯୫୦୮୧ କୋଟି ଟଙ୍କା ଆଦାୟ କରିଥିଲା ବେଳେ ରାଜ୍ୟଗୁଡ଼ିକୁ ୬୮୨୭୫ କୋଟି ଟଙ୍କା ଦେଇଥିଲା। କିନ୍ତୁ କେନ୍ଦ୍ର ସରକାରଙ୍କ ବିଭିନ୍ନ ତ୍ରୁଟିପୂର୍ଣ୍ଣ ନୀତି ଯୋଗୁ ୨୦୧୯-୨୦ରେ କେନ୍ଦ୍ର ଓ ରାଜ୍ୟର ଆର୍ଥିକ ସ୍ଥିତି ନିମ୍ନମୁଖୀ ହେବାରୁ ଟିକସ ଆଦାୟ ଆଶାନୁରୂପ ହେଲା ନାହିଁ। ୨୦୧୯-୨୦ରେ କେନ୍ଦ୍ର ୯୫୪୪୪ କୋଟି ଟଙ୍କା ଜିଏସ୍‌ଟି ସେସ୍ ବାବଦରେ ଆଦାୟ କରିଥିଲା ବେଳେ ରାଜ୍ୟଗୁଡ଼ିକ କ୍ଷତି ଭରଣା ପାଇଁ ୧.୬୫ ଲକ୍ଷ କୋଟି ଟଙ୍କା ଦେଇଥିଲା। ପୂର୍ବ ୨ ବର୍ଷରେ ଯେଉଁ ସମ୍ବଳ ବଳକା ଭାବେ ସେସ୍‌ରୁ ପାଇଥିଲା, କେନ୍ଦ୍ର ତାକୁ ରାଜ୍ୟଗୁଡ଼ିକୁ ଦେଇଥିଲା। କିନ୍ତୁ ଚଳିତ ଆର୍ଥିକ ବର୍ଷରେ କେବଳ ତ୍ରୁଟିପୂର୍ଣ୍ଣ ନୀତି ନୁହେଁ କରୋନା ସଂକ୍ରମଣର କୁପ୍ରଭାବରେ ଅର୍ଥନୀତି ବିପର୍ଯ୍ୟସ୍ତ ହେବା ଯୋଗୁ ଉଭୟ କେନ୍ଦ୍ର ଓ ରାଜ୍ୟଗୁଡ଼ିକର ରାଜସ୍ୱ ଆଦାୟ ବହୁମାତ୍ରାରେ ହ୍ରାସ ପାଇବ। କେନ୍ଦ୍ର ହିସାବ ଅନୁଯାୟୀ ରାଜ୍ୟଗୁଡ଼ିକ କ୍ଷେତ୍ରରେ ଜିଏସ୍‌ଟି ବାବଦରେ ମୋଟ ୨.୩୫ ଲକ୍ଷ କୋଟି ଟଙ୍କା ହ୍ରାସ ପାଇବ ଏବଂ କରୋନା ପ୍ରଭାବକୁ ବାଦ୍ ଦେଲେ ଏହା ୯୭,୦୦୦କୋଟି ଟଙ୍କା ହେବ। ଅନେକ ଅର୍ଥନୀତିଜ୍ଞ ଏହି ତଥ୍ୟକୁ ଗ୍ରହଣ କରୁ ନାହାନ୍ତି। ଯଦି ୨୦୧୯-୨୦ରେ ଏହା ୧ଲକ୍ଷ ୬୫ ହଜାର କୋଟି ଟଙ୍କା ହେଲା ୨୦୨୦-୨୧ରେ ଏହା କିପରି କରୋନା ପ୍ରଭାବକୁ ବାଦ ଦେଲେ କିପରି ୯୭,୦୦୦ କୋଟି ଟଙ୍କା ହେବ। କେତେକଙ୍କ ମତରେ ରାଜ୍ୟଗୁଡ଼ିକ ଜିଏସ୍‌ଟିଜନିତ କ୍ଷତି ପ୍ରାୟ ୪ ଲକ୍ଷ କୋଟି ଟଙ୍କା ହୋଇପାରେ । ଯଦି ମୋଟ ଟିକସ ଆଦାୟ ହ୍ରାସ କଥା ବିଚାର କରାଯାଏ, ଏହା ୬ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିବ।

ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ଚଳିତ ଆର୍ଥିକବର୍ଷ କେନ୍ଦ୍ର ଜିଏସ୍‌ଟି କ୍ଷତିପୂରଣ ଦେବାରେ ଅବହେଳା କରିବା ଯୋଗୁ ରାଜ୍ୟଗୁଡ଼ିକ ବିଶେଷକରି ଅଣ-ଭାଜପା ସରକାର ତୀବ୍ର ପ୍ରତିକ୍ରିୟା କରିବାରୁ କେନ୍ଦ୍ର ଜିଏସ୍‌ଟି ପରିଷଦ ସଦ୍ୟ ସମାପିତ ୪୧ତମ ଅଧିବେଶନରେ ଏ ସମ୍ପର୍କରେ ଆଲୋଚନା ହୋଇଛି। ଓଡିଶାର ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଜିଏସ୍‌ଟି ପରିଷଦ ବୈଠକରେ ଏହି ଆର୍ଥିକ ବର୍ଷର ପ୍ରଥମ ୩ମାସର ଜିଏସ୍‌ଟି ବାବଦରେ କ୍ଷତିପୂରଣ ୩୬୭୪ କୋଟି ଟଙ୍କା ଏବଂ ପୂର୍ବ ବର୍ଷର ବକେୟାକୁ ମିଶାଇ ମୋଟ ୪୨୦୦ କୋଟି ଟଙ୍କା କେନ୍ଦ୍ରଠାରୁ ଦାବି କରିଛନ୍ତି। କିନ୍ତୁ ଅଗଷ୍ଟ ୨୭ର ଜିଏସ୍‌ଟି ପରିଷଦ ବୈଠକରେ କେନ୍ଦ୍ର ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ କ୍ଷତିପୂରଣ ନ ଦେଇ ୨ଟି ବିକଳ୍ପ ପ୍ରସ୍ତାବ ଦେଇଛି, ଯାହା ଅନ୍ୟାୟ, ଅନୁଚିତ। ଏହା ସଂଘୀୟ ବ୍ୟବସ୍ଥାର ପରିପନ୍ଥୀ ବୋଲି ମତ ପ୍ରକାଶ ପାଇଛି। କେନ୍ଦ୍ର ରାଜସ୍ୱ ସଚିବଙ୍କ କହିବା ଅନୁଯାୟୀ ଚଳିତ ଆର୍ଥିକ ବର୍ଷରେ ଜିଏସ୍‌ଟି ବାବଦରେ ରାଜ୍ୟଗୁଡ଼ିକର ୩ଲକ୍ଷ କୋଟି ଟଙ୍କା କମ୍ ଆଦାୟ ହେବ। କିନ୍ତୁ ସେସ୍ ବାବଦରେ ମାତ୍ର ୬୫୦୦୦ କୋଟି ଟଙ୍କା ଆଦାୟ ହେବ, ଯାହା ଫଳରେ ୨ ଲକ୍ଷ ୩୫ ହଜାର ୫ କୋଟି ଟଙ୍କା ଆବଶ୍ୟକ। କିନ୍ତୁ କରୋନା ପ୍ରଭାବକୁ କେନ୍ଦ୍ର ବିଚାରକୁ ନ ନେଇ ୯୭୦୦୦ କୋଟି ଟଙ୍କାର କ୍ଷତିପୂରଣ ବାବଦରେ ପ୍ରଥମ ବିକଳ୍ପ ରାଜ୍ୟଗୁଡ଼ିକ ଆଗରେ ଥୋଇଛି। ତାହା ହେଲା ରାଜ୍ୟଗୁଡ଼ିକ ରିଜର୍ଭ ବ୍ୟାଙ୍କରୁ ଏହି ୯୭୦୦୦ କୋଟି ଟଙ୍କା କମ ସୁଧ ବା ସ୍ୱତନ୍ତ୍ର ଉଇଣ୍ଡୋ (ସ୍ପେଶିଆଲ ଉଇଣ୍ଡୋ)ରେ ପ୍ରାପ୍ତ ହେବ। ପରେ ଅଗଷ୍ଟ ୨୯ ତାରିଖରେ ରାଜ୍ୟ ଅର୍ଥ ସଚିବ ମାନଙ୍କ ପାଖକୁ ଯେଉଁ ଚିଠି ଆସିଛି ତାହା ଅନୁସାରେ ଋଣ ପରିବ୍ୟୟ ବା ସୁଧ ସରକାରୀ ଋଣପତ୍ର ବା ଗଭର୍ନମେଣ୍ଟ ସିକ୍ୟୁରିଟି ସୁଧ ସହିତ ସମାନ ହେବ। ଏହା ରାଜ୍ୟର ଋଣଭାବେ ଧରାଯିବ ନାହିଁ। ୨୦୨୨ ଜୁଲାଇ ପରେ ଯେଉଁ ଜିଏସ୍‌ଟି ସେସ୍ ଆଦାୟ ହେବ ତାହା ଦ୍ୱାରା ଏହା ଭରଣା କରାଯିବ। ରାଜ୍ୟମାନଙ୍କୁ ମୂଳ ବା ସୁଧ ଦେବାକୁ ପଡ଼ିବ ନାହିଁ। ଯଦି ଅଧିକ ହୁଏ ତେବେ କେନ୍ଦ୍ର ସରକାରୀ ଋଣପତ୍ର ଏବଂ ହାରାହାରି ରାଜ୍ୟ ଉନ୍ନୟନ ଋଣ (ଏସ୍‌ଡିଏଲ୍) ସୁଧହାର ପାର୍ଥକ୍ୟର ୦.୫% ସବ୍‌ସିଡି ବହନ କରିବ।

ଦ୍ୱିତୀୟ ବିକଳ୍ପ ପ୍ରସ୍ତାବ ହେଲା ରାଜ୍ୟଗୁଡ଼ିକ ବିତ୍ତୀୟ ନିଅଣ୍ଟ ଜିଡିପିର ୩%ରେ ସୀମିତ ରଖିବା କଥା। କିନ୍ତୁ ଏହାକୁ ଆଉ ୯.୫% ବୃଦ୍ଧି କରିପାରିବେ, ଯାହା ଫଳରେ ରାଜ୍ୟଗୁଡ଼ିକ ମୋଟ ଆଉ ୧ ଲକ୍ଷ କୋଟି ଟଙ୍କା ଋଣ କରିପାରିବେ। ଏଣୁ ମୋଟ କ୍ଷତି ଯେଉଁ ୨ ଲକ୍ଷ ୩୫ ହଜାର କୋଟି ଟଙ୍କା ହେବ ତାହା ରାଜ୍ୟଗୁଡ଼ିକ ବଜାରରୁ ଋଣ କରିପାରିବେ। ରିଜର୍ଭ ବ୍ୟାଙ୍କ ଋଣ କରିବା ପ୍ରକ୍ରିୟାରେ ସାହାଯ୍ୟ କରିବ କିନ୍ତୁ ସୁଧ ରାଜ୍ୟଗୁଡ଼ିକୁ ଦେବାକୁ ହେବ। ପ୍ରଥମ ୯୭୦୦୦ କୋଟି ଟଙ୍କା ପରେ ଅବଶିଷ୍ଟ ପରିମାଣ ରାଜ୍ୟଗୁଡ଼ିକର ଋଣ ଭାବେ ବିଚାର କରାଯିବ। ଋଣ ପରିମାଣ ୨୦୨୨ ଜୁଲାଇ ପରେ କେନ୍ଦ୍ର ଜିଏସ୍‌ଟି ସେସ୍ ବାବଦରେ ବହନ କରିବ। ରାଜ୍ୟଗୁଡ଼ିକ ମଧ୍ୟ ରାଜ୍ୟ ଜିଡିପିର ୪% ପର୍ଯ୍ୟନ୍ତ ଋଣ କରିପାରିବେ, ଯେଉଁଥିରୁ ୧% ପାଇଁ କିଛି ସଂସ୍କାରମୂଳକ ପଦକ୍ଷେପ ନେବାକୁ ପଡ଼ିବ। ଏହି ଋଣ କରିବାର ସୀମା ପରବର୍ତ୍ତୀ ବର୍ଷକୁ ଘୁଞ୍ଚାଯାଇପାରିବ ନାହିଁ।

ଏଠାରେ ସ୍ୱତଃ ପ୍ରଶ୍ନ ଉଠେ କେନ୍ଦ୍ର ତା'ର ପ୍ରତିଶ୍ରୁତି ରକ୍ଷାକରି ରାଜ୍ୟଗୁଡ଼ିକୁ ତାଙ୍କ ପ୍ରାପ୍ୟ ଦେବା ଆବଶ୍ୟକ। ରାଜ୍ୟଗୁଡ଼ିକୁ ଋଣ କରିବା ପାଇଁ ପରାମର୍ଶ ଦେବା ଅନୁଚିତ। କେନ୍ଦ୍ର ଅର୍ଥମନ୍ତ୍ରୀ ଆର୍ଟର୍ନି ଜେନେରାଲଙ୍କ ମତକୁ ଉଦ୍ଧୃତ କରି କହିଛନ୍ତି ଯେ, ଏହି କ୍ଷତିପୂରଣ କେନ୍ଦ୍ର କନ୍‌ସୋଲିଡେଟେଡ୍ ଫଣ୍ଡରୁ ଦେଇହେବ ନାହିଁ। କିନ୍ତୁ ସେପରି କିଛି ଆଇନ୍ ମୂଳରୁ ନ ଥିଲା। କିନ୍ତୁ ୨୦୨୦-୨୧ ବଜେଟରେ ରାଜ୍ୟଗୁଡ଼ିକୁ ଏହି କ୍ଷତିପୂରଣ କେବଳ ଜିଏସ୍‌ଟି ସେସ୍ ବାବଦ ସଂଗୃହୀତ ଅର୍ଥ ଦିଆଯିବ ବୋଲି ଘୋଷଣା କରିଥିଲେ। ବାସ୍ତବରେ ବର୍ତ୍ତମାନ ଉଭୟ କେନ୍ଦ୍ର ଓ ରାଜ୍ୟର ଆର୍ଥିକ ସ୍ଥିତି ଭୟଙ୍କର। କେନ୍ଦ୍ରର ସ୍ଥିତି କରୋନା ପୂର୍ବରୁ ବିମୁଦ୍ରୀକରଣ, ଜିଏସ୍‌ଟି ଯୋଗୁ ନିମ୍ନଗାମୀ ହୋଇଛି। ତାଲାବନ୍ଦ ଠିକ୍‌ଭାବେ କାର୍ଯ୍ୟକାରୀ ହୋଇ ନ ଥିବାରୁ ପରିସ୍ଥିତି ସଙ୍ଗିନ ହୋଇଛି। ଯେହେତୁ ରାଜ୍ୟଗୁଡ଼ିକର ଟିକସ ଧାର୍ଯ୍ୟକରିବା ବା ଋଣ କରିବା କ୍ଷମତା ସୀମିତ ଏବଂ କେନ୍ଦ୍ରର ଅସୀମ ତେଣୁ ରାଜ୍ୟକୁ ସହାୟତା ଦେବା ଆବଶ୍ୟକ। ଆବଶ୍ୟକ ପଡିଲେ କେନ୍ଦ୍ର ବଜାରରୁ ହେଉ ବା ରିଜର୍ଭ ବ୍ୟାଙ୍କରୁ ମନିଟାଇଜେସନ ଅଫ ଡେଫିସିଟ୍ ଦ୍ୱାରା ଋଣ କରି ରାଜ୍ୟଗୁଡ଼ିକୁ ସାହାଯ୍ୟ କରିବା ଆବଶ୍ୟକ। ରାଜ୍ୟ ଦୁର୍ବଳ ହେଲେ କେନ୍ଦ୍ର ଦୁର୍ବଳ ହେବ। ରାଜ୍ୟକୁ ଶକ୍ତିଶାଳୀ କରିବା କେନ୍ଦ୍ରର ଦାୟିତ୍ୱ।

ସ୍ତମ୍ଭକାର ତଥା ଅର୍ଥନୀତିଜ୍ଞ
ମୋ-୯୪୩୭୨୦୮୭୬୨

# ବନ୍ୟପ୍ରାଣୀ ସୁରକ୍ଷା ଆଇନ ଓ ଅବାଧ ଶିକାର



ନାରାୟଣ ଚନ୍ଦ୍ର ବିଶ୍ୱାଳ

ଜଙ୍ଗଲ କ୍ଷୟ ହେତୁ ବନ୍ୟପ୍ରାଣୀମାନେ ଖାଦ୍ୟ ଅନ୍ୱେଷଣରେ ଏବେ ସହରମୁହାଁ। ଫଳରେ ସେମାନେ ମଣିଷର ଆକ୍ରୋଶର ଶିକାର ହେଉଛନ୍ତି। ଏହାର ଫଳସ୍ୱରୂପ ପୃଥିବୀପୃଷ୍ଠରେ କ୍ରମଶଃ ବନ୍ୟଜନ୍ତୁଙ୍କ ସଂଖ୍ୟା ଲୋପପାଇବାକୁ ବସିଲାଣି। କେତେକ ବନ୍ୟପ୍ରାଣୀ ଆଜି ଇତିହାସ ମଧ୍ୟ ପାଲଟିଗଲେଣି। ଏଣୁ ବନ୍ୟପ୍ରାଣୀଙ୍କ ସୁରକ୍ଷା ନିମନ୍ତେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ସେପ୍ଟେମ୍ବର ୪ ତାରିଖରେ ପାଳିତ ହେଉଛି ଜାତୀୟ ବନ୍ୟପ୍ରାଣୀ ଦିବସ। ଏହି ଦିବସ ପାଳନ ଅବସରରେ ଲୋକଙ୍କୁ ବନ୍ୟଜନ୍ତୁଙ୍କ ଶିକାର ନ କରି ସେମାନଙ୍କ ସୁରକ୍ଷା ଦିଗରେ ଦୃଷ୍ଟି ଦେବା ପାଇଁ ପ୍ରବର୍ତ୍ତା ଯାଇଥାଏ। ବନ୍ୟପ୍ରାଣୀ ବିଶେଷଜ୍ଞ କୋଲିନ୍ ପାଇଜ୍ ୨୦୦୫ ମସିହାରେ ପ୍ରଥମ ଥର ପାଇଁ ଏହି ଦିବସ ପାଳନ ଆରମ୍ଭ କରିଥିଲେ।

ସରକାରୀ ରେକର୍ଡ଼ରେ ଯେତିକି ଜଙ୍ଗଲ ଅଛି ବୋଲି ଦର୍ଶାଯାଉଛି, ସାଟେଲାଇଟ ସର୍ଭେରେ ୬% କମ୍ ଥିବା ଜଣାପଡ଼ିଛି। ବନ୍ୟପ୍ରାଣୀ ସୁରକ୍ଷା ଆଇନ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ ହେଉ ନ ଥିବାରୁ ରାଜ୍ୟରେ ବନ୍ୟପ୍ରାଣୀ ଏବେ ଏକରକମ ସଂକଟରେ। ବନ ବିଭାଗ ସୂଚନା ଅନୁସାରେ, ରାଜ୍ୟରେ ଗତ ୫ ବର୍ଷ ମଧ୍ୟରେ ୧୪ ବର୍ଗ କିମି ଲୁଣା ଜଙ୍ଗଲ ସହ ୪୮୩ ବର୍ଗକିଲୋମିଟର ଜଙ୍ଗଲ ନଷ୍ଟ ହୋଇଛି। ରାଜ୍ୟରେ ଥିବା ୫୮,୧୩୫ ବର୍ଗ କିମି ଜଙ୍ଗଲରୁ ୮୯.୪୫ ବର୍ଗ କିମିର ଖଣି, ଶିଳ୍ପ ପ୍ରତିଷ୍ଠା ଓ ରେଳଲାଇନ୍ ନିର୍ମାଣ ପାଇଁ କିସମ ବଦଳିଛି। ପ୍ରାୟ ୭୫୦୦ ଏକର ଜଙ୍ଗଲ ଜମିରେ ଖଣି ଖନନ ହେଉଛି। କାଠ ମାଫିଆମାନେ ଅଭିନବ ଢଙ୍ଗରେ ବନସମ୍ପଦ ଲୁଟି ଚାଲିଥିଲା ବେଳେ ଶିକାରୀମାନେ ମଧ୍ୟ ବିନା ଦ୍ୱିଧାରେ ବନ୍ୟପ୍ରାଣୀ ଶିକାର କରି ଚାଲିଛନ୍ତି। ବାଘ ଶିକାର କରି ମାଫିଆମାନେ ଅନ୍ତର୍ଜାତୀୟ ବଜାରକୁ ଚମଡ଼ା ଚାଲାଣ କରୁଛନ୍ତି। ବନ୍ଧୁକ, ଫାଶ ଓ ଜାଲ ଦ୍ୱାରା ଅବାଧ ପଶୁ ଶିକାରକୁ ବନ୍ୟଜୀବ ସୁରକ୍ଷା ଆଇନ ୧୯୭୨ରେ ବେଆଇନ ଘୋଷଣା କରାଯାଇଛି। ମାତ୍ର ଏହାର ବିଶେଷ ପ୍ରଭାବ ଅନୁଭୂତ ହୋଇନାହିଁ। ଶୀତଦିନେ ଚିଲିକାକୁ ଆସୁଥିବା ବିଦେଶୀ ପକ୍ଷୀ ଶିକାର ବଢ଼ି ଚାଲିଛି। ପକ୍ଷୀ ଶିକାର ରୋକିବାକୁ ସରକାରୀ ପଦକ୍ଷେପ ସମୁଦ୍ରକୁ ଶଙ୍ଖେ। ସେହିଭଳି ଓଡ଼ିଶା ଉପକୂଳକୁ ଅଣ୍ଡା ଦେବାକୁ ଆସୁଥିବା ହଜାର ହଜାର ସଂଖ୍ୟାରେ ଅଲିଭ୍ ରିଡ୍‌ଲେ କଇଁଛ ଗିଲନେଟ୍ ଜାଲରେ ଛନ୍ଦି ହୋଇ କିମ୍ବା ଟ୍ରଲର ମାଡ଼ରେ ମଧ୍ୟ ମୃତ୍ୟୁବରଣ କରୁଛନ୍ତି। ରାଜ୍ୟ ବନ୍ୟପ୍ରାଣୀ ସଂଗଠନ ସୂତ୍ରରୁ ମିଳିଥିବା ସୂଚନାନୁସାରେ, ଗତ ୭ ବର୍ଷ ମଧ୍ୟରେ ରାଜ୍ୟରେ ୨୬୨ ହାତୀ, ୧୩୨ ହରିଣ, ୪୩ ଭାଲୁ ଓ ୧୮ କୁମ୍ଭୀର ମୃତ୍ୟୁବରଣ କରିଛନ୍ତି। ଅଧିକାଂଶ ଶିକାରୀଙ୍କ ଦ୍ୱାରା ପ୍ରାଣ ହରାଇଛନ୍ତି। ଶିକାରରେ ସମ୍ପୃକ୍ତ ଥିବା ଅଭିଯୋଗରେ ୧୩୧ ଜଣଙ୍କୁ ନାମକୁ ମାତ୍ର ଗିରଫ କରାଯାଇଛି। ଦ୍ରୁତ ଶିଳ୍ପାୟନ ପରେ ରାଜ୍ୟରେ ଜଙ୍ଗଲ ସମ୍ପଦର ସୁରକ୍ଷା ନେଇ ସରକାରଙ୍କୁ ଏବେ ଚିନ୍ତା ଘାରିଛି। ଅଧିକ ଜଙ୍ଗଲ ସୃଷ୍ଟି ପାଇଁ ଏକ ୫ ବର୍ଷିଆ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ହୋଇଛି। କାମ୍ପାରେ ରାଜ୍ୟ ସରକାର ୨୬୫ କୋଟି ଟଙ୍କା ବ୍ୟୟ କରିବେ। ପ୍ରାକୃତିକ ଜଙ୍ଗଲର ସଂରକ୍ଷଣ, ପୁନରୁଦ୍ଧାର, ପରିଚାଳନା ଓ ଭିତ୍ତିଭୂମି ଦୃଢ଼ୀକରଣ ସହ ବନ୍ୟପ୍ରାଣୀ ସୁରକ୍ଷା ପାଇଁ କାମ୍ପା ବାର୍ଷିକ ଖସଡ଼ାରେ ଯୋଜନା ସାମିଲ ହୋଇଛି। ରାଜ୍ୟର ୧୮ଟି ଘଞ୍ଚ ଜଙ୍ଗଲରେ ଜଙ୍ଗଲ ସୁରକ୍ଷା ବାହିନୀ ନିୟୋଜିତ ଥିବାବେଳେ ପୁଣି ୧୪ଟି ଅଧିକ ଜଙ୍ଗଲକୁ ଏହାକୁ ସମ୍ପ୍ରସାରିତ କରାଯିବ। ୧୦ଲକ୍ଷ ହେକ୍ଟର ଉଜୁଡ଼ା ଜଙ୍ଗଲରେ ନୂଆ ଜଙ୍ଗଲ ସୃଷ୍ଟି କରାଯିବାକୁ ସ୍ଥିର ହୋଇଛି। ଘରୋଇ ସଂସ୍ଥା ସହଯୋଗରେ ୧୫ କୋଟି ଗଛ ଲଗାଇବା ସହ ୫ ହଜାର ହେକ୍ଟର ଜମିରେ ବାଉଁଶ ଗଛ ଲଗାଯିବ ବୋଲି ଯୋଜନା ପ୍ରସ୍ତୁତ ହୋଇଛି। ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ୨ଟି ବ୍ୟାଘ୍ର ଅଭୟାରଣ୍ୟ ସହ ୧୮ଟି ଅଭୟାରଣ୍ୟର ସୁରକ୍ଷା, ଅଭୟାରଣ୍ୟ ମଧ୍ୟରେ ୪୨୫ଟି ନୂଆ ଜଳାଶୟ ସୃଷ୍ଟି ସହ ଶିକାର ରୋକିବାକୁ ୧୨୦ ସ୍ୱତନ୍ତ୍ର ସ୍କାଡ୍ ଗଠନ କରାଯିବ। ଓଡ଼ିଶା ରାଜ୍ୟ ବନ ଏକାଡ଼େମୀ ଗଠନ ସହ କୋଷ୍ଟାଲ ଇକୋ ସିଷ୍ଟମ ମ୍ୟାନେଜମେଣ୍ଟ ବ୍ୟବସ୍ଥା ପ୍ରଚଳିତ ହେବ। ତେବେ ସରକାର ତୁରନ୍ତ ବିପର୍ଯ୍ୟସ୍ତ ପରିବେଶକୁ ସଜାଡ଼ିବାକୁ ପରିବେଶବିତ୍‌ମାନେ ପରାମର୍ଶ ଦେଇଛନ୍ତି। ଜାତୀୟ ବନ୍ୟପ୍ରାଣୀ ଦିବସ ଅବସରରେ ଆସନ୍ତୁ ଆମେ ସମସ୍ତେ ଏହି ଜୀବଜଗତ ପ୍ରତି ଆମ୍ଭମାନଙ୍କର ସହୃଦୟତା ଓ ଭଲପାଇବାକୁ ବଢ଼ାଇବା ନିମିତ୍ତ ଉଦ୍ୟମ କରିବା।

କଟିକଟା, ମଙ୍ଗଳପୁର, ଯାଜପୁର
ମୋ : ୯୪୩୮୨୭୬୭୬୦

## ଏଇ ଭାରତରେ

ନିଜ ପେଟ କଥା ଚିନ୍ତା ନ କରି ଅଭାବୀଙ୍କ ପାଇଁ ବ୍ୟସ୍ତ ମଣିଷଟିଏ ହେଉଛନ୍ତି କେରଳର ରେଜି ଥୋପିଲେଥ। ସେ ଜଣେ ଟ୍ୟାକ୍ସି ଚାଳକ। କେରଳ ଚେନଗାନ୍ନୁର୍‌ର ଚେରିୟାନାଡ଼ରେ ତାଙ୍କ ଘର। ଟ୍ୟାକ୍ସି ଚଳାଇ ଯାହା ରୋଜଗାର କରୁଛନ୍ତି ସେଥିରୁ ଗରିବଙ୍କ ପାଇଁ ଘର ତିଆରି କରିବା ସହ ସେମାନଙ୍କ ଖାଦ୍ୟ ଓ ଚିକିତ୍ସା ବାବଦରେ ଖର୍ଚ୍ଚ କରୁଛନ୍ତି। ଦୀର୍ଘ ୨୫ ବର୍ଷ ମଧ୍ୟରେ ୨୭ଟି ଘର ତିଆରି କରିବାରେ ସାହାଯ୍ୟ କରିଛନ୍ତି। ଘର ତିଆରି ପାଇଁ ଆବଶ୍ୟକ ଶ୍ରମିକଠାରୁ ଆରମ୍ଭ କରି କଞ୍ଚାମାଲ ଯୋଗାଡ଼ କରିଦିଅନ୍ତି ରେଜି। କେବଳ ଏତିକି ନୁହେଁ, ଗରିବ ପରିବାରର ପିଲାଙ୍କ ପଢ଼ିବା ଓ ଚିକିତ୍ସା ଖର୍ଚ୍ଚ ମଧ୍ୟ ବହନ କରି ଆସୁଛନ୍ତି। ରେଜି କୌଣସି ସ୍ୱଚ୍ଛଳ ପରିବାରରୁ ଆସିନାହାନ୍ତି, ବରଂ ଦେଶର ବହୁ ବଦାନ୍ୟ ବ୍ୟକ୍ତି ଓ ବେସରକାରୀ ସଂସ୍ଥା ସହ ଯୋଗାଯୋଗ ରକ୍ଷା କରି ସେ ଅସହାୟମାନଙ୍କ ଆବଶ୍ୟକତା ପୂରଣ କରି ଆସୁଛନ୍ତି। ବହୁ ସମୟରେ ଅର୍ଗାନ ଡୋନୋରଙ୍କୁ ଯୋଗାଡ଼ କରି ଲୋକମାନଙ୍କ ଜୀବନ ବଞ୍ଚାଉଛନ୍ତି। ଏମିତିକି ସୌମ୍ୟା ନାମକ ଜଣେ ଝିଅର କିଡ୍‌ନୀ ଟ୍ରାନ୍ସପ୍ଲାଣ୍ଟ ଲାଗି ୧୨ଟି ସ୍କୁଲ ସମେତ ବିଭିନ୍ନ ସଂସ୍ଥାରୁ ୬,୨୦,୦୦୦ ଟଙ୍କା ଯୋଗାଡ଼ କରି ଜୀବନ ବଞ୍ଚାଇ ପାରିଥିଲେ। ଲକ୍‌ଡାଉନ ସମୟରେ ସବୁ କିଛି ଠପ୍ ହୋଇଯାଇଥିବାବେଳେ ବହୁ କଷ୍ଟରେ ୪ଟି ପରିବାରକୁ ୫ ହଜାର ଟଙ୍କା ଲେଖାଏ ସାହାଯ୍ୟ ଯୋଗାଇ ଦେଇଛନ୍ତି ବୋଲି କହନ୍ତି ୬୩ ବର୍ଷୀୟ ରେଜି।

## ପାଠକ ଶ୍ରେଷ୍ଠ ବିଚାରକ

### କରୋନା ସଂକ୍ରମିତ ପରିଚୟ ଲୁଚାନ୍ତୁ ନାହିଁ

ମହାଶୟ,

କେବଳ ଓଡ଼ିଶା ନୁହେଁ ସମଗ୍ର ବିଶ୍ୱରେ ଭୟାବହ କରୋନା ଆତଙ୍କ ଖେଳାଇ ଦେଇଛି। ହଜାର ବର୍ଷର ସହର କଟକ ମଧ୍ୟ ପଛରେ ପଡ଼ିନାହିଁ। ପ୍ରତିଦିନ ଶହ ଶହ କରୋନା ସଂକ୍ରମିତଙ୍କ ସଂଖ୍ୟା ଦ୍ରୁତଗତିରେ ବଢ଼ି ଚାଲୁଛି। ଅମିତାଭ ବଚ୍ଚନ ହୁଅନ୍ତୁ ବା କୌଣସି ନେତୃସ୍ଥାନୀୟ ଶୀର୍ଷନେତା ବା ପ୍ରଶାସକ, ସେମାନେ ସେମାନଙ୍କର ଲକ୍ଷଣ ଜାଣିବା ମାତ୍ରେ ଗୋପନୀୟ ନ ରଖି ଗଣମାଧ୍ୟମ ଦ୍ୱାରା ତାଙ୍କ ସଂସ୍ପର୍ଶରେ ଆସିଥିବା ଅନ୍ୟମାନଙ୍କୁ ସୂଚିତ କରୁଛନ୍ତି। ତେବେ ଦୁର୍ଭାଗ୍ୟର ପ୍ରସଙ୍ଗ ଇତିମଧ୍ୟରେ ବ୍ରହ୍ମପୁର ଓ ଖୋର୍ଦ୍ଧାର ଦୁଇଟି ଘଟଣା ବଡ଼ ସଂକ୍ରମଣର କାରଣ ପାଲଟିଛି। ସେହିପରି କଟକ ସିଡିଏର ଏକ ପ୍ରତିଷ୍ଠିତ ଶିକ୍ଷାୟତନର ସର୍ବୋଚ୍ଚ ମୁଖ୍ୟ ପ୍ରାଥମିକ ସମୟରୁ ଲକ୍ଷଣ ଜାଣି ମଧ୍ୟ ଏହାକୁ ଗୋପନୀୟ ରଖିବା ସହ ଅନ୍ୟ ସହକର୍ମୀ ଓ ପରିଚିତ ଲୋକଙ୍କ ସହ ମିଳାମିଶା କରିଥିବାରୁ ସେ ଜଣେ ଗୋଷ୍ଠୀ ସଂକ୍ରମଣର ପୁରୋଧା ପାଲଟିଛନ୍ତି। ସରକାର ପୋଲିସ ଓ ଡାକ୍ତରବନ୍ଧୁଙ୍କ ସହଯୋଗରେ ଅପର୍ଯ୍ୟାପ୍ତ ଅର୍ଥ କରୋନା ଚିକିତ୍ସା ପାଇଁ ଖର୍ଚ୍ଚ କରୁଛନ୍ତି। ତେଣୁ ଦୟାପୂର୍ବକ ଆମମାନଙ୍କ ଗହଣରେ ଯେଉଁମାନେ କରୋନାର ସାମାନ୍ୟତମ ଲକ୍ଷଣ ଅନୁଭବ କରୁଛନ୍ତି ସେମାନେ ତୁରନ୍ତ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ସହ ଯୋଗାଯୋଗ କରି ଚିକିତ୍ସା ସୁବିଧା ନିଅନ୍ତୁ।

ଶ୍ୟାମସୁନ୍ଦର ସାମଲ, ବିଡ଼ାନାସୀ, ବକ୍ସିବଜାର, କଟକ

### ଚିରନ୍ତନୀ

ବିଶ୍ୱର ତପତ ଶ୍ୱାସ
ଜାଳଇ ଅନଳ,
ଜାଗଇ ବିରାଟ ତୃଷା
ଭୁବନେ କେବଳ।

(ଚିରନ୍ତନ କୁହୁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଫର୍ଚ୍ୟୁନ ପ୍ରଭାବଶାଳୀ ତାଲିକାରେ ଇଶା, ଆକାଶ ଅମ୍ବାନୀ**

ପ୍ରତିଷ୍ଠିତ ଫର୍ଚ୍ୟୁନ ପତ୍ରିକା ପକ୍ଷରୁ ପ୍ରକାଶିତ ୪୦ ବର୍ଷରୁ କମ୍ ବର୍ଗରେ ବିଶ୍ୱର ପ୍ରଭାବଶାଳୀ ତାଲିକାରେ ରିଲାଏନ୍ସ ଜିଓର ନିର୍ଦ୍ଦେଶକ ଇଶା ଅମ୍ବାନୀ ଏବଂ ଆକାଶ ଅମ୍ବାନୀ ସ୍ଥାନିତ ହୋଇଛନ୍ତି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଅଧ୍ୟକ୍ଷ ମୁକେଶ ଅମ୍ବାନୀଙ୍କର ଏମାନେ ଯମଜ ଝିଅ ଓ ପୁଅ। ୨୦୨୦ ବର୍ଷ ଲାଗି ୫ଟି ବର୍ଗରେ ଫର୍ଚ୍ୟୁନର ଏହି ତାଲିକା ପ୍ରକାଶ ପାଇଛି।

## ସଂକ୍ଷେପରେ

### ୧୧୮ ଆପ୍ ବ୍ୟାନ୍‌କୁ ଚାଇନାର ବିରୋଧ

**ନୂଆଦିଲ୍ଲୀ,୩।୯:** ଭାରତ ସରକାର ବୁଧବାର ୧୧୮ ଚାଇନା ଆପ୍ ବିରୋଧରେ କଟକଣା ଲଗାଇଛନ୍ତି। ଭାରତର ଏହି କାର୍ଯ୍ୟାନୁଷ୍ଠାନକୁ ଚାଇନା ବିରୋଧ କରିଛି। ଏହାକୁ ଚାଇନା ତୀବ୍ର ବିରୋଧ କରୁଥିବା ସେଠାକାର ବାଣିଜ୍ୟ ମନ୍ତ୍ରଣାଳୟ ମୁଖପାତ୍ର ଗାଓ ଫେଙ୍ଗ ଗୁରୁବାର ସୂଚନା ଦେଇଛନ୍ତି। ବିଶ୍ୱ ବାଣିଜ୍ୟ ସଙ୍ଗଠନ( ଡବ୍ଲ୍ୟୁଟିଓ) ନିୟମାବଳୀକୁ ଭାରତ ଉଲ୍ଲଂଘନ କରୁଥିବା ଚାଇନା ଅଭିଯୋଗ କରିଛି। ସୂଚନାଯୋଗ୍ୟ, ପୂର୍ବ ଲଦାଖର ଗଲୱାନ ଉପତ୍ୟକାରେ ଚାଇନା ସେନା ଆକ୍ରମଣରେ ୨୦ ଭାରତୀୟ ଯବାନ ଶହୀଦ ହେବା ପରେ କେନ୍ଦ୍ର ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ସରକାର ବୁଧବାର ପୁଣି ମୋଟ ୧୧୮ ମୋବାଇଲ ଆପ୍‌କୁ ବ୍ୟାନ କରିଦେଇଛନ୍ତି। ଏହା ମଧ୍ୟରେ ଲୋକପ୍ରିୟ ଗେମିଂ ଆପ୍ଲିକେଶନ ପବ୍‌ଜି (ପ୍ଲେୟର ଅନ୍‌ନୋନ୍ସ ବ୍ୟାଟେଲ ଗ୍ରାଉଣ୍ଡ୍ସ) ଏବଂ ଅନ୍ୟାନ୍ୟ ଆପ୍ ସାମିଲ ରହିଥିବା ଜଣାପଡିଛି।

# ଶୁଣାଣି ଶେଷ ଯାଏ ଏନ୍‌ପିଏ ହେବନି ଆକାଉଣ୍ଟ

- ସୁପ୍ରିମକୋର୍ଟରେ ମୋରାଟୋରିୟମ ମାମଲା
- ଅନାଦାୟ ବର୍ଗରେ ନ ଥିବା ଆକାଉଣ୍ଟଧାରୀଙ୍କୁ ଆଶ୍ୱସ୍ତି

**ନୂଆଦିଲ୍ଲୀ,୩।୯**



ମୋରାଟୋରିୟମ ସମୟ ଅବଧିରେ ସୁଧ ଉପରେ ସୁଧ ଲାଗୁ ପ୍ରସଙ୍ଗ ଉପରେ ଗୁରୁବାର ମଧ୍ୟ ସୁପ୍ରିମକୋର୍ଟ ଶୁଣାଣି କରିଛନ୍ତି। ଯେଉଁ ଗ୍ରାହକଙ୍କ ବ୍ୟାଙ୍କ ଆକାଉଣ୍ଟ ୩୧ ଅଗଷ୍ଟ ପର୍ଯ୍ୟନ୍ତ ଅନାଦାୟ ଋଣ (ଏନ୍‌ପିଏ) ଘୋଷଣା ହୋଇନାହିଁ, ସେହି ଖାତାଗୁଡିକୁ ମାମଲା ଶୁଣାଣି ହେବା ଶେଷ ଯାଏ ସୁରକ୍ଷା ପ୍ରଦାନ କରାଯିବ। ଏହି ବର୍ଗରେ ଆକାଉଣ୍ଟଗୁଡିକୁ ଶୁଣାଣି ନ ସରିବା ଯାଏ ଏନ୍‌ପିଏ ଘୋଷଣା ନ କରିବାକୁ ନ୍ୟାୟାଳୟ କହିଛନ୍ତି। ଗ୍ରାହକଙ୍କ ବିରୋଧରେ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ନ ନେବାକୁ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି।

ଏହି ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୧୦ରେ ହେବ। ସୁପ୍ରିମକୋର୍ଟରେ ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟା ପକ୍ଷ ରଖିଛନ୍ତି। ସୁଧ ଛାଡ କରିବା କଷ୍ଟକର ମାତ୍ର ପେମେଣ୍ଟଜନିତ ଚାପକୁ କମ୍ କରାଯାଇ ପାରିବ ବୋଲି ସେ ନ୍ୟାୟାଳୟଙ୍କୁ କହିଛନ୍ତି। ଦେଶର ବ୍ୟାଙ୍କିଙ୍ଗ୍ କ୍ଷେତ୍ର ଅର୍ଥ ବ୍ୟବସ୍ଥାର ମୂଳ ଆଧାର ହୋଇଥିବା ବେଳେ ଏହା ଦୁର୍ବଳ ହେଲା ଭଳି କୌଣସି ପଦକ୍ଷେପ ସରକାର ନେବେ ନାହିଁ ବୋଲି ସେ ସ୍ପଷ୍ଟ କରିଥିଲେ। ସୂଚନାଯୋଗ୍ୟ ମୋରାଟୋରିୟମ ଏଭଳି ଏକ ସୁବିଧା ଯାହା ଦ୍ୱାରା ଗ୍ରାହକ କିଛି ମାସ ଋଣ କିସ୍ତି ପ୍ରଦାନରୁ ବିରତ ହୋଇପାରିବେ। କରୋନା ଯୋଗୁ ସମସ୍ୟା ସାମ୍ନା କରୁଥିବା ବ୍ୟକ୍ତିବିଶେଷଙ୍କୁ ସୁବିଧା ଦେବା ଲାଗି ରିଜର୍ଭ ବ୍ୟାଙ୍କ ଋଣ ମୋରାଟୋରିୟମ ଘୋଷଣା କରିଥିଲେ। ମାର୍ଚ୍ଚରେ ପ୍ରାଥମିକ ସମୟ ଲାଗି ୩ ମାସ ପୁଣି ଅଗଷ୍ଟ ଶେଷ ଯାଏ ଆଉ ୩ ମାସ ଏହାକୁ ବଢ଼ାଯାଇଥିଲା।

ବର୍ତ୍ତମାନ ମୋରାଟୋରିୟମ ଅବଧିର ୬ ମାସ ଶେଷ ହୋଇଛି। ଏହାକୁ ବଢାଇବା ଲାଗି ଗ୍ରାହକଙ୍କ ପକ୍ଷରୁ ଦାବି କରାଯାଉଛି। ଏହି ଅବଧିରେ ଲାଗୁ ହେଉଥିବା ସୁଧ ଛାଡ କରିବା ଲାଗି ଦାବି ହେଉଛି। କାରଣ ସୁଧ ଉପରେ ସୁଧ ଲାଗୁ କରିବା ବୋଝ ଉପରେ ନଳିତା ବିଡା ବା ଦୋହରା ମାଡ ସଦୃଶ ହେବ। ଏହାକୁ ବିଚାରକରି ବର୍ତ୍ତମାନ ସୁଦ୍ଧା ସୁଧ କିସ୍ତି ଟାଳିବା ଲାଗି ରିଜର୍ଭ ବ୍ୟାଙ୍କ ଅନୁମତି ପ୍ରଦାନ କରିଛି। ଫଳରେ ବକେୟା କିସ୍ତି ଉପରେ ଲାଗୁଥିବା ସୁଧ ପ୍ରଦାନ କରିବାକୁ ପଡୁଥିବା ଜଣାପଡିଛି। ଏହି ମାମଲାର ଚୂଡ଼ାନ୍ତ ଶୁଣାଣି କ'ଣ ହେଉଛି ତାହା ଦେଖିବାକୁ ବାକି ରହିଲା।

# ଅଗଷ୍ଟରେ ୬୮୬ କୋଟି ରାଜ୍ୟ ଜିଏସ୍‌ଟି

**ଭୁବନେଶ୍ୱର,୩।୯**

୨୦୨୦ ଅଗଷ୍ଟ ମାସରେ ଓଡିଶାରେ ରାଜ୍ୟ ଜିଏସ୍‌ଟି (ଏସ୍‌ଜିଏସ୍‌ଟି) ବାବଦକୁ ପ୍ରାୟ ୬୮୬.୧୫ କୋଟି ଟଙ୍କା ଆଦାୟ ହୋଇଛି। ଏହା ଗତ ବର୍ଷ ଅଗଷ୍ଟ ତୁଳନାରେ ପ୍ରାୟ ୧.୭୬% କମ୍ ବୋଲି ଜଣାପଡିଛି। ସେହିଭଳି ଚଳିତ ବର୍ଷ ଏହାର ପରିମାଣ ମଧ୍ୟ କ୍ରମାଗତ ହ୍ରାସ ପାଇ ଚାଲିଛି। ଚଳିତ ବର୍ଷ ଜୁନରେ ୭୫୯.୧୭ କୋଟି, ଜୁଲାଇରେ ୭୯୪.୦୨ କୋଟି ଏସ୍‌ଜିଏସ୍‌ଟି ଆଦାୟ ହୋଇଥିଲା। କରୋନା ମହାମାରୀ ଯୋଗୁ ସରକାରଙ୍କ ପକ୍ଷରୁ ରିଟର୍ନ ଫାଇଲିଂ ଲାଗି ଟିକସଦାତାମାନଙ୍କୁ ଅଧିକ ସମୟ ଦିଆଯାଇଥିବାରୁ ଚଳିତ ଜୁନ, ଜୁଲାଇ ଓ ଅଗଷ୍ଟରେ ଜିଏସ୍‌ଟି ଆଦାୟର ପରିମାଣ ହ୍ରାସ ପାଇଥିବା ସୂଚନା ମିଳିଛି।



ସେହିଭଳି ଅଗଷ୍ଟରେ ରାଜ୍ୟ ଜିଏସ୍‌ଟି ୬୮୬.୧୫ କୋଟି ଟଙ୍କା, କେନ୍ଦ୍ରୀୟ ଜିଏସ୍‌ଟି(ସିଜିଏସ୍‌ଟି) ୫୩୮.୯୧କୋଟି ଟଙ୍କା, ସମନ୍ୱିତ ଜିଏସ୍‌ଟି (ଆଇଜିଏସ୍‌ଟି) ୬୩୦.୧୪ କୋଟି ଟଙ୍କା ଏବଂ ସେସ୍ ବାବଦକୁ ୪୯୩.୦୮ କୋଟି ଟଙ୍କା (ମୋଟ ୨୩୪୮.୨୮ କୋଟି ଟଙ୍କା) ଆଦାୟ କରାଯାଇଛି। ରାଜ୍ୟ ବାଣିଜ୍ୟ କର ଓ ଜିଏସଟି କମିଶନରଙ୍କ ପକ୍ଷରୁ ଜାରି ସୂଚନା ଅନୁସାରେ ଅଗଷ୍ଟରେ କେନ୍ଦ୍ରୀୟ ଜିଏସଟି (ସିଜିଏସ୍‌ଟି)ରେ ୦.୭% ଏବଂ ସେସ ବାବଦକୁ ୧୦% ଆଦାୟ ପରିମାଣ ବୃଦ୍ଧି ପାଇଛି। ସିଜିଏସ୍‌ଟି ବାବଦକୁ ୫୩୮.୯୧ କୋଟି ଟଙ୍କା ଏବଂ ସେସ୍ ବାବଦକୁ ୪୯୩.୦୮ କୋଟି ଟଙ୍କା ଆଦାୟ କରାଯାଇଛି। ଗତ ବର୍ଷ ଅଗଷ୍ଟରେ ୫୩୪.୬୮ କୋଟି ଟଙ୍କାର ସିଜିଏସଟି ଓ ୪୪୮.୯୧ କୋଟି ଟଙ୍କା ସେସ ଆଦାୟ ହୋଇଥିଲା। ସେହିଭଳି ଚଳିତ ବର୍ଷ ଅଗଷ୍ଟରେ ୬୩୦.୧୪ କୋଟି ଟଙ୍କାର ସମନ୍ୱିତ ଜିଏସ୍‌ଟି ଆଦାୟ ହୋଇଛି। ଯାହା ଗତ ବର୍ଷର ଆଦାୟ ପରିମାଣ ୮୧୫.୧୭ କୋଟି ଟଙ୍କା ଠାରୁ ପ୍ରାୟ ୨୨.୭୦% କମ୍ ବୋଲି ମଧ୍ୟ ସୂଚନା ମିଳିଛି। ସେହିଭଳି ରାଜ୍ୟରେ ପେଟ୍ରୋଲିୟମ ସାମଗ୍ରୀ ଉପରେ ଲଗାଯାଇଥିବା ଭାଟ୍‌ରୁ ଉପରେ ଜୁଲାଇରେ ୫୨୧.୪୭ କୋଟି ଟଙ୍କା ଏବଂ ଅଗଷ୍ଟରେ ୫୬୮.୭୮ କୋଟି ଟଙ୍କା ଆଦାୟ ହୋଇଛି। ଗତ ବର୍ଷ ଜୁଲାଇରେ ୫୦୯.୦୩ କୋଟି ଟଙ୍କା ଏବଂ ଅଗଷ୍ଟରେ ୪୯୧.୦୭ କୋଟିଟଙ୍କା ଆଦାୟ ହୋଇପାରିଥିଲା। ଗତ ବର୍ଷ ଅପେକ୍ଷା ଚଳିତ ବର୍ଷ ଏହି ସମୟରେ ଭାଟ୍ ସଂଗ୍ରହ ଉନ୍ନତ ରହିଥିବା ସୂଚନା ରହିଛି।

# ଅନୀଲ ସାବୁ ଆଇଇଇଏମ୍ଏ ସଭାପତି

**ଭୁବନେଶ୍ୱର,୩।୯:** ଇଣ୍ଡିଆନ ଇଲେକ୍ଟ୍ରିକାଲ ଆଣ୍ଡ ଇଲେକ୍‌ଟ୍ରୋନିକ୍ସ ମାନୁଫାକ୍‌ଚର୍ସ ଆସୋସିଏଶନର (ଆଇଇଇଏମ୍ଏ)ର ସଭାପତି ଭାବେ ଅନୀଲ ସାବୁ ନିର୍ବାଚିତ ହୋଇଛନ୍ତି। ୨୦୨୦-୨୧ ବର୍ଷ ଲାଗି ସେ ଏହି ପଦବୀରେ କାର୍ଯ୍ୟ କରିବେ। ସଂଘର ଅନ୍ୟ କର୍ମକର୍ତ୍ତା ଏହି ଅବସରରେ ନିର୍ବାଚିତ ହୋଇଛନ୍ତି। ଏଥିରେ ଅଧ୍ୟକ୍ଷ ତଥା ଏମ୍‌ଡି ଭାବେ ବିଜୟ କାରିଆ ଏବଂ ଉପସଭାପତି ଭାବେ ନୀରଜ ନନ୍ଦଙ୍କୁ ଦାୟିତ୍ୱ ମିଳିଛି।

# ବିଏମ୍‌ସିକୁ ପିପିଇ କିଟ୍ ଦେଲା ଷ୍ଟେଟ ବ୍ୟାଙ୍କ




**ଭୁବନେଶ୍ୱର,୩।୯**

ରାଜ୍ୟରେ ବୃଦ୍ଧି ପାଉଥିବା କରୋନା ମହାମାରୀର ଭୟାବହତାକୁ ନଜରରେ ରଖି ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ପକ୍ଷରୁ ସ୍ଥାନୀୟ ବିଏମ୍‌ସି କର୍ତ୍ତୃପକ୍ଷଙ୍କୁ ୧୫୦୦ ପିପିଇ କିଟ୍ ପ୍ରଦାନ କରାଯାଇଛି। ଏକ ଦାୟିତ୍ୱବାନ ବ୍ୟାଙ୍କିଙ୍ଗ ସଂସ୍ଥା ଭାବରେ କୋଭିଡ୍ ମହାମାରୀ ସମୟରେ ନିଜ ଜୀବନକୁ ପାଣି ଛଡାଇ ସଂକ୍ରମିତଙ୍କୁ ସେବା ଯୋଗାଇ ଦେଉଥିବା ଡାକ୍ତର, ନର୍ସ ଏବଂ ବିଭିନ୍ନ ବର୍ଗର ସ୍ୱାସ୍ଥ୍ୟକର୍ମୀ ଓ ସଫେଇକର୍ମୀଙ୍କ ସୁରକ୍ଷା ପାଇଁ ଏହି ସହାୟତା ଦିଆଯାଇଥିବା କୁହାଯାଇଛି। ଭାରତୀୟ ଷ୍ଟେଟ ବ୍ୟାଙ୍କ ଏବଂ ଏସ୍‌ବିଆଇ ଫାଉଣ୍ଡେଶନର ସିଏସ୍‌ଆର୍ କାର୍ଯ୍ୟ ଅନ୍ତର୍ଗତ ଏହା କରାଯାଇଥିବା ସୂଚନା ଦିଆଯାଇଛି। ଏହି ପିପିଇ କିଟ୍‌କୁ ଭାରତୀୟ ଷ୍ଟେଟ ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳର ମୁଖ୍ୟ ମହାପ୍ରବନ୍ଧକ ରୁମା ଦେ ଭୁବନେଶ୍ୱର ମହାନଗର ନିଗମ କାର୍ଯ୍ୟାଳୟରେ କମିଶନର ପ୍ରେମ୍‌ଚାନ୍ଦ ଚୌଧୁରୀଙ୍କୁ ପ୍ରଦାନ କରିଥିଲେ। ଏହି ଅବସରରେ ଏସ୍‌ବିଆଇର ମହାପ୍ରବନ୍ଧକ ଏନ୍‌ଡବ୍ଲ୍ୟୁ-୨ ବିଜୟ କୁମାର କୁଜୁର, ଉପମହାପ୍ରବନ୍ଧକ ଅନୁପ କୁମାର ସିହ୍ନା ଏବଂ ସହାୟକ ପ୍ରବନ୍ଧକ ଏଡ୍‌ଡିଥ ଏକ୍କା, ବିଏମ୍‌ସି କମିଶନର ଶୁଭେନ୍ଦୁ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ୩୮ କୋଇଲା ଖଣି ନିଲାମ ହେବ

**ନୂଆଦିଲ୍ଲୀ,୩।୯**

କମର୍ସିଆଲ ଖୋଇଲା ଖଣି ନିଲାମ ଲାଗି ଜାରି ହୋଇଥିବା ଖଣିଗୁଡିକର ତାଲିକାରେ ସରକାର କିଛିଟା ସଂଶୋଧନ କରିଛନ୍ତି। ନୂଆ ତାଲିକା ମୁତାବକ ୩୮ କୋଇଲା ଖଣି ନିଲାମ ହେବ ବୋଲି କେନ୍ଦ୍ର ସରକାର ଗୁରୁବାର ସୂଚନା ଦେଇଛନ୍ତି। ୪୧ ଖଣି ନିଲାମ କରାଯିବ ବୋଲି କୋଇଲା ମନ୍ତ୍ରଣାଳୟ ପକ୍ଷରୁ ପୂର୍ବରୁ ତାଲିକା ଜାରି କରାଯାଇଥିଲା। ସଂଶୋଧିତ ତାଲିକାରେ ୩ଟି ବ୍ଲକକୁ ଯୋଡା ଯାଇଛି। ତାଲିକାରୁ ୫ଟି ବ୍ଲକକୁ ହଟାଯାଇଥିବା ଜଣାପଡିଛି। ଯୋଡି ହୋଇଥିବା ୩ ବ୍ଲକ ମଧ୍ୟରେ ଡୋଲେସାରା, ଜାରେକେଲା,ଝାରପାଲମ-ଟନଗରଘାଟ(ଛତିଶଗଡ) ସାମିଲ କରାଯାଇଛି। ସେହିଭଳି ମୋର୍ଗା ସାଉଥ, ଫତେହପୁର, ମଦନପୁର(ନର୍ଥ), ମୋର୍ଗା-୨ ଏବଂ ଛତିଶଗଡର ସାୟଙ୍ଗ ବ୍ଲକକୁ ତାଲିକାରୁ ହଟାଯାଇଛି। ଏହା ପୂର୍ବରୁ ମନ୍ତ୍ରଣାଳୟ ମହାରାଷ୍ଟ୍ରର ଚନ୍ଦ୍ରପୁର ଜିଲାସ୍ଥିତ ବାନ୍ଦର କୋଇଲା ଖଣିକୁ ତାଲିକାରୁ ହଟାଇଥିଲା। ପରିବେଶ ପାଇଁ ଏହା ସମ୍ବେଦନଶୀଳ ହୋଇଥିବା କାରଣରୁ ସରକାର ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି। ସଂଶୋଧନର କାରଣ ସମ୍ପର୍କରେ କୋଇଲା ମନ୍ତ୍ରଣାଳୟ ପକ୍ଷରୁ କିଛି ସ୍ପଷ୍ଟ କରାଯାଇନାହିଁ। ନିଲାମ ହେବାକୁ ଥିବା ଖଣିଗୁଡିକ ମଧ୍ୟରେ ଛତିଶଗଡର ୭ କୋଇଲା ବ୍ଲକ ସାମିଲ ରହିଛି। ସୂଚନା ଯୋଗ୍ୟ, ୪୧ କୋଇଲା ଖଣିର ନିଲାମ ପ୍ରକ୍ରିୟାକୁ କେନ୍ଦ୍ର ସରକାର ୨୦୨୦ ଜୁନ ୧୮ରୁ ଆରମ୍ଭ କରିଥିଲେ।

# ଭୋଡା-ଆଇଡିଆକୁ ମିଳିପାରେ ଲାଇଫ୍‌ଲାଇନ

- ୨୯ ହଜାର କୋଟି ନିବେଶ ସମ୍ଭାବନା
- ଆମାଜନ, ଭେରିଜନ ନାମକୁ ନେଇ ଚର୍ଚ୍ଚା

**ନୂଆଦିଲ୍ଲୀ,୩।୯:** ଋଣ ଚାପରେ ଫସି ରହିଥିବା ଟେଲିକମ୍ କମ୍ପାନୀ ଭୋଡାଫୋନ-ଆଇଡିଆକୁ ନୂଆ ଲାଇଫ୍‌ଲାଇନ ମିଳିପାରେ। ଏହି କମ୍ପାନୀରେ ପ୍ରାୟ ୨୯ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ ହେବାର ସମ୍ଭାବନା ରହିଛି। ଏହା ହେଲେ ଚାପରେ ରହିଥିବା କମ୍ପାନୀ କାରବାରକୁ ପୁଣି ଥରେ ସମ୍ଭାଳିବାରେ ସକ୍ଷମ ହେବ ବୋଲି କୁହାଯାଉଛି। ଆଡଜଷ୍ଟେଟେଡ ଗ୍ରସ ରେଭେନ୍ୟୁ(ଏଜିଆର୍) ମାମଲାରେ ଟେଲିକମ କମ୍ପାନୀଗୁଡିକୁ ସୁପ୍ରିମକୋର୍ଟ ୧୦ ବର୍ଷର ଆଶ୍ୱସ୍ତି ମିଳିଛି। ଏହି ମାମଲା ଭୋଡାଫୋନ ଆଇଡିଆ କମ୍ପାନୀର ଭବିଷ୍ୟତ ନିର୍ଦ୍ଧାରଣ କରିବ ବୋଲି କୁହାଯାଇଥିଲା। ମାମଲାରେ କମ୍ପାନୀକୁ ବଡ ଆଶ୍ୱସ୍ତି ମିଳିଥିବା ଜଣାପଡିଛି। ବକେୟା ଶୁଝିବା ଲାଗି କମ୍ପାନୀ ଏହାର ଅଂଶଧନ ବିକିବ ବୋଲି ଶୁଣାଯାଉଥିଲା। ଏହା ଉପରେ ସୁପ୍ରିମକୋର୍ଟ ରୋକ ମଧ୍ୟ ଲଗାଇଥିଲେ। ପ୍ରମୁଖ ଇ-କମର୍ସ କମ୍ପାନୀ ଆମାଜନ ଡଟ୍ ଇନ ଏବଂ ଭେରିଜନ କମ୍ୟୁନିକେଶନ ଭୋଡାଫୋନ-ଆଇଡିଆରେ ଅଂଶଧନ କିଣିପାରେ ବୋଲି ଚର୍ଚ୍ଚା ଜୋର ଧରିଛି। ଏ ନେଇ ଗଣମାଧ୍ୟମରେ ମଧ୍ୟ ରିପୋର୍ଟ ପ୍ରକାଶ ପାଇଛି। ୪ ସେପ୍ଟେମ୍ବରରେ ଏହି କମ୍ପାନୀର ବୋର୍ଡ ବୈଠକ ଅନୁଷ୍ଠିତ ହେବ। ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଏଠାରେ ଆଲୋଚନା ହୋଇପାରେ। ଅଂଶଧନ କ୍ରୟ ନେଇ ଆମାଜନ ଏବଂ ଭେରିଜନର ନାମ ସାମ୍ନାକୁ ଆସୁଛି। ଏହି ଦୁଇ କମ୍ପାନୀ ପୂର୍ବରୁ ଭାରତରେ ସେମାନଙ୍କ କାରବାର ସ୍ଥିତି ଜାହିର କରିଛନ୍ତି। ଆମାଜନ ଇ-କମର୍ସ ଏବଂ ଭେରିଜନ ପୂର୍ବରୁ ଏୟାରଟେଲ ସହ ଚୁକ୍ତିରେ ସାମିଲ ହୋଇସାରିଛି। ଚୂଡ଼ାନ୍ତ ନିଷ୍ପତ୍ତି କଣ ହେଉଛି ସେ ଉପରେ ବଜାରର ନଜର ରହିଛି।


**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, ANGUL**

**TENDER CALL NOTICE**

Sealed tenders are invited from the reputed eligible registered diet preparation and catering firm to prepare and distribute diet in the District Headquarter Hospital, Sub-Divisional Hospital and Community Health Centre of the ANGUL district on annual contract basis. The details, terms & condition, guideline etc. including tender paper format can be downloaded from the district website **www.angul.nic.in**. The tenders in the prescribed format along with all relevant documents should reach the office of the undersigned by 28.09.2020, 2.00 P.M. through Regd. Post/Speed Post/Courier only. The envelope should duly superscribed on top of envelopes as "Tender for supply of Diet for DHH/SDH/CHC, ANGUL 2020-2021". The tender will be opened on 28.09.2020 at 3.00 P.M. The undersigned reserves the right to reject any or all the quotations without assigning any reason thereof.

**Sd./- Chief District Medical & Public Health Officer, Angul**

GOVERNMENT OF ODISHA

**OFFICE OF THE SUPERINTENDING ENGIEER NORTHERN CIRCLE, RURAL WORKS, ANGUL**

E-Mail: sencrwangul@yahoo.co.in, Ph.No.-06764-236404

e-Procurement Notice for Building works in Odisha

No.O-308:- Bid Identification No. Building Online AGL-06/2020-21

No.1420 Dt.31.08.2020

1. Name of the work : Building works. 2. Total No. of work : 5 Nos. 3. Estimated cost : Rs.248.70 to Rs.279.50 lakhs. 4. Class of contractor : 'B' & 'A' class. 5. Period of completion: 11 (Eleven) calendar months. 6. Other details.

| Procurement Officer | Bid identification on No. | Availability of tender online for bidding | | Last date & time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical bid | Financial bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works, Northern Circle, Angul | Building Online-AGL-06/ 2020-21 | 07.09.2020 at 10.00 A.M. | 22.09.2020 upto 5.00 P.M. | 19.09.2020 upto 1.00 P.M. | 23.09.2020 at 11.00 A.M. | 30.09.2020 at 11.00 A.M. |

(1) For detailed notice inviting tender, please visit to the website www.tendersorissa.gov.in

**Sd./- Superintending Engineer, N.C., Rural Works, Angul**

OIPR-25049/11/0006/2021

**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ଲିଃ.**

(A Govt. of Odisha Undertaking)

OPTCL

**OFFICE OF THE DGM (EL) EHT(C) DIVISION**

BERHAMPUR - 760007

**NOTICE INVITING TENDER**

**TENDER CALL NOTICE NO. - 04/2020-21**

Advt. No. 04/2020-21 Date: 02.09.2020

Sealed tenders are invited from the registered service providers/contractors having valid GST registration, EPF & ESI registration, PAN for the work **"Annual maintenance contract for cleaning, sweeping, up-keeping and sanitation works of different offices with its surroundings under EHT(C) Division, Berhampur"**. Cost of tender paper (non-refundable) = Rs.4,000/- + 12% GST = Rs.4,480/-. EMD 1% of total estimated value (EMD = Rs.6,830.00). Sale of tender documents from **07.09.2020 to 22.09.2020**. Last date of submission of tender **03.00 P.M. of 23.09.2020**. Date of opening of tender: **04.00 P.M. of 23.09.2020**. For details please visit our website **www.optcl.co.in** or office in official hours. Corrigendum if any will be published in the office notice board only.

**Sd./- DGM (Elect.)**

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER-CUM-DISTRICT MISSION DIRECTOR, NHM, MALKANGIRI**

**SHORT TENDER CALL NOTICE**

No. 8480 Date: 03.09.2020

No. E-219: Sealed tenders are invited from Travel Agencies/Private Organizations/NGOs/Individuals for hiring of 2 Nos. of four wheeler vehicle (TATA HEXA, SAFARI / MAHINDRA TUV, BOLERO, SCORPIO, XYLO, MARAZZO / TOYOTA INNOVA / MARUTI ERTIGA) only for engagement at District Programme Management Support Unit (DPMSU), NHM, Malkangiri on contract basis.

Interested Travel Agencies/Private Organisation/NGOs/Individuals may submit offers mentioning monthly rental for individual activity. Details regarding application format, terms and conditions may be downloaded from **www.malkangiri.nic.in**. Your tender documents in the prescribed format along with all relevant documents should reach to the office of the undersigned by 11.09.2020, 05.00 P.M. through in Hand/Speed/Regd. Post & Courier only. The tenders will be opened at 4.00 P.M. on 14.09.2020. The maximum quoted price should not be exceed Rs.24,000/- (Rupees twenty four thousand) only. The undersigned reserves the right to reject any or all the tenders without assigning any reason thereof. The envelope containing the tender must be clearly superscribed as **"Tender for Hiring of vehicle for DPMSU, NHM, O/o. CDM & PHO-CUM-DMD, Malkangiri"**.

**Sd./- CDM&PHO-CUM-DISTRICT MISSION DIRECTOR, MALKANGIRI**

OIPR-10082/11/0009/2021

**ADVERTISEMENT**

No. 2531 Dated: 02.09.2020

**Scheduled Castes & Scheduled Tribes Research and Training Institute (SCSTRTI)**

CRPF Square, Nayapalli, Bhubaneswar - 751003

**Engagement of State Co-ordinator (Short Term Contractual)**

No. 10-V: The Scheduled Castes and Scheduled Tribes Research and Training Institute (SCSTRTI) intends to engage one State Co-ordinator on Contractual Basis for **Anwesha Concurrent Monitoring and Evaluation Cell (ACME Cell)** for effective function and concurrent monitoring supervision, evaluation of Schools and Hostels established under ANWESHA Programme of ST & SC Development Department, Govt. of Odisha. The engagement is short term, i.e. for duration of 12 months only. Detail ToR for the Post/Position and the application form can be seen in the Odisha Government portal **www.stscodisha.gov.in** and website of SCSTRTI **www.scstrti.in**.

Candidates desirous with eligibility are to submit their application along with the supporting documents either by Speed Post/through e-mail or in person to the Advisor-cum-Director & Spl. Secy., SCSTRTI, CRPF Square, Bhubaneswar - 751003 latest by 11.09.2020. The contact Tel. No./E-mail ID to be mentioned in the application for future correspondence. The shortlisted candidates are to report on 15.09.2020 between 9.00 A.M. to 10.30 A.M. in the Office of the Directorate of SCSTRTI, CRPF Square, Bhubaneswar with all the certificates and testimonials in original for verification and interview.

**Sd./- Assistant Director (Admn.)**

OIPR-26026/11/0001/2021

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**Indus Infra Network Company**
ଦ୍ୱାରା ଓଡିଶାରେ ନିଜ ଛାତ,ଜମି,କ୍ଷେତ ଏବଂ ଖାଲି ସ୍ଥାନ ମାନଙ୍କରେ 4G/5G ର Digital Mobile Network ଲଗାନ୍ତୁ (ପ୍ରଥମ ଆସନ୍ତୁ ପ୍ରଥମ ଲଗାନ୍ତୁ)
ADVANCE-60LAKH
ଭଡା-୪୫୦୦୦/-ମାସିକ
ଚାକିରି-୨୦୦୦୦/-(ବେତନ)
ଏକ ବୋଲର ଗାଡି।
ତିନି ଦିନରେ ଫଳାଫଳ ପାଆନ୍ତୁ। ଧୋକାବାଜ କମ୍ପାନୀ ରୁ ସାବଧାନ ରୁହନ୍ତୁ।
8765265284
9473603205

**HINDUSTAN FINANCE LIMITED**
(Reg. No. Reg.No.3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

**VINAYAK Finance**
ମାର୍କସିଟ | ବ୍ୟବସାୟ | ବ୍ୟକ୍ତିଗତ | ଆଧାରକାର୍ଡ | ସମ୍ପତି ଋଣ | ରାସନ୍‌କାର୍ଡ
ଆଦି ସମସ୍ତ ଲୋନ ଘରେବସି ପାଆନ୍ତୁ
2% ସୁଧ 50% ଛାଡ
(ମହିଳା ଓ ବିଦ୍ୟାର୍ଥୀ ମାନଙ୍କ ପାଇଁ ବିଶେଷ ଛାଡ)
Lane No - 5, MG Road, Bangalore
8595662905

**BDFC Finance**
(ରେଜିଷ୍ଟ୍ରେଡ କମ୍ପାନୀ)
ସମସ୍ତ ପ୍ରକାର ଲୋନ ନିଅନ୍ତୁ ମାତ୍ର ୧୦ ଦିନ ମଧ୍ୟରେ
ପ୍ରପୋର୍ଟି, ପର୍ସନାଲ୍, ମାର୍କସିଟ୍, ପଶୁପାଳନ, ବ୍ୟବସାୟ, ଗୃହ, ଶିକ୍ଷା, କୃଷି ଓ ଲଘୁଉଦ୍ୟୋଗ ପାଇଁ ଋଣ ନେବାକୁ ଯୋଗାଯୋଗ କରନ୍ତୁ
ସୁଧ ୧% ଘରେ ବସି ପାଆନ୍ତୁ
Ratanpur, Balbaspur, Sundergarh
8895873257
7656825247

**BUSINESS**
Jeevansh & Company Pvt. Ltd.
କମ୍ପାନୀକୁ ସାରା ଓଡିଶାରେ ଲୋନ୍, ଏଜେଣ୍ଟ, ଡିଲରସିପ୍ ଆବଶ୍ୟକ କରୁଅଛି।
ଓଡିଶାରୁ ସମସ୍ତ ଜିଲ୍ଲା/ସହର/ଗ୍ରାମିଣରେ ବ୍ରାଞ୍ଚ ଖୋଲିବା ପାଇଁ ବ୍ରାଞ୍ଚ ମ୍ୟାନେଜର, ଏରିଆ ମ୍ୟାନେଜର ଆବଶ୍ୟକ। ନୋଟ- ମାଇକ୍ରୋଫାଇନାନ୍ସ/ବ୍ୟାଙ୍କ/ ଇନ୍‌ସୁରାନ୍ସ କର୍ମଚାରିଙ୍କୁ ଅଗ୍ରାଧିକାର ଦିଆଯିବ।
6399121671
6399121670

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ALL EDITION - B/W (Every Day)**
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

## ସଂକ୍ଷେପରେ

### ରାୟଗଡ଼ା ଜିଲାରୁ ୧୧୧ ପଜିଟିଭ

ରାୟଗଡ଼ା ଅଫିସ,୩।୯: କିଛିଦିନର ବ୍ୟବଧାନ ପରେ ରାୟଗଡ଼ା ଜିଲାରେ ପୁଣି କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ିଛି। ଜିଲାରୁ ଆଉ ୧୧୧ ପଜିଟିଭ ଚିହ୍ନଟ ହୋଇଥିବା ସୂଚନା ମିଳିଛି। ଏଥିରେ ଜିଲାର ବିଷମକଟକ ବ୍ଲକ୍‌ରୁ ୪୨ଜଣ, କୋଲନରାରୁ ୩୪, ରାୟଗଡ଼ା ସହରାଞ୍ଚଳରୁ ୨୩, କାଶୀପୁରରୁ ୫, ମୁନିଗୁଡ଼ାରୁ ୨, ଗୁଡାରିରୁ ୧, ଗୁଣପୁର ଗ୍ରାମାଞ୍ଚଳରୁ ୧, ପଦ୍ମପୁରରୁ ୧, ରାମନାଗୁଡ଼ାରୁ ୧, ରାୟଗଡ଼ା ଗ୍ରାମାଞ୍ଚଳରୁ ଜଣେ ରହିଛନ୍ତି। ସଂକ୍ରମିତଙ୍କ ମଧ୍ୟରେ ୯ କରୋନା ଯୋଦ୍ଧା ରହିଛନ୍ତି। ନୂତନ ୧୧୧ ସଂକ୍ରମିତଙ୍କୁ ମିଶାଇ ଜିଲାରେ ମୋଟ ପଜିଟିଭ ସଂଖ୍ୟା ୪୯୭୨ରେ ପହଞ୍ଚିଛି। ଏଥିମଧ୍ୟରୁ ୪୨୪୫ଜଣ ସୁସ୍ଥହୋଇ ଫେରିଥିବାବେଳେ ୨୬ଜଣଙ୍କ କରୋନାଜନିତ ମୃତ୍ୟୁ ଘଟିଛି। ଜିଲାରେ ଆଉ ୭୦୧ଜଣ ସକ୍ରିୟ ସଂକ୍ରମିତ ରହିଥିବା ସୂଚନା ମିଳିଛି।

### ନବରଙ୍ଗପୁରରୁ ୪୬ ପଜିଟିଭ

ନବରଙ୍ଗପୁର,୨।୯(ବି.ପ୍ର.)-ନବରଙ୍ଗପୁର ଜିଲାରୁ ଗୁରୁବାର ୪୬ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଗୁରୁବାର ଚିହ୍ନଟ ହୋଇଥିବା ଆକ୍ରାନ୍ତଙ୍କ ମଧ୍ୟରେ ନବରଙ୍ଗପୁର ପୌରାଞ୍ଚଳରୁ ୨୪ ଓ ଉମରକୋଟ ପୌରାଞ୍ଚଳରୁ ୮ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିଭଳି ନବରଙ୍ଗପୁର ବ୍ଲକରୁ ୯, କୋଷାଗୁମୁଡ଼ାରୁ ୩, ରାଇଘର ଓ ନନ୍ଦାହାଣ୍ଡି ବ୍ଲକରୁ ଜଣେ ଲେଖାଏ ଆକ୍ରାନ୍ତ ରହିଛନ୍ତି। ଗୁରୁବାର ଚିହ୍ନଟ ସଂକ୍ରମିତଙ୍କୁ ମିଶାଇ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୧୨୯୫ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରୁ ୮୯୪ଜଣ ସୁସ୍ଥ ହୋଇସାରିଲେଣି। ୩୯୫ଜଣଙ୍କ ଚିକିତ୍ସା ଚାଲିଛି। ଜିଲାରେ ଏ ପର୍ଯ୍ୟନ୍ତ କରୋନାରେ ୬ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି।

### ସେପ୍ଟେମ୍ବର ପାଇଁ ଜାରି ହେଲା ଗାଇଡ୍‌ଲାଇନ୍

ଗୁଣପୁର,୩।୯(ଡି.ଏନ୍.ଏ.)-କେନ୍ଦ୍ର ଏବଂ ରାଜ୍ୟ ସରକାର ଶଟ୍‌ଡାଉନ୍ ଏବଂ ଲକ୍‌ଡାଉନ୍ କଟକଣାକୁ ଉଠାଇଛନ୍ତି। ଅଗଷ୍ଟ ୩୧ ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିଥିଲା। ରାୟଗଡ଼ା ଜିଲା ପ୍ରଶାସନ ପକ୍ଷରୁ ଜାରି କଟକଣା ଅନୁଯାୟୀ ବ୍ୟବସାୟୀମାନେ ସକାଳ ୭ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଦୋକାନ ଖୋଲିବାକୁ ଅନୁମତି ମିଳିଥିଲା। ତେବେ ଜିଲା ପ୍ରଶାସନ ପକ୍ଷରୁ ନୂତନ ଗାଇଡ୍‌ଲାଇନ୍ ଜାରି କରାଯାଇ ନ ଥିଲା, ଯଦ୍ଦ୍ୱାରା ବ୍ୟବସାୟୀମାନେ ଦ୍ୱନ୍ଦ୍ୱରେ ରହିଥିଲେ। ଏ ନେଇ ଗୁରୁବାର ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏହାପରେ ପ୍ରଶାସନ ପକ୍ଷରୁ ସେପ୍ଟେମ୍ବର ମାସ ପାଇଁ ଗାଇଡ୍‌ଲାଇନ୍ ଜାରି କରାଯାଇଛି। ନୂତନ ନିର୍ଦ୍ଦେଶନାମା ଅନୁଯାୟୀ, ଶଟ୍‌ଡାଉନ୍ ଏବଂ ଲକ୍‌ଡାଉନ୍‌କୁ ସମ୍ପୂର୍ଣ୍ଣ ଉଠାଯାଇଛି। ଦୋକାନ ବଜାର ମଧ୍ୟ ପୂର୍ବଭଳି ଖୋଲିବ। ଯାନବାହନ ମଧ୍ୟ ଚଳାଚଳ କରିବ। ତେବେ ସାମାଜିକ ଦୂରତ୍ୱ ଏବଂ ମାସ୍କ ବ୍ୟବହାରକୁ ଗୁରୁତ୍ୱ ଦିଆଯାଇଛି। ଏଥିରେ ଅବମାନନା କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାପାଳ ନିର୍ଦ୍ଦେଶନାମାରେ ଚେତାବନୀ ଦେଇଛନ୍ତି।

### କେନାଲକୁ ଡେଇଁ ପଡିଲେ ମହିଳା

ଜୟପୁର,୧।୧୦(ଡି.ଏନ.ଏ )- ଜୟପୁର ସହର ଦେଇ ଯାଇଥିବା କୋଲାବ ଇରିଗେସନ ବିଭାଗର ମୁଖ୍ୟ କେନାଲ ପାଣିକୁ ପୁରୁଣାଗଡ ପୋଲ ଉପରରୁ ଜୈନିକ ମହିଳା ଡେଇଁପଡି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସେ ହେଉଛନ୍ତି ସୌରାସାହିର ସତ୍ୟଭାମା ପାତ୍ର(୬୫)। ସେ ପାଣିରେ ଭାସି ଯାଉଥିବା ବେଳେ ଗାନ୍ଧିଛକ କେନାଲ ବାଇପାସ ରୋଡରେକେତେକ ବ୍ୟକ୍ତି ଏହା ଦେଖି ପାଣିକୁ ଡେଇଁ ତାଙ୍କୁ ଉଦ୍ଧାର କରିଥିଲେ। ଏନେଇ ପୋଲିସକୁ ଖବରଦେବା ପରେ ଟାଉନଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସତ୍ୟଭମାଙ୍କୁ ଡାକ୍ତରଖାନା ନେଇଥିଲା। ଦୀର୍ଘଦିନ ହେବ ସ୍ୱାମୀଙ୍କ ଶରୀର ଅସୁସ୍ଥ ଥିବାରୁ ମାନସିକ ଭାରସାମ୍ୟ ହରାଇ ସେ ଏପରି କରିଥିବା ଟାଉନଥାନା ଏସଆଇ ପ୍ରଶାନ୍ତ ସାବତ କହିଛନ୍ତି।

# ବିଦ୍ୟୁତ୍ କାଟ ପ୍ରତିବାଦରେ ରାସ୍ତାକୁ ଓହ୍ଲାଇଲେ ଗ୍ରାମବାସୀ

ପାପଡ଼ାହାଣ୍ଡି, ୩।୯(ଡି.ଏନ୍.ଏ.)



ଗ୍ରାମବାସୀ ରାସ୍ତା ଉପରେ ପ୍ରତିବାଦ କରୁଛନ୍ତି।

ବିନା ସୂଚନାରେ ବିଦ୍ୟୁତ୍ କାଟକୁ ବିରୋଧକରି ଗୁରୁବାର ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ପଣ୍ଡିକୋଟ ପଞ୍ଚାୟତ ସଦର ଗ୍ରାମବାସୀ ରାସ୍ତାକୁ ଓହ୍ଲାଇ ପ୍ରତିବାଦ କରିଛନ୍ତି। ବିଦ୍ୟୁତ୍ ବିଭାଗ ପକ୍ଷରୁ ବିଲ୍ ନ ଦିଆଯାଇ କରେଣ୍ଟ କାଟିବାକୁ ଗ୍ରାମବାସୀ ନାପସନ୍ଦ କରିଛନ୍ତି।

ସୂଚନା ମୁତାବକ ପଣ୍ଡିକୋଟ ସଦର ମହକୁମାରେ ୧୬ ଓ ୨୪ କେ.ଭି. ବିଶିଷ୍ଟ ଦୁଇଟି ଟ୍ରାନ୍ସଫର୍ମର ରହିଛି। ଉକ୍ତ ଟ୍ରାନ୍ସଫର୍ମରରୁ ଗ୍ରାମବାସୀ ଉପକୃତ ହେଉଥିଲେ। ବିଦ୍ୟୁତ୍ ବିଭାଗର ଜଣେ କର୍ମଚାରୀ ବର୍ଷର ବିଭିନ୍ନ ସମୟରେ ଗାଁକୁ ଯାଇ ବିଲ୍ ଆଦାୟ କରିଥାନ୍ତି। ମାର୍ଚ୍ଚ ମାସ ଲକ୍‌ଡାଉନ୍‌ରେ ଉକ୍ତ କର୍ମଚାରୀ ଟଙ୍କା ଆଦାୟ କରିବାକୁ ନ ଆସିବାରୁ ଲୋକଙ୍କ ବିଲ୍ ବକେୟା ରହିଯାଇଛି। ଏହା ମଧ୍ୟରେ ବୁଧବାର ସନ୍ଧ୍ୟାରେ ହଠାତ୍ ୩ଟି ଫେଜ୍‌ରୁ ୨ଟି କାଟି ବିଦ୍ୟୁତ୍ ସରବରାହ ବନ୍ଦ କରି ଦିଆଯାଇଛି। ଏହାଫଳରେ ୯ ଓ ୧୧ ନମ୍ବର ୱାର୍ଡର ୨୦୦ ଘର ଅନ୍ଧାରରେ। ବିନା ସୂଚନାରେ ଏପରି ବିଦ୍ୟୁତ୍ କାଟକୁ ଗ୍ରାମବାସୀ ନାପସନ୍ଦ କରିଛନ୍ତି। ଗ୍ରାମବାସୀ ବିଭାଗର ଜଣେ କର୍ମଚାରୀଙ୍କୁ ବାରମ୍ବାର ଫୋନ କରିଥିଲେ। କିନ୍ତୁ ସେ ଏହାକୁ ଉଠାଇ ନ ଥିଲେ। ଅନ୍ଧାର ଯୋଗୁ ଘରେ ଭାଲୁ, ସରୀସୃପ ଆଦି ପଶିବାର ଭୟ ରହିଛି ବୋଲି ଗ୍ରାମବାସୀ କହିଛନ୍ତି। ଲୋକେ ବିଦ୍ୟୁତ୍ ବିଲ୍ ପୈଠ କରିବାକୁ ପ୍ରସ୍ତୁତ ବୋଲି ଗ୍ରାମବାସୀ କହିଛନ୍ତି। ବିଦ୍ୟୁତ୍ ବିଭାଗ ମନମୁଖି କାମ କରୁଥିବା ଗୁରୁବାରୀ ଜାନି, ରଘୁନାଥ ଜାନି, ସୁନାଧର ଜାନି, ଜେମା ଜାନି, ଇନ୍ଦ୍ର ଜାନି, ଦିନବନ୍ଧୁ ଜାନି, ହରି ଜାନି, ଲିଙ୍ଗରାଜ ଜାନି, ଲଚମନ ହରିଜନ, ନୀଳାମ୍ବର ହରିଜନ, ଭୀମ ହରିଜନ, ଜଗନ ଜାନି, ଶିବ ଜାନି ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ନେଇ ପାପଡାହାଣ୍ଡି ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କୁ ପଚାରିବାରୁ ଗ୍ରାମବାସୀ ବିଲ୍ ପୈଠ କରି ନ ଥିବାରୁ ବିଦ୍ୟୁତ୍ କାଟ କରାଯାଇଥିବା ସେ କହିଛନ୍ତି।

# ଜିଲା ପ୍ରାଥମିକ ଶିକ୍ଷକ ସଂଘର ଆନ୍ଦୋଳନ ଚେତାବନୀ

ନବରଙ୍ଗପୁର, ୩।୯(ବି.ପ୍ର.)

ଗଣଶିକ୍ଷା ମନ୍ତ୍ରୀ ଅଗଷ୍ଟ ୩୧ ତାରିଖ ସୁଦ୍ଧା ରାଜ୍ୟର ୫୬ହଜାର ପ୍ରାଥମିକ ଶିକ୍ଷକଙ୍କୁ ପଦୋନ୍ନତି ଦେବା ଘୋଷଣା କରିଥିଲେ। ଜିଲାରେ ଏଯାବତ ଶିକ୍ଷକଙ୍କ ପଦୋନ୍ନତି ତାଲିକା ପ୍ରକାଶ ହୋଇନି। ୧୫ ତାରିଖ ସୁଦ୍ଧା ନିର୍ଭୁଲ ପଦୋନ୍ନତି ତାଲିକା ପ୍ରକାଶ ନ ହେଲେ ଜିଲା ପ୍ରାଥମିକ ଶିକ୍ଷକ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଜିଲାରେ ଶିକ୍ଷକ ପଦୋନ୍ନତି ତାଲିକା ପ୍ରକାଶନରେ ବିଳମ୍ବ ଓ ତ୍ରୁଟି ଅଭିଯୋଗ କରି ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇଥିଲା। ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ମାର୍ଚ୍ଚ ୩ ତାରିଖରେ ନୂତନ କ୍ୟାଡର ରୁଲ ଘୋଷଣା କରିଥିଲେ। ତେବେ ଏଯାବତ୍ ନବରଙ୍ଗପୁର ପ୍ରାଥମିକ ଶିକ୍ଷକଙ୍କୁ ପଦୋନ୍ନତି ଦିଆଯାଇପାରିଲା ନାହିଁ। ଶିକ୍ଷା ବିଭାଗ ଉଚ୍ଚ ଅଧିକାରୀମାନେ ପଦୋନ୍ନତି ତାଲିକ ପ୍ରସ୍ତୁତ କରି ନାହାନ୍ତି ବୋଲି ସଂଘ ଅଭିଯୋଗ କରିଛି। ଜିଲାରେ ଲେବେଲ୍ ୩ ଶିକ୍ଷକମାନେ ବେଆଇନଭାବେ ପଦୋନ୍ନତି ପାଇଛନ୍ତି। ଦଶମ ସିଟି, + ୨ ସିଟି ଓ ବିଏ ସିଟିକୁ ଗୋଟିଏ ତାଲିକାରେ କ୍ରମାନ୍ୱୟରେ ରଖାଯାଇଥିବା ବେଳେ ବିଏ ଓ ବିଏସସି ବିଏଡ୍‌କୁ ଅନ୍ୟ ଏକ ତାଲିକାରେ କ୍ରମାନ୍ୱୟ ରେ ରଖାଯାଇଛି ବୋଲି ଅଭିଯୋଗ କିଛି ସଂଘ। ତେବେ ବରିଷ୍ଠତା ଭିତ୍ତିରେ ପଦୋନ୍ନତି ଦିଆଯାଉ ବୋଲି ଦାବି କରାଯାଇଛି। ୧୫ ତାରିଖ ସୁଦ୍ଧା ପଦୋନ୍ନତି ତାଲିକା ପ୍ରକାଶ ନ ହେଲେ ଆନ୍ଦୋଳନ ହେବ ବୋଲି ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ କୁହାଯାଇଛି। ଖବରଦାତା ସମ୍ମିଳନୀରେ ସାଧାରଣ ସମ୍ପାଦକ ରମଣୀ ରଞ୍ଜନ ତ୍ରିପାଠୀ, ସଭାପତି ବିଷ୍ଣୁ ପ୍ରସାଦ ପାଣିଗ୍ରାହୀଙ୍କ ସମେତ ବହୁ ଶିକ୍ଷକ ଉପସ୍ଥିତ ଥିଲେ।

# ତହସିଲଦାରଙ୍କୁ ଟ୍ରାକ୍ଟର ମାଲିକ ସଂଘର ଦାବିପତ୍ର



ଦାବିପତ୍ର ଦେବାକୁ ଆସିଥିବା ନବରଙ୍ଗପୁର ସହର ଟ୍ରାକ୍ଟର ମାଲିକ ସଂଘର ସଦସ୍ୟମାନେ।

ନବରଙ୍ଗପୁର,୩।୯(ବି.ପ୍ର.)

ନବରଙ୍ଗପୁର ସହର ଟ୍ରାକ୍ଟର ମାଲିକ ସଂଘ ଜିଲାପାଳଙ୍କ ଉଦ୍ଦେଶ୍ୟରେ ୫ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ଗୁରୁବାର ତହସିଲଦାରଙ୍କୁ ପ୍ରଦାନ କରିଛନ୍ତି। ବାଲିଘାଟଗୁଡିକର ସମସ୍ୟା ଓ ପ୍ରଶାସନ ପକ୍ଷରୁ ଟ୍ରାକ୍ଟରବାଲାଙ୍କ ଉପରେ ଅତ୍ୟାଚାର କରାଯାଉଥିବା ଏଥିରେ ଉଲ୍ଲେଖ ରହିଛି।

ନବରଙ୍ଗପୁର ତହସିଲ ବିଭାଗ ୭ଦିନ ହେବ ବାଲିଘାଟଗୁଡିକରେ ଚଢ଼ାଉ କରି ବେଆଇନ ଭାବେ ବାଲି ନେଉଥିବା ଟ୍ରାକ୍ଟର, ଟିପର ଓ ଜେସିବିଠାରୁ ରୟାଲିଟି ଆଦାୟ କରୁଛି। କାହାଠାରୁ ୫ହଜାର ତ ଆଉ କାହାଠାରୁ ୧୦ହଜାର ଟଙ୍କା ଆଦାୟ କରାଯାଉଛି। ଏହାକୁ ନବରଙ୍ଗପୁର ଟ୍ରାକ୍ଟର ମାଲିକ ସଂଘ ବିରୋଧ କରିଛି। ଇଚ୍ଛାବତୀଗୁଡାସ୍ଥିତ ସଂଘ କାର୍ଯ୍ୟାଳୟରେ ଟ୍ରାକ୍ଟର ମାଲିକମାନେ ସଭା କରି ପ୍ରଶାସନର ଏଭଳି ପଦକ୍ଷେପକୁ ବିରୋଧ କରିଛନ୍ତି। ନବରଙ୍ଗପୁର ଜିଲାର ଅନେକ ନଦୀ ଘାଟରୁ ବେଆଇନ ଭାବେ ଟିପର ଦ୍ୱାରା ବାଲି ଚାଲାଣ ହୋଇ ଅନ୍ୟ ଜିଲା ଓ ରାଜ୍ୟକୁ ଯାଉଥିବାବେଳେ ପ୍ରଶାସନ ଆଖିବୁଜି ଦେଇଛି। ନିଜର ପେଟପାଟଣ ପାଇଁ ନବରଙ୍ଗପୁର ସହରର ଟ୍ରାକ୍ଟର ମାଲିକ ମାନେ ବାଲି ନେଉଥିବା ବେଳେ ତାକୁ ପ୍ରଶାସନ ଚଢ଼ାଉ କରି ରୟାଲିଟି କାଟୁଥିବାକୁ ସେମାନେ ବିରୋଧ କରିଛନ୍ତି।

କେବଳ ଟ୍ରାକ୍ଟର ପାଇଁ ଏକ ନିର୍ଦ୍ଦିଷ୍ଟ ବାଲିଘାଟ ପ୍ରଦାନ କରିବା, ତହସିଲ କାର୍ଯ୍ୟାଳୟରେ ରୟାଲିଟି କାଉଣ୍ଟର ଖୋଲିବା, ନବରଙ୍ଗପୁରରୁ ବାହାର ରାଜ୍ୟ ଓ ଜିଲାକୁ ବାଲି ଚାଲାଣ ରୋକିବା, ନବରଙ୍ଗପୁର ଜିଲାର ବାଲିଘାଟକୁ ବର୍ଦ୍ଧିତ ମୂଲ୍ୟରେ ଅନ୍ୟ ରାଜ୍ୟ କିମ୍ବା ଅନ୍ୟ ଜିଲାର ବ୍ୟକ୍ତିଙ୍କ ନିଲାମ ରଦ୍ଦ ଏବଂ ବାଲିଘାଟ ନିଲାମ ସମୟରେ ସରକାରୀ ଧାର୍ଯ୍ୟ ମୂଲ୍ୟରୁ ଏକ ନିର୍ଦ୍ଦିଷ୍ଟ ସର୍ବୋଚ୍ଚ ମୂଲ୍ୟ ଧାର୍ଯ୍ୟ କରି ନିଲାମ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ୭ଦିନ ନବରଙ୍ଗପୁର ସହରରେ ଟ୍ରାକ୍ଟର ଚଳାଚଳ ବନ୍ଦ କରାଯାଇଥିବା ମାଲିକ ସଂଘ ସମ୍ପାଦକ କହିଛନ୍ତି। ୭ଦିନ ମଧ୍ୟରେ ସମସ୍ୟା ସମାଧାନ ନ ହେଲେ ଆଗାମୀ ଦିନରେ ପ୍ରଶାସନ ବିରୋଧରେ ଆନ୍ଦୋଳନ କରାଯିବ ବୋଲି ଟ୍ରାକ୍ଟର ମାଲିକ ସଂଘ ଚେତାବନୀ ଦେଇଛି। ସେମାନଙ୍କ ସମସ୍ୟା ବିଷୟରେ ଜିଲାପାଳଙ୍କୁ ଜଣାଇବା ସହ ସମାଧାନ କରିବାକୁ ଚେଷ୍ଟା କରିବେ ବୋଲି ତହସିଲଦାର ପ୍ରତିଶ୍ରୁତି ଦେଇଛନ୍ତି।

# ମେଡିକାଲ ପରିଦର୍ଶନ, ଉନ୍ନୟନ କାର୍ଯ୍ୟ ତଦାରଖ

ଚନ୍ଦାହାଣ୍ଡି, ୩।୯(ଡି.ଏନ୍.ଏ.)



ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପଜିଲାପାଳ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝୁଛନ୍ତି।

**ନବରଙ୍ଗପୁର ଉପଜିଲାପାଳ ଏବଂ ଜିଲା ପଞ୍ଚାୟତ ଅଧିକାରୀଙ୍କ ଚନ୍ଦାହାଣ୍ଡି ଗସ୍ତ**

ନବରଙ୍ଗପୁର ଉପଜିଲାପାଳ ଭାସ୍କର ରଇତ ଏବଂ ଜିଲା ପଞ୍ଚାୟତ ଅଧିକାରୀ ଶିଶିର କୁମାର ପାଣି ଗୁରୁବାର ଚନ୍ଦାହାଣ୍ଡି ବ୍ଲକ ଗସ୍ତରେ ଆସି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ଏଥିସହ ଅନେକ ପଞ୍ଚାୟତ ବୁଲି ସେଠାରେ ଚାଲିଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟ ଏବଂ ପ୍ରକଳ୍ପ ବୁଲି ଦେଖିଥିଲେ ବୋଲି ବିଡିଓ ଧର୍ମରାଜ ମାଝି ସୂଚନା ଦେଇଛନ୍ତି।

ଅଧିକାରୀମାନେ ଗୁହାଳ ଯୋଜନା ସମେତ ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମୀକ୍ଷା କରିବା ସହ ଚନ୍ଦାହାଣ୍ଡି ପଞ୍ଚାୟତ ସିନାପାଲିରେ 'ମୋ ବଗିଚା' ପ୍ରକଳ୍ପ ପରିଦର୍ଶନ କରିଥିଲେ। ଏହାପରେ ଦଲବେଡା ପଞ୍ଚାୟତ କରାଡଙ୍ଗରୀ ପୂଜାରୀ ସାହି ପାଖ ନାଳ ଚେକ୍ ଡ୍ୟାମ ବୁଲି ଦେଖିବା ସହ ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ସେଠାରେ ଭାରପ୍ରାପ୍ତ ଅଧିକାରୀ କଲ୍ୟେଶ ସୁନାଙ୍କଠାରୁ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଜଣେ ଅଚିହ୍ନା ମହିଳାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ତାଙ୍କ ଚିକିତ୍ସା କରୁଥିବା ଡାକ୍ତର ସଂଗ୍ରାମ କେଶରୀ ସାହୁଙ୍କୁ ଉପଜିଲାପାଳ ପ୍ରଶଂସା କରିଥିଲେ। ଉକ୍ତ ମହିଳାଙ୍କ ଆଧାର କାର୍ଡ ଓ ଭତ୍ତା ବ୍ୟବସ୍ଥା କରିବାକୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ରାତିରେ ରୋଗୀଙ୍କ ଭୋଜନ ବ୍ୟବସ୍ଥା ସହ ଏକ ଆଶା ରୁମ ନିର୍ମାଣ କରିବାକୁ ଡାକ୍ତର ସଂଗ୍ରାମ ଅନୁରୋଧ କରିଥିଲେ। ସେହିପରି ଜଲା ପଞ୍ଚାୟତ ଅଧିକାରୀ ଶିଶିର କୁମାର ପାଣି ବେହେରାମୁଣ୍ଡା ପଞ୍ଚାୟତ ପରିଦର୍ଶନ କରି ସମସ୍ତ ଫାଇଲ୍ ଚେକ୍ କରିଥିଲେ। ହରିଶ୍ଚନ୍ଦ୍ର ଯୋଜନା ପାଇଁ ଅନ୍‌ଲାଇନ ମାଧ୍ୟମରେ ଆବେଦନ କରିବାକୁ ହିତାଧିକାରୀଙ୍କୁ କହିବାକ ପିଇଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ବ୍ଲକ ରିଭ୍ୟୁ ମିଟିଙ୍ଗ କରାଯାଇଥିଲା। ଏହି ଗସ୍ତବେଳେ ତହସିଲଦାର ହୃଦାନନ୍ଦ ସିଂ ମାଝି, ସହକାରୀ ଯନ୍ତ୍ରୀ ମନୋରଞ୍ଜନ ଦାଶ, କନିଷ୍ଠ ଯନ୍ତ୍ରୀ ଗୁଣନିଧି କୁମୁରା, ରାଜୀବଲୋଚନ ଧଳ, ଉଦୟ ନାଥ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ।

# ଉଚ୍ଛେଦ ପାଇଁ ବସ୍ତିବାସିନ୍ଦାଙ୍କୁ ନୋଟିସ

ଜୟପୁର,୩।୯(ନି.ପ୍ର.)

ଜୟପୁର ତହସିଲ ଅନ୍ତର୍ଗତ ଜଗଧାତ୍ରୀ ମୌଜା ଜଗନ୍ନାଥ ସାଗର ତଟରେ ଥିବା ବସ୍ତି ବାସିନ୍ଦାଙ୍କୁ ଉଚ୍ଛେଦ କରିବା ପାଇଁ ପ୍ରଶାସନ ପକ୍ଷରୁ ସେମାନଙ୍କୁ ୩୦ ଦିନିଆ ନୋଟିସ ଜାରି କରାଯାଇଛି। ଏହାକୁ ନେଇ ଅସନ୍ତୋଷ ଦେଖା ଦେଇଛି । ଦୀର୍ଘ ୨୦ ବର୍ଷ ହେବ ଏଠାରେ ଗରିବ ଶ୍ରେଣୀର ଲୋକେ କୁଡ଼ିଆ କରି ରହି ଆସୁଛନ୍ତି। ସେମାନେ ଶ୍ରମିକ ରୂପେ କାର୍ଯ୍ୟ କରି ଗୁଜୁରାଣ ମେଣ୍ଟାଉ ଥିଲେ। ୨୦୦୧ରୁ ବସ୍ତିବାସିନ୍ଦା ସଂଘ ଲଢେଇ ଜାରି ରଖିଛି। ଫଳରେ ୨୦୧୭ରେ ସରକାର ଜମି ଅଧିଗ୍ରହଣ କରିଥିବା ଲୋକଙ୍କ ପାଇଁ ଆଇନ ପ୍ରଣୟନ କରିଲେ। ସର୍ଭେ କରାଯାଇ ଅନ୍ୟ ବସ୍ତି ବାସିନ୍ଦା ଙ୍କୁ ପ୍ରଶାସନ ପଟ୍ଟା ଦେଇଥିବା ବେଳେ ଏହି ବସ୍ତିରେ ରହୁଥିବା ୬୦ ପରିବାରକୁ ପଟ୍ଟା ମିଳି ନ ଥିଲା। ବର୍ତ୍ତମାନ କରୋନା ମହାମାରୀ ଓ ଲଗାଣ ବର୍ଷାରେ ଆମେ ପିଲାଛୁଆ ଧରି କୁଆଡେ ଯିବୁ ବୋଲି ବସ୍ତିବାସିନ୍ଦା ପ୍ରଶ୍ନ ଉଠାଇଛନ୍ତି। ସରକାରୀ ଜାଗା ଚିହ୍ନଟ କରି ସେମାନଙ୍କୁ ଗୃହ ନିର୍ମାଣ କରି ଦେଲେ ଆମେ ଏଠାରୁ ହଟିବୁ ବୋଲି ବସ୍ତିବାସିନ୍ଦା ସଂଘ ପକ୍ଷରୁ କୁହାଯାଇଛି।

# ରାୟଗଡ଼ାରୁ ୪୮ ପରୀକ୍ଷାର୍ଥୀଙ୍କୁ ପଠାଇଲା ପ୍ରଶାସନ

ରାୟଗଡ଼ା ଅଫିସ,୩।୯:





ରାୟଗଡ଼ା ଜିଲାପାଳ ଏବଂ ଅତିରିକ୍ତ ଜିଲାପାଳ ଯାତ୍ରା ଶୁଭାରମ୍ଭ କରୁଛନ୍ତି।

**ଜେଇଇ ମେନ୍ ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା**

ଜେଇଇ ମେନ୍ ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହେଉଛି। ଏଥିପାଇଁ ରାୟଗଡ଼ା ଜିଲାରୁ ୪୮ଜଣ ପରୀକ୍ଷାର୍ଥୀ ଗୁରୁବାର ବ୍ରହ୍ମପୁର ଏବଂ ଭୁବନେଶ୍ୱର ଯାତ୍ରା କରିଛନ୍ତି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଜିଲା ଶିଳ୍ପ ପ୍ରଶିକ୍ଷଣ ସଂସ୍ଥା ଆନୁକୂଲ୍ୟରେ ଜିଲା ପ୍ରଶାସନ ପକ୍ଷରୁ ପରୀକ୍ଷାର୍ଥୀଙ୍କୁ ୩ଟି ସ୍ୱତନ୍ତ୍ର ବସ୍ ଯୋଗେ ପଠାଯାଇଛି। ଛାତ୍ରୀଛାତ୍ରଙ୍କ ସହ ୧୧ଜଣ ଅଭିଭାବକ ମଧ୍ୟ ଯାଇଛନ୍ତି। ୪୮ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୬ଜଣ ବ୍ରହ୍ମପୁରଠାରେ ଏବଂ ୩୨ଜଣ ଭୁବନେଶ୍ୱରର ବିଭିନ୍ନ କେନ୍ଦ୍ରରେ ପରୀକ୍ଷା ଦେବେ। ଜିଲାପାଳ ପ୍ରମୋଦ କୁମାର ବେହେରା ଏବଂ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ପରୀକ୍ଷାର୍ଥୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଆଞ୍ଚଳିକ ପରିବହନ ଅଧିକାରୀ ଦିଲୀପ କୁମାର ଦଳାଇ, ଆଇଟିଆଇ ଅଧକ୍ଷ ଅତୁଲ୍ୟ କୁମାର ପଣ୍ଡା, ଡିଆଇପିଆର୍‌ଓ ବସନ୍ତ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ମୃତଦେହ ନେବାକୁ ଆର୍ଥିକ ସହାୟତା ଦେଲେ ଏସ୍‌ପି

ଜୟପୁର,୩।୯(ଡି.ଏନ.ଏ )


କୋରାପୁଟ ଜିଲା ଜୟପୁର ସଦରଥାନା ହାଜତରେ ରବିବାର ଭୋରରୁ ଆତ୍ମହତ୍ୟା କରିଥିବା ଗୋପାଳ ରାମଙ୍କ ମୃତଦେହକୁ ମଙ୍ଗଳବାର ସନ୍ଧ୍ୟାରେ ତାଙ୍କର ନିଜ ଘର ରାଜସ୍ଥାନର ନାଗୋର ଜିଲାକୁ ନିଆଯାଇଛି । ଏନେଇ କୋରାପୁଟ ଜିଲା ଏସପି ମୁକେଶ କୁମାର ଭୋମୋ ମାନବିକତାର ପରିଚୟ ଦେଇ ନିଜେ ମୃତଦେହ ନେବାକୁ ଗାଡି ଭଡା ଏବଂ ଅନ୍ୟାନ୍ୟ ଖର୍ଚ୍ଚ ବାବଦକୁ ୩୦ ହଜାର ଟଙ୍କା ପ୍ରଦାନ କରିଛନ୍ତି । ରାଜସ୍ଥାନରନାଗୋର ଜିଲା ତାଙ୍କ ଗ୍ରାମକୁ କୋରାପୁଟଠାରୁ ପ୍ରାୟ ୧୬୦୦ କିଲୋମିଟର । ପରିବାର ପକ୍ଷରୁ ଏତେ ଭଡା ଦେବାକୁ ସେମାନେ ଅସମର୍ଥ ବୋଲି ଜଣାଇବା ପରେ ଏସପି ଭାମୋ ନିଜ ପକ୍ଷରୁ ଏହି ଟଙ୍କା ଦେଇଛନ୍ତି । ଏହି ଟଙ୍କା ମୃତକଙ୍କ ଭାଇ ଜୈତରାମଙ୍କୁ ପ୍ରଦାନ କରାଯାଇଥିବା ଏସଡିପିଓ ଗୁଣ୍ଡାପାଲି ବରୁଣ କହିଛନ୍ତି। ପ୍ରକାଶ ଯେ, ଗତ ଶନିବାର ରାତିରେ ସଦରଥାନା ପୋଲିସ ପେଟ୍ରୋଲିଂ ବେଳେ ଏକ ଦଶଚକିଆ ଟ୍ରକକୁ ଉମୁରି ଗ୍ରାମଠାରେ ଅଟକାଇ ପୋଲିସ ଯାଞ୍ଚ କରିଥିଲା। ସେଥିରୁ ୮ କୁଇଣ୍ଟାଲରୁ ଅଧିକ ଗଞ୍ଜେଇ ଜବତ ହୋଇଥିଲା। ଏହାକୁ ଚାଲାଣ କରୁଥିବା ଅଭିଯୋଗରେ ଡ୍ରାଇଭର ଗୋପାଳ ରାମଙ୍କୁ ଗିରଫ କରାଯାଇଥିଲା। ତାଙ୍କୁ ଆଣି ଥାନା ହାଜତରେ ରଖାଯାଇଥିଲା। ରବିବାର ଭୋର ସମୟରେ ଥାନା ଶୌଚାଳୟରେ ସେ ଘୋଡାଇ ହୋଇଥିବା ଚାଦର କାଟି ବେକରେ ବାନ୍ଧି ଆତ୍ମହତ୍ୟା କରିଥିଲେ । ଏହି ମାମଲାରେ କାର୍ଯ୍ୟରେ ଅବହେଳା ପାଇଁ ଥାନା ଅଧିକାରୀଙ୍କ ବଦଳି ହୋଇଥିବା ବେଳେ ଡିସିଓ ଏବଂ ସେଣ୍ଟ୍ରିଙ୍କୁ ଏସପି ନିଲମ୍ବିତ କରିଥିଲେ।

# ବିଡିଓଙ୍କୁ ଦାବି ଜଣାଇଲା ଗାଁ ସାଥୀ ସଂଘ

ଡାବୁଗାଁ, ୩।୯ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଗାଁ ସାଥୀ ସଂଘ ନିଜର ଦାବି ସମ୍ପର୍କରେ ଏକ ସ୍ମାରକପତ୍ର ବିଡିଓ ରଞ୍ଜିତା ମେରୀ ନାୟକଙ୍କୁ ଗୁରୁବାର ପ୍ରଦାନ କରିଛି। ଗାଁ ସାଥୀଙ୍କୁ ତାଲିମ ଦେବା ସହ ସେମାନଙ୍କ ପାଇଁ ସ୍ୱତନ୍ତ୍ର ପରିଚୟପତ୍ର ପ୍ରଦାନ କରିବାକୁ ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି।

ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ନିୟମାନୁସାରେ ୨୦୦୮ରୁ ଅଦ୍ୟାବଧି ଡାବୁଗାଁ ବ୍ଲକର ୧୨ ପଞ୍ଚାୟତର ସମସ୍ତ ରାଜସ୍ୱ ଗ୍ରାମରେ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଦ୍ୱାରା ଯୋଗ୍ୟତା ପର୍ଯ୍ୟାୟରେ ସିଧାସଳଖ ଗାଁ ସାଥୀ ଚୟନ କରାଯାଇଥିଲା। ସେମାନେ ତାଙ୍କ ଉପରେ ନ୍ୟସ୍ତଥିବା ସମସ୍ତ କାମ ସୁଚାରୁ ରୂପେ ସମ୍ପାଦନା କରି ଆସୁଛନ୍ତି ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଗାଁ ସାଥୀଙ୍କ ହକ୍ ପାଉଣ ଦେବାକୁ ଦାବି କରାଯାଇଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଜିଲାର ସମସ୍ତ ଗାଁ ସାଥୀ ଧାରଣାକୁ ଓହ୍ଲାଇବେ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି।



ଡାବୁଗାଁ ବିଡିଓଙ୍କୁ ଗାଁ ସାଥୀ ସଂଘ ସଦସ୍ୟମାନେ ଦାବିପତ୍ର ଦେଉଛନ୍ତି।

# ପୋଲିସ ସହାୟତାରେ ଭାଟି ଭାଙ୍ଗିଲେ ମହିଳା

ଟିକିରି,୩।୯(ଡି.ଏନ୍.ଏ.):



ମହିଳାମାନେ ମହୁଲ ପୋଚ ଏବଂ ମଦ ରନ୍ଧା ସାମଗ୍ରୀ ନଷ୍ଟ କରୁଛନ୍ତି।

**ଅଞ୍ଚଳରେ ବେଆଇନ ମଦ କାରବାରକୁ ବିରୋଧ**

ରାୟଗଡ଼ା କାଶୀପୁର ବ୍ଲକ୍ ଟିକିରିଠାରେ ଏସ୍‌ଏଚ୍‌ଜି ମହିଳାମାନେ ମଦ ବିରୋଧି ଅଭିଯାନ ଚଳାଇଛନ୍ତି। ଏହି କ୍ରମରେ ଗୁରୁବାର ୫୦ରୁ ଊର୍ଦ୍ଧ୍ୱ ମହିଳା ସ୍ଥାନୀୟ ଝୋଡ଼ିଆ ସାହି ଏବଂ ନିକଟ ଅଞ୍ଚଳରେ ସ୍ଥାନୀୟ ପୋଲିସ ଏବଂ ଯୁବ ସଂଘର ସହାୟତାରେ ଦୀର୍ଘଦିନ ଧରି ଚାଲିଥିବା ବେଆଇନ ମଦ ଭାଟିଗୁଡ଼ିକୁ ଭାଙ୍ଗି ନଷ୍ଟ କରିଛନ୍ତି। ଏଥିସହ ଶତାଧିକ ଲିଟର ମହୁଲ ପୋଚ ଏବଂ ରନ୍ଧା ସାମଗ୍ରୀ ନଷ୍ଟ କରିଛନ୍ତି। ଝୋଡ଼ିଆ ସାହି ନିକଟ ପାହାଡ଼ରେ ଦୀର୍ଘଦିନ ଧରି ଗ୍ରାମର କେତେଜଣ ବ୍ୟକ୍ତି ବେଆଇନଭାବେ ଦେଶୀମଦ ପ୍ରସ୍ତୁତ କରି ସାହିରେ ବିକ୍ରି କରିବା ସହ ନିକଟସ୍ଥ ଗ୍ରାମକୁ ମଧ୍ୟ ଚାଲାଣ କରୁଥିବା ଅଭିଯୋଗ ହେଉଥିଲା। ଏମିତିକି ଅପମିଶ୍ରିତ ମଦ ଯୋଗୁ ଶ୍ରମିକ ଶ୍ରେଣୀର ଲୋକେ ରୋଗରେ ପଡ଼ି ସର୍ବସ୍ୱାନ୍ତ ହେବା ଏବଂ ମୃତ୍ୟୁ ମଧ୍ୟ ଘଟିଥିବା ନଜିର୍ ରହିଛି। ବହୁବାର ଅବକାରୀ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଥିଲା ହେଲେ କୌଣସି ସୁଫଳ ମିଳି ନ ଥିଲା। ଫଳରେ ମହିଳାମାନେ ପୋଲିସ ସହାୟତାରେ ପୋଚ ନଷ୍ଟ କରିଥିଲେ। ତେବେ ପୋଲିସ ଓ ମହିଳାଙ୍କ ଦେଖି ମଦ କାରବାରରେ ସମ୍ପୃକ୍ତ ବ୍ୟକ୍ତିମାନେ ଲୁଚି ରହିଥିବା ଜଣାପଡ଼ିଛି। ଚଢ଼ାଉବେଳେ ମହିଳାଙ୍କ ସହ ଟିକିରି ଏସ୍‌ଆଇ ବିକାଶ ପ୍ରଧାନ, ଅନିରୁଦ୍ଧ ଜାଲିଙ୍କ ସମେତ ପୋଲିସ ଟିମ୍ ସାମିଲ ଥିଲେ।

## ନଦୀରେ ଭାସିଗଲେ ଯୁବକ

**ଖୁଣ୍ଟୁଣୀ(ଡି.ଏନ୍.ଏ.):** ଗୁରୁଡ଼ିଝାଟିଆ ଥାନା ପ୍ରସନ୍ନପୁର ଗ୍ରାମରେ ପ୍ରବାହିତ ମହାନଦୀକୁ ଗୁରୁବାର ଗାଧୋଇବାକୁ ଯାଇଥିବାବେଳେ ଗୋଡ଼ ଖସି ଯିବାରୁ ୫ ଜଣ ବ୍ୟକ୍ତି ଭାସି ଯାଇଛନ୍ତି। ସେ ହେଲେ ଏହି ଗ୍ରାମର ନବକିଶୋର ଜେନା(୪୫)। ଆଠଗଡ଼ରୁ ଦମକଳବାହିନୀ ଆସି ଖୋଜାଖୋଜି କରିଥିଲେ ମଧ୍ୟ ନବଙ୍କ ସନ୍ଧାନ ମିଳିପାରି ନାହିଁ। ସବୁଦିନ ପରି ଗୁରୁବାର ସକାଳ ୯ଟାବେଳେ ନବ ନଦୀକୁ ଗାଧୋଇବାକୁ ଯାଇଥିଲେ। ଉପରେ ଚପଲ ଓ ଗାମୁଛା ରଖି ନଦୀ ଭିତରକୁ ଯାଇଥିଲେ। ଗାଧୋଉ ଥିବାବେଳେ ନଦୀରେ ପଟୁ ମାଟି କାଦୁଅରେ ଗୋଡ ଖସି ଯିବାରୁ ନବ ପାଣି ସ୍ରୋତରେ ଭାସି ଯାଇଥିଲେ।

# ଦେଶରେ ବଢୁଛି ଶ୍ରମିକ ଆତ୍ମହତ୍ୟା

ଭୁବନେଶ୍ୱର,୩।୯(ବ୍ୟୁରୋ)

**ଏନ୍‌ସିଆର୍‌ବି ରିପୋର୍ଟ**
- ଦୁର୍ଘଟଣାଜନିତ ମୃତ୍ୟୁରେ ଜାତୀୟ ହାରଠାରୁ ଓଡ଼ିଶା ଆଗରେ

ଲୋକମାନେ କାମଧନ୍ଦା ହରାଇ ଆର୍ଥିକ ଦୁଃସ୍ଥିତି ଦେଇ ଗତି କରୁଛନ୍ତି। ଏପରି କି ଦୁଇଓଳି ଦୁଇମୁଠା ଖାଇବାକୁ ମଧ୍ୟ ଯୋଗାଡ଼ କରିବା କଷ୍ଟକର ହୋଇପଡ଼ିଛି। ଆର୍ଥିକ ଅନଟନ ସାଙ୍ଗକୁ ମାନସିକ ଚିନ୍ତା ଘର ଓ ପରିବାରକୁ ଧ୍ୱଂସ କରିଦେଉଛି। ରୋଜଗାର ହରାଇବା ପରେ ବେକାର ହୋଇ ଘରେ ବସିଥିବା ପରିବାର ସଦସ୍ୟଙ୍କ ମଧ୍ୟରେ କଳହ ଏକ ଦୈନନ୍ଦିନ ଘଟଣାରେ ପରିଣତ ହେଲାଣି। ଏଥିସହିତ ଆତ୍ମହତ୍ୟା ଘଟଣା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏହାଦ୍ୱାରା ଦିନମଜୁରିଆ ଏବଂ ସ୍ୱଳ୍ପ ଆୟ ବର୍ଗ ଲୋକମାନେ ଅତିମାତ୍ରାରେ ପ୍ରଭାବିତ ହୋଇଛନ୍ତି। ଏହି ଶ୍ରେଣୀର ଲୋକମାନଙ୍କ କ୍ଷେତ୍ରରେ ଆତ୍ମହତ୍ୟା ଭଳି ଘଟଣା ବଢ଼ିବାରେ ଲାଗିଛି। ନିକଟରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି)ରିପୋର୍ଟ ତଥ୍ୟରୁ ଏଭଳି ଦୁଃଖଦ ଚିତ୍ର ପଦାକୁ ଆସିଛି।

ଅନ୍ୟପକ୍ଷେ ରାଜ୍ୟରେ ଦୁର୍ଘଟଣାଜନିତ ମୃତ୍ୟୁ ମଧ୍ୟ ବଢ଼ିଚାଲିଛି। ରାଜ୍ୟରେ ଏହି ମୃତ୍ୟୁ ହାର ଜାତୀୟ ହାରଠାରୁ ଅଧିକ। ପ୍ରତି ୧ ଲକ୍ଷରେ ଦେଶରେ ହାରାହାରି ୩୧.୫ ଜଣଙ୍କର ମୃତ୍ୟୁ ହେଉଥିବା ବେଳେ ଓଡ଼ିଶାରେ ୩୭.୬ ଜଣଙ୍କର ମୃତ୍ୟୁ ହୋଇଥିବା ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ପ୍ରକାଶିତ ରିପୋର୍ଟ ଅନୁଯାୟୀ ୨୦୧୯ରେ ଦିନମଜୁରିଆମାନେ କାମଧନ୍ଦା ନ ପାଇ ପରିବାର ପ୍ରତିପୋଷଣରେ ଅକ୍ଷମତା କାରଣରୁ ଅଧିକ ସଂଖ୍ୟାରେ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଉଛନ୍ତି। ୨୦୧୯ରେ ଦେଶରେ ୧,୩୯,୧୨୩ ଆତ୍ମହତ୍ୟା ଘଟଣା ଘଟିଛି। ୨୦୧୮ ତୁଳନାରେ ତାହା ୩.୪ ପ୍ରତିଶତ ବୃଦ୍ଧି ପାଇଛି। ୨୦୧୮ରେ ୧,୩୪,୫୧୬ଜଣ ଆତ୍ମହତ୍ୟା କରିଥିଲେ। ସେଥିମଧ୍ୟରୁ ୨୩.୪ ପ୍ରତିଶତ ହେଉଛନ୍ତି ଦିନମଜୁରିଆ ବା ଶ୍ରମିକ। ଏଥିସହିତ ଅନ୍ୟାନ୍ୟ ବୃତ୍ତିଧାରୀ ମଧ୍ୟ ଆତ୍ମହତ୍ୟା କରିଥିବା ରିପୋର୍ଟରେ କୁହାଯାଇଛି। ୯୭,୬୧୩ ଜଣଙ୍କ ମଧ୍ୟରୁ ୨୯ ହଜାର ୯୨ ଜଣ ଶ୍ରମିକଶ୍ରେଣୀର ବ୍ୟକ୍ତି ଆତ୍ମହତ୍ୟା କରିଛନ୍ତି। ସେହିପରି ଗୃହିଣୀ ଓ ଛାତ୍ରୀଛାତ୍ରଙ୍କ ପରେ ଶ୍ରମଜୀବୀ ମହିଳା ଆତ୍ମହତ୍ୟା କରୁଥିବା ରିପୋର୍ଟରେ କୁହାଯାଇଛି।



ଦେଶରେ ସବୁଠାରୁ କମ୍ ରୋଜଗାର କରୁଥିବା ଗୋଷ୍ଠୀରେ ଶ୍ରମିକ ଶ୍ରେଣୀ ଅନ୍ତର୍ଭୁକ୍ତ। କୃଷି ଶ୍ରମିକମାନେ ମଧ୍ୟ ଏହି ଗୋଷ୍ଠୀରେ ରହିଛନ୍ତି। କୃଷି ପରେ କୃଷି ଶ୍ରମିକମାନେ କାମ ଧନ୍ଦା ହରାଇ ବେକାର ହୋଇଯାଉଛନ୍ତି। ଏନ୍‌ସିଆର୍‌ବି ରିପୋର୍ଟ ଅନୁଯାୟୀ ୨୦୧୯ରେ ୧୦,୨୮୧ କୃଷି ସହ ଜଡିତ ବ୍ୟକ୍ତି ଆତ୍ମହତ୍ୟା କରିଛନ୍ତି। ସେମାନଙ୍କ ମଧ୍ୟରେ ୫,୯୫୭ ଜଣ କୃଷକ ଥିବାବେଳେ ୪,୩୨୪ ଜଣ କୃଷିଶ୍ରମିକ ରହିଛନ୍ତି। ଦେଶରେ ଆତ୍ମହତ୍ୟା କରୁଥିବା ଜନସଂଖ୍ୟାର ଏହା ହେଉଛି ୭.୪ ପ୍ରତିଶତ। ବିଭିନ୍ନ ରାଜ୍ୟରେ ଚାଷୀ ଆତ୍ମହତ୍ୟା ବୃଦ୍ଧି ପାଉଛି। ମହାରାଷ୍ଟ୍ରରେ ସର୍ବାଧିକ ଚାଷୀ ଆତ୍ମହତ୍ୟା କରୁଥିବା ରିପୋର୍ଟରେ କୁହାଯାଇଛି। ଦେଶରେ ଆତ୍ମହତ୍ୟା କରୁଥିବା ଚାଷୀଙ୍କ ମଧ୍ୟରୁ ମହାରାଷ୍ଟ୍ରରେ ସର୍ବାଧିକ ୩୮.୨ ପ୍ରତିଶତ ଚାଷୀ ଋଣଭାର ଓ ଫସଲହାନି ଯୋଗୁ ଜୀବନ ହାରିଛନ୍ତି। ସେହିପରି କର୍ନାଟକରେ ୧୯.୪ ପ୍ରତିଶତ ଚାଷୀ ଆତ୍ମହତ୍ୟା କରୁଥିବା ଏଥିରେ କୁହାଯାଇଛି। ଏହା ପଛକୁ ଆନ୍ଧ୍ରପ୍ରଦେଶରେ ୧୦ ଏବଂ ମହାରାଷ୍ଟ୍ରରେ ୫.୩ ପ୍ରତିଶତ ଚାଷୀ ଆତ୍ମହତ୍ୟା କରିଛନ୍ତି। ଦେଶରେ ଆତ୍ମହତ୍ୟା କରୁଥିବା ସମୁଦାୟ ଲୋକଙ୍କ ମଧ୍ୟରୁ ଦୁଇ ତୃତୀୟାଂଶ ଲୋକଙ୍କର ମାସିକ ରୋଜଗାର ମାତ୍ର ୮ ହଜାର ୩୩୩ ଟଙ୍କା। ଅର୍ଥାତ୍ ସେମାନଙ୍କର ବାର୍ଷିକ ରୋଜଗାର ୧ ଲକ୍ଷରୁ କମ୍। ଆତ୍ମହତ୍ୟା କରୁଥିବା ୩୦ ପ୍ରତିଶତ ଲୋକଙ୍କର ବାର୍ଷିକ ରୋଜଗାର ୧ରୁ ୫ ଲକ୍ଷ ହୋଇଥିବା ରିପୋର୍ଟରେ କୁହାଯାଇଛି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆରଇଜିଏସ୍)ରେ ଦୈନିକ ମଜୁରି କମ୍ ଥିବା ଯୋଗୁ ଶ୍ରମଜୀବୀମାନଙ୍କ ରୋଜଗାର ବଢ଼ିପାରୁ ନାହିଁ। କରୋନା ମହାମାରୀ ଯୋଗୁ ରୋଜଗାର ହରାଇଥିବା ଲୋକମାନଙ୍କ ମାନସିକ ସନ୍ତୁଳନ ବିଗୁଡୁଛି। ଆଗାମୀ ଦିନରେ ଆତ୍ମହତ୍ୟା ଭଳି ଘଟଣା ଆହୁରି ବଢ଼ିବ ବୋଲି ଅର୍ଥନୀତି ବିଶାରଦ ଆଶଙ୍କା କରିଛନ୍ତି।

ରିପୋର୍ଟ ଅନୁଯାୟୀ ସମୁଦାୟ ଆତ୍ମହତ୍ୟା ମାମଲାରେ ଦେଶରେ ୭ ପ୍ରତିଶତ ଚାଷୀ ଜୀବନ ହାରିଥିବା ବେଳେ ଛାତ୍ରୀଛାତ୍ର ୭, ଦିନମଜୁରିଆ ୨୩, ଗୃହିଣୀ ୧୫, ଆତ୍ମନିଯୁକ୍ତି କରିଥିବା ବ୍ୟକ୍ତି ୧୨, ବେକାର ୧୦ ପ୍ରତିଶତ ଆତ୍ମହତ୍ୟା କରିଛନ୍ତି। ମହିଳାଙ୍କ ତୁଳନାରେ ପୁରୁଷମାନେ ଅଧିକ ଆତ୍ମହତ୍ୟା କରୁଛନ୍ତି। ସମୁଦାୟ ଆତ୍ମହତ୍ୟା ମାମଲା ମଧ୍ୟରେ ପୁରୁଷ ଓ ମହିଳାଙ୍କ ଅନୁପାତ ଯଥାକ୍ରମେ ୭୦.୨, ୨୯.୯। ରଶି ଦେଇ ୫୩.୬ ପ୍ରତିଶତ ଆତ୍ମହତ୍ୟା କରିଥିବା ବେଳେ ବିଷ ପିଇ ୨୫.୮ ପ୍ରତିଶତ, ପାଣିକୁ ଡେଇଁ ୫.୨, ପୋଡିହୋଇ ୩.୮ ପ୍ରତିଶତ ଜୀବନ ହାରିଛନ୍ତି।

## ଏଆଇସିସିକୁ ୧୦ରେ ଦିଆଯିବ ରିପୋର୍ଟ

**କଂଗ୍ରେସ ପକ୍ଷରୁ ବନ୍ୟାଞ୍ଚଳ ଦାୟିତ୍ୱ ବଣ୍ଟନ**

**ଭୁବନେଶ୍ୱର,୩।୯(ବ୍ୟୁରୋ):** ବନ୍ୟା କ୍ଷୟକ୍ଷତି ଅଞ୍ଚଳରେ ରିଲିଫ ତଦାରଖ ପାଇଁ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ୯ ଜଣିଆ କମିଟି ଗଠନ କରାଯାଇଛି। ଗୁରୁବାର ଏହାର ଭର୍ଚୁଆଲ ବୈଠକ ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ହୋଇଛି। ବୈଠକରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସମେତ ଏଆଇସିସି ସମ୍ପାଦକ ରୁଦ୍ର ରାଜୁ, ଆଦିତ୍ୟ ଶର୍ମାଙ୍କ ସହ ଅନ୍ୟ ସଭ୍ୟମାନେ ଯୋଗଦେଇଥିଲେ। ସମସ୍ତ ୯ ଜଣ ସଭ୍ୟ ଅନୁଧ୍ୟାନ କରି ୭ ତାରିଖ ସୁଦ୍ଧା ପ୍ରଦେଶ କଂଗ୍ରେସ କମିଟି ସଭାପତି ଓ ରାଜ୍ୟ ପ୍ରଭାରୀଙ୍କୁ ଅବଗତ କରାଇବେ। ଆସନ୍ତା ୧୦ରେ ପିସିସି ବୈଠକରେ ସଭ୍ୟମାନେ ୮ ତାରିଖ ସୁଦ୍ଧା ଅଖିଳ ଭାରତ କଂଗ୍ରେସ କମିଟିକୁ ରିପୋର୍ଟ ଦେବେ। ନରସିଂହ ମିଶ୍ରଙ୍କୁ ସୋନପୁର ଓ ବୌଦ୍ଧ, ଭକ୍ତଚରଣ ଦାସ ଓ ପ୍ରଦୀପ ମାଝିଙ୍କୁ ନବରଙ୍ଗପୁର, ନୂଆପଡ଼ା, ମାଲକାନଗିରି, ଝାରସୁଗୁଡ଼ା, ଦେବଗଡ଼ ଓ ସୁନ୍ଦରଗଡ଼, ପ୍ରସାଦ ହରିଚନ୍ଦନଙ୍କୁ ପୁରୀ ଓ ଖୋର୍ଦ୍ଧା, ତାରାପ୍ରସାଦ ବାହିନୀପତି ଓ ଜୟଦେବ ଜେନାଙ୍କୁ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେଉଁଝର ଓ ଗଜପତି, ଶରତ ପଟ୍ଟନାୟକ ନୟାଗଡ଼, ଅନୁଗୋଳ ଓ ସମ୍ବଲପୁର, ସୁରେଶ କୁମାର ରାଉତରାୟଙ୍କୁ ଯାଜପୁର, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର, ମହମ୍ମଦ ମୋକିମଙ୍କୁ କଟକ ଓ ଢେଙ୍କାନାଳ ଜିଲା ଦାୟିତ୍ୱ ଦିଆଯାଇଛି।

**ସଂକ୍ଷେପରେ**

## କରୋନାରେ ଡାକ୍ତରଙ୍କ ମୃତ୍ୟୁ



**ଆସିକା,୩।୯ (ଡି.ଏନ୍.ଏ.):** ଗଞ୍ଜାମ ଜିଲା ଆସିକା ସହରର ଏକ ଘରୋଇ କ୍ଲିନିକ୍‌ର ଜଣେ ଡାକ୍ତରଙ୍କ ଗୁରୁବାର କରୋନାରେ ମୃତ୍ୟୁ ଘଟିଛି। ସେ ହେଲେ ଏନ୍‌ଏସି ବଜାର ସାହିର ପି. ଶିବାଜୀ ପାତ୍ର (୭୬)। ୧୯୬୯ ମସିହାରୁ ସେ ଏକ କ୍ଲିନିକ ଖୋଲି ରୋଗୀ ସେବା କରୁଥିଲେ। ଡାକ୍ତର ପାତ୍ର ଜ୍ୱରରେ ଆକ୍ରାନ୍ତ ହେବାରୁ ଏନ୍‌ଏସି ପକ୍ଷରୁ ଖୋଲାଯାଇଥିବା କରୋନା ପରୀକ୍ଷା କେନ୍ଦ୍ରରେ ଗତ ଅଗଷ୍ଟ ୧୬ ତାରିଖରେ ନିଜର ଆଣ୍ଟିଜେନ୍ ଟେଷ୍ଟ କରାଇଥିଲେ। ରିପୋର୍ଟ ପଜିଟିଭ୍ ଆସିବା ପରେ ସେ ଦିନ ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ପୂର୍ବାହ୍ନରେ ତାଙ୍କର ମୃତ୍ୟୁ ଘଟିଛି। ଡାକ୍ତର ପାତ୍ର ପୂର୍ବରୁ ଫୁସଫୁସଜନିତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ।

## ଡିଆଇପିଆର୍‌ଓଙ୍କ ପରଲୋକ



**ଢେଙ୍କାନାଳ ଅଫିସ,୩।୯:** ଢେଙ୍କାନାଳ ଜିଲାର ଭାରପ୍ରାପ୍ତ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ (ଡିଆଇପିଆର୍‌ଓ) ତଥା ଜିଲା କାର୍ଯ୍ୟାଳୟର ଆସିଷ୍ଟାଣ୍ଟ କଲେକ୍ଟର ରଞ୍ଜନ କୁମାର ରାଉତଙ୍କ ବୁଧବାର ରାତି ସାଢେ ୭ଟାରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍‌ପିଟାଲରେ ପରଲୋକ ହୋଇଯାଇଛି। ଖବରପାଇ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଗଭୀର ଶୋକ ପ୍ରକାଶ କରିବା ସହ ତାଙ୍କ ଆତ୍ମାର ସଦ୍‌ଗତି କାମନା କରି ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ସେହିପରି ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଶୋକ ପ୍ରକାଶ ସହ ନୀରବ ପ୍ରାର୍ଥନା କରିଥିଲେ। କାମାକ୍ଷାନଗର, ହିନ୍ଦୋଳ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟ, ଭୁବନ ସୂଚନା କେନ୍ଦ୍ରର କର୍ମଚାରୀ ଏବଂ ଜିଲାର ଗଣମାଧ୍ୟମ ପ୍ରତିନିଧିମାନଙ୍କ ପକ୍ଷରୁ ମଧ୍ୟ ଗଭୀର ଶୋକ ପ୍ରକାଶ କରାଯାଇଛି।

## ମନ୍ତ୍ରୀ ପଦ୍ମିନୀ ଦିଆନ, ବିଧାୟକ ବିଷ୍ଣୁବ୍ରତ ରାଉତରାୟଙ୍କୁ କରୋନା

ଭୁବନେଶ୍ୱର, ୩।୯(ବ୍ୟୁରୋ)

ରାଜ୍ୟ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ତାଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିମାନେ ପରୀକ୍ଷା କରାଇ ନେବାକୁ ସେ ପରାମର୍ଶ ଦେଇଛନ୍ତି। ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ମଧ୍ୟ କରୋନାରେ ଆକ୍ରାନ୍ତହୋଇଛନ୍ତି। କମ୍ ଲକ୍ଷଣ ଯୁକ୍ତ କରୋନାରେ ସେ ଆକ୍ରାନ୍ତ ହୋଇଛନ୍ତି। ଯେଉଁମାନେ କିଛିଦିନ ମଧ୍ୟରେ ତାଙ୍କ ସଂସ୍ପର୍ଶରେ ଆସିଛନ୍ତି ସେମାନେ ନିଜକୁ ଆଇସୋଲେସନରେ ରଖିବାକୁ ସେ ଅନୁରୋଧ କରିଛନ୍ତି।



ମନ୍ତ୍ରୀ ପଦ୍ମିନୀ ଦିଆନ



ବିଧାୟକ ବିଷ୍ଣୁବ୍ରତ ରାଉତରାୟ



କଟକ କୁମ୍ଭାରସାହିରେ ଗୁରୁବାର ବିଶ୍ୱକର୍ମା ମୂର୍ତ୍ତି ନିର୍ମାଣରେ ନିମଗ୍ନ ଜଣେ ଶିଳ୍ପୀ।

# ଭିଜିଲାନ୍ସ ଜାଲରେ ୩ ଅଧିକାରୀ

## ଏଏସ୍‌ଆଇ ୫ ହଜାର ନେଉଥିଲେ

**କେନ୍ଦ୍ରାପଡ଼ା ଅଫିସ/ରାଜକନିକା (ଡି.ଏନ୍.ଏ.), ୩।୯:** କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ଏଏସ୍‌ଆଇ ବୈଷ୍ଣବ ଚରଣ ବେହେରା ୫ ହଜାର ଟଙ୍କା ଲାଞ୍ଚ ନେବା ସମୟରେ ଗୁରୁବାର ଭିଜିଲାନ୍ସ ଅଧିକାରୀଙ୍କ ହାତରେ ଧରାପଡିଛନ୍ତି। ଅଭିଯୁକ୍ତ ଏଏସ୍‌ଆଇ ବେହେରାଙ୍କୁ କଟକ ଭିଜିଲାନ୍ସ ପୋଲିସ ଷ୍ଟେଶନ କେସ ନଂ. ୧୧ରେ ଗିରଫ କରାଯାଇଛି। କେନ୍ଦ୍ରାପଡା ଡିଏସ୍‌ପି ସୁରେନ୍ଦ୍ରନାଥ ରାୟଗୁରୁଙ୍କ ସୂଚନା ଅନୁଯାୟୀ, ଏହି ଥାନା ଅନ୍ତର୍ଗତ ଗୋକର୍ଣ୍ଣେଶ୍ୱର ଗ୍ରାମର ଦିବାକର ସେଠୀଙ୍କ ଭାଇ ଓ ଭିଣୋଇଙ୍କ ନାମରେ ଥାନାରେ ଏକ ମାମଲା (ନଂ.୧୨୩/୨୦) ଅଛି। ଏହି ମାମଲାର ଚାର୍ଜଶିଟରୁ ସେମାନଙ୍କ ନାମ କାଟିବା ପାଇଁ ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ସମ୍ପର୍କରେ ଦିବାକର ଭିଜିଲାନ୍ସ ବିଭାଗକୁ ଜଣାଇବା ପରେ ଚଢ଼ାଉ ହୋଇଥିବା ଡିଏସ୍‌ପି ରାୟଗୁରୁ ସୂଚନା ଦେଇଛନ୍ତି।

## ଜେଲ ଗଲେ ଏଆର୍‌ସିଏସ୍

**ଢେଙ୍କାନାଳ ଅଫିସ,୩।୯:** ଢେଙ୍କାନାଳ ସହରସ୍ଥିତ ମହିଷାପାଟଠାରେ ଥିବା ସମବାୟ କାର୍ଯ୍ୟାଳୟର ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର ଅଫ୍ କୋଅପରେଟିଭ ସୋସାଇଟି (ଏଆର୍‌ସିଏସ୍) ବିଦ୍ୟାଧର ବେହେରା ଆୟବହିର୍ଭୁତ ସମ୍ପତ୍ତି ଠୁଳ ମାମଲାରେ ଗୁରୁବାର ଗିରଫ ହୋଇ କୋର୍ଟଚାଲାଣ ହୋଇଛନ୍ତି। ବୁଧବାର ଢେଙ୍କାନାଳ ସହରସ୍ଥିତ ମହିଷାପାଟଠାରେ ଥିବା ତାଙ୍କ ଅଫିସ ଓ ଭୁବନେଶ୍ୱର ପଟିଆସ୍ଥିତ ବାସଭବନ ସମେତ ଭଦ୍ରକ ଜିଲା ଭଣ୍ଡାରୀପୋଖରୀସ୍ଥିତ ପୈତୃକ ଘର ଉପରେ ଭିଜିଲାନ୍ସ ଚଢାଉ କରିଥିଲା। ଚଢାଉ ସମୟରେ ପ୍ରାୟ ୨ କୋଟି ଟଙ୍କାର ସମ୍ପତ୍ତି ଠାବ ହୋଇଥିଲା। ଏ ସଂକ୍ରାନ୍ତରେ କଟକ ଭିଜିଲାନ୍ସ ଥାନାରେ ନଂ.୧୩/୨୦ରେ ଏକ ମାମଲା ରୁଜୁ କରାଯାଇଛି ବୋଲି ଢେଙ୍କାନାଳ ଭିଜିଲାନ୍ସ ଶାଖା ଡିଏସ୍‌ପି ବେଣୁଧର ନାୟକ ସୂଚନା ଦେଇଛନ୍ତି।

## ଡ୍ରଗ୍ସ ଇନ୍ସପେକ୍ଟର ଅଫିସ ଡିଇଓ

**ଜଗତ୍‌ସିଂହପୁର ଅଫିସ, ୩।୯:** ଜଗତ୍‌ସିଂହପୁର ଡ୍ରଗ୍ସ ଇନ୍ସପେକ୍ଟରଙ୍କ ଅଫିସରେ କାର୍ଯ୍ୟରତ ଡିଇଓ (ଡାଟା ଏଣ୍ଟ୍ରି ଅପରେଟର) ତପନ କୁମାର ସେଠୀ ଡ୍ରଗ ଲାଇସେନ୍ସ ଫାଇଲ ପ୍ରୋସେସିଂ ପାଇଁ ୧୦,୦୦୦ ଟଙ୍କା ଲାଞ୍ଚ ନେଲାବେଳେ ବୁଧବାର ଭିଜିଲାନ୍ସ ପଞ୍ଝାରେ ପଡିଛନ୍ତି। ଏହା ଉପରେ କଟକ ଭିଜିଲାନ୍ସ ବିଭାଗ ପକ୍ଷରୁ ମାମଲା ସଂଖ୍ୟା ୧୨/୨୦ ରୁଜୁ କରାଯାଇଥିବା ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବଡ଼ଲହଙ୍ଗାର ଶୁଭେନ୍ଦୁ ସ୍ୱାଇଁ ଡ୍ରଗ୍ସ ଲାଇସେନ୍ସ କରିବା ପାଇଁ ଜଗତ୍‌ସିଂହପୁର ଡ୍ରଗ ଇନ୍ସପେକ୍ଟର ଅଫିସକୁ ଯାଇଥିଲେ। ସେଠାରେ କାର୍ଯ୍ୟରତ ଡିଇଓ ସେଠୀ ଏ ବାବଦ ଫାଇଲ ପ୍ରୋସେସିଂ ପାଇଁ ୧୦,୦୦୦ ଟଙ୍କା ଲାଞ୍ଚ ମାଗିଥିଲେ। ଏହାପରେ ସ୍ୱାଇଁ କଟକ ଭିଜିଲାନ୍ସ ବିଭାଗରେ ଅଭିଯୋଗ କଲାପରେ ସେଠୀଙ୍କୁ ଗିରଫ ପାଇଁ ଜାଲ ବିଛାଯାଇଥିଲା। ଯୋଜନା ମୁତାବକ ଭିଜିଲାନ୍ସ କଟକ ଡିଭିଜନ ପକ୍ଷରୁ ସ୍ୱାଇଁଙ୍କୁ ରାସାୟନିକ ବୋଳା ବୋଳା ୧୦,୦୦୦ଟଙ୍କା ଦିଆଯାଇଥିଲା। ଭିଜିଲାନ୍ସ କର୍ମଚାରୀମାନେ ଅପେକ୍ଷା କରିଥିବାବେଳେ ସ୍ୱାଇଁ ଏହି ଟଙ୍କା ସେଠୀଙ୍କୁ ଦେଇଥିଲେ। ପରେ ଭିଜିଲାନ୍ସ ବିଭାଗର କର୍ମଚାରୀମାନେ ସେଠୀଙ୍କୁ କାବୁ କରି ନେଇଥିଲେ।

## ‘ପର୍ଯ୍ୟଟକଙ୍କୁ ସତର୍କ ହେବାକୁ ପଡ଼ିବ’

ପୁରୀ ଅଫିସ, ୩।୯

ରାଜ୍ୟ ସରକାରଙ୍କ ନିଷ୍ପତ୍ତି କ୍ରମେ ପୁରୀରେ ହୋଟେଲ ଖୋଲିଯାଇଛି। ପୂର୍ବରୁ ଜିଲାକୁ ପର୍ଯ୍ୟଟକଙ୍କ ପ୍ରବେଶ ଉପରେ ଥିବା କଟକଣା ଉଠାଇ ଦିଆଯାଇଛି। ଜିଲା ପ୍ରବେଶ ପଥରେ ଯେଉଁ ଅବରୋଧ ରହିଥିଲା ତାହାକୁ ମଧ୍ୟ ହଟାଇ ଦିଆଯାଇଛି। କିନ୍ତୁ କରୋନା ବିରୋଧରେ ଲଢେଇ ଚାଲିଥିବାରୁ ପର୍ଯ୍ୟଟକଙ୍କୁ ସତର୍କ ହେବାକୁ ପଡ଼ିବ ବୋଲି ଜିଲାପାଳ ବଲଓ୍ୱନ୍ତ ସିଂ କହିଛନ୍ତି। ଗୁରୁବାର ଗଣମାଧ୍ୟମକୁ ସୂଚନା ଦେଇ ଜିଲାପାଳ କହିଛନ୍ତି, ପର୍ଯ୍ୟଟକମାନଙ୍କ ପାଇଁ କୋଣାର୍କ ମନ୍ଦିର ଖୋଲିଯାଇଛି। କିନ୍ତୁ ଆମକୁ ସତର୍କ ରହିବାକୁ ପଡ଼ିବ। ପର୍ଯ୍ୟଟକ ହୁଅନ୍ତୁ ବା ପୁରୀବାସୀ ସମସ୍ତଙ୍କୁ ସରକାରଙ୍କ କୋଭିଡ୍ ଗାଇଡ୍ ଲାଇନ ମାନିବାକୁ ହେବ। ଜୀବନ ଓ ଜୀବିକାକୁ ଏକାସଙ୍ଗରେ ଆଗକୁ ନେବାକୁ ପଡ଼ିବ। ପୁରୀର ଅର୍ଥନୀତି ସମ୍ପୂର୍ଣ୍ଣ ଭାବେ ପର୍ଯ୍ୟଟକଙ୍କ ଉପରେ ନିର୍ଭର କରେ। ତେଣୁ ପର୍ଯ୍ୟଟକମାନେ ସତର୍କ ହୋଇ ପୁରୀକୁ ଆସିଲେ କୌଣସି ଅସୁବିଧା ନାହିଁ ବୋଲି ଜିଲାପାଳ କହିଛନ୍ତି।

## ସାନପୁଅ ବାପା, ବଡ଼ଭାଇଙ୍କ ଗଳା କାଟିଲେ

**ନୟାଗଡ଼ ଅଫିସ/ଦଶପଲ୍ଲା, ୩।୯(ଡି.ଏନ.ଏ.):** ସମ୍ପତ୍ତି ଭାଗବଣ୍ଟାକୁ କେନ୍ଦ୍ରକରି ଗୁରୁବାର ବାପା ଓ ବଡ ଭାଇଙ୍କ ଗଳା କାଟି ହତ୍ୟା ଉଦ୍ୟମ କରିଛନ୍ତି ସାନ ପୁଅ। ନୟାଗଡ଼ ଜିଲା ଦଶପଲ୍ଲା ଥାନା ଗଣେଶ ବଜାରରେ। ଗୁରୁତର ହରି ସାହୁ(୭୦) ଜିଲା ମୁଖ୍ୟ ଚିକିତ୍ସାଳୟ ଓ ବଡପୁଅ ଲକ୍ଷ୍ମୀଧର(୪୫) ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଅଭିଯୁକ୍ତ ସାନପୁଅ ସନ୍ତୋଷ (୪୦) ଫେରାର ଅଛନ୍ତି। ଦଶପଲ୍ଲା ପୋଲିସ ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ ସମ୍ପତ୍ତି ଭାଗବଣ୍ଟାକୁ ନେଇ ହରି ସାହୁଙ୍କ ଘରେ ବାପ ପୁଅଙ୍କ ମଧ୍ୟରେ ଝଗଡ଼ା ଲାଗିରହିଥିଲା। ସାନପୁଅ ସନ୍ତୋଷ ଭୁବନେଶ୍ୱରରେ ରହୁଥିଲେ। ବିଭିନ୍ନ ସମୟରେ ସେ ଘରକୁ ଆସି ବାପାଙ୍କ ସହ ଝଗଡା କରୁଥିଲେ। ଗୁରୁବାର ଭୁବନେଶ୍ୱରରୁ ଆସି ସନ୍ତୋଷ ଭୋର ସମୟରେ ଦଶପଲ୍ଲା ଘରେ ଲୁଚି ରହିଥିଲେ। ବାପା କବାଟ ଖୋଲିବା ପରେ ସମ୍ପତ୍ତି ଭାଗବଣ୍ଟା କାହିଁକି କରୁନ କହି ପାଟିତୁଣ୍ଡ କରିଥିଲେ। ପରେ ସେ ତାଙ୍କ ଗଳାକୁ ବ୍ଲେଡ୍‌ରେ କାଟି ଦେଇଥିଲେ।

# ଓଟିଡିସିର ‘ବଣଭୋଜି’ ଟୁର୍ ପ୍ୟାକେଜ୍

ଭୁବନେଶ୍ୱର(ବ୍ୟୁରୋ), ୩।୯

**ପ୍ରତିଷ୍ଠା ଦିବସରେ ନୂଆ ଭେଟି**
- ପ୍ରାକୃତିକ ପରିବେଶରେ ମଜା ନେଇପାରିବେ ପର୍ଯ୍ୟଟକ
- ନନ୍ଦନକାନନରେ ‘ସ୍ପନ୍ଦନ’ର ଭରଣପୋଷଣ ଦାୟିତ୍ୱ ନେଲା ନିଗମ

କରୋନା ମହାମାରୀ ପାଇଁ ଏକପ୍ରକାର ଭୁଶୁଡି ପଡିଥିବା ରାଜ୍ୟ ପର୍ଯ୍ୟଟନ ଶିଳ୍ପକୁ ପୁଣି ଠିଆ କରାଇବାକୁ ପ୍ରୟାସ ଆରମ୍ଭ କରିଛି ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି)। ଇକୋ ଟୁରିଜମ୍ ଭଳି ଏକାଧିକ ପଦକ୍ଷେପ ହାତକୁ ନେଇଥିବା ନିଗମ ‘ବଣଭୋଜି’ ନାମରେ ଏକ ସ୍ୱତନ୍ତ୍ର ଟୁର୍ ପ୍ୟାକେଜ୍ ଆରମ୍ଭ କରାଯିବାକୁ ଯୋଜନା କରିଛି। ପ୍ରାକୃତିକ ସୌନ୍ଦର୍ଯ୍ୟର ଉପଯୋଗ କରି ପ୍ରାକୃତିକ ପରିବେଶ ମଧ୍ୟରେ ପର୍ଯ୍ୟଟକଙ୍କୁ ଏହା ନିଆରା ଅନୁଭୂତି ଦେବ। ନିରୋଳା ଓ ଶାନ୍ତ ପରିବେଶ ମଧ୍ୟରେ ଦିନଟିଏ ବିତାଇବା ସହ ବଣଭୋଜିର ମଜା ନେଇପାରିବେ ପର୍ଯ୍ୟଟକ। ଜଙ୍ଗଲ ଓ ପରିବେଶ ବିଭାଗ ସହାୟତାରେ ଏଭଳି ଏକ ନୂଆ ଟୁର୍ ବ୍ୟବସ୍ଥାକୁ ବାସ୍ତବ ରୂପ ଦେବ ଓଟିଡିସି। ସବୁବର୍ଗର ବ୍ୟକ୍ତି ଓ ପର୍ଯ୍ୟଟକଙ୍କୁ ନଜରରେ ରଖି ପ୍ୟାକେଜ ପ୍ରସ୍ତୁତ କରାଯାଇଛି। କରୋନା ଓ ପରବର୍ତ୍ତୀ ସମୟରେ ଲୋକଙ୍କ ଅବସର ବିନୋଦନରେ ଏହି ଟୁର୍ ପ୍ୟାକେଜ୍ ବିଶେଷ ସହାୟକ ହେବ ବୋଲି ଓଟିଡିସି ଆଶା ରଖିଛି।

ଓଟିଡିସିର ୪୧ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଗୁରୁବାର ଓଟିଡିସି ମୁଖ୍ୟ କାର୍ଯ୍ୟାଳୟରେ ଆୟୋଜିତ ନିରାଡ଼ମ୍ବର ଉତ୍ସବରେ ନିଗମ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ଏ ସମ୍ପର୍କରେସୂଚନା ଦେଇଛନ୍ତି।

କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି ଭିଡ଼ିଓ କନ୍‌ଫରେନ୍ସ ମାଧ୍ୟମରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମିଶ୍ର ନିଗମର କାର୍ଯ୍ୟଧାରା ଏବଂ କୋଭିଡ୍ ସମୟରେ ଓଟିଡିସି ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ କହିଥିଲେ। ସେହି କହିଲେ, ରାଜ୍ୟରେ ପର୍ଯ୍ୟଟନର ବିକାଶ କ୍ଷେତ୍ରରେ ଓଟିଡିସି ଦୀର୍ଘ ୪୧ବର୍ଷ ଧରି ପ୍ରମୁଖ ଭୂମିକା ଗ୍ରହଣ କରିଛି। ଏକ ଲାଭଦାୟକ ଅନୁଷ୍ଠାନ ଭାବେ







ଓଟିଡିସି ରାଜ୍ୟ ସରକାରଙ୍କ ଗୌପ୍ୟବର୍ଗର ସରକାରୀ ଉଦ୍ୟୋଗ ହୋଇପାରିଛି। କରୋନା ପରିସ୍ଥିତି ମଧ୍ୟରେ ହୋଟେଲ ଓ ପର୍ଯ୍ୟଟନ ଶିଳ୍ପ ସର୍ବାଧିକ ପ୍ରଭାବିତ ହୋଇଥିବାବେଳେ ନିଗମ ନିଜର ୨୧ଟି ପାନ୍ଥନିବାସ ଓ ୨ଟି ପରିବହନ ୟୁନିଟ୍ ମାଧ୍ୟମରେ କରୋନା ଯୋଦ୍ଧାଙ୍କୁ ଦୈନିକ ଖାଦ୍ୟ, ପାନୀୟ, ରହଣି ଓ ପରିବହନ ସୁବିଧା ଯୋଗାଇଦେଇଛି। ଏଥିସହିତ ନିଗମ ନିଜର ବ୍ୟବସାୟିକ କାରବାରକୁ ଜାରି ରଖିବା ପାଇଁ ଯଥାସମ୍ଭବ ପ୍ରୟାସ କରିଛି। ରାଜ୍ୟର ପର୍ଯ୍ୟଟନ ଶିଳ୍ପକୁ କ୍ରିୟାଶୀଳ କରିବାଲାଗି ଓଟିଡିସି ପକ୍ଷରୁ ଏକ ସ୍ୱତନ୍ତ୍ର ଭିଡ଼ିଓ ବିଜ୍ଞାପନ ଜାରି କରାଯାଇଛି। ରାଜ୍ୟର ବିଭିନ୍ନ ଅଞ୍ଚଳରେ ଥିବା ପାନ୍ଥନିବାସଗୁଡ଼ିକର ଆଧୁନିକୀକରଣ କାର୍ଯ୍ୟ ଇତିମଧ୍ୟରେ ହାତକୁ ନିଆଯାଇଥିବା ମିଶ୍ର କହିଛନ୍ତି।

ପ୍ରତିଷ୍ଠା ଦିବସରେ ବନ ବିଭାଗର ଅନୁରୋଧକ୍ରମେ ଓଟିଡିସି ନନ୍ଦନକାନନର ଏକ ଧଳାବାଘ ‘ସ୍ପନ୍ଦନ’ର ଭରଣପୋଷଣ ଦାୟିତ୍ୱ ନେଇଛି। ଏହାସହ ‘ଅତିଥି ଦେବୋ ଭବଃ’ ସ୍ଲୋଗାନରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଲାଗି ଏକ ସ୍ୱତନ୍ତ୍ର ଭିଡ଼ିଓ ଉନ୍ମୋଚନ କରାଯାଇଥିଲା। ଓଟିଡିସି ପରିଚାଳନା ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ ଭିଡ଼ିଓ କନ୍‌ଫରେନ୍ସରେ ନିଗମର ସମସ୍ତ କର୍ମଚାରୀଙ୍କୁ ପ୍ରତିଷ୍ଠା ଦିବସର ଶୁଭେଚ୍ଛା ଜଣାଇଥିଲେ। ଆଗାମୀ ଦିନରେ ପର୍ଯ୍ୟଟନ ଶିଳ୍ପ ବିକାଶରେ ଓଟିଡିସି ଯେପରି ପ୍ରମୁଖ ଭୂମିକା ଗ୍ରହଣ କରିବ ସେଥିପାଇଁ ସମସ୍ତେ ଯତ୍ନଶୀଳ ହେବାକୁ ସେ ପରାମର୍ଶ ଦେଇଥିଲେ।

# ପୁଣି ଥରେ ଭଲ ପାଇବା ମିଳିଛି


ନର୍ଗିସ ଫକ୍ରି

**ମୁମ୍ବାଇ**

ବଲିଉଡ ଅଭିନେତ୍ରୀ ନର୍ଗିସ ଫକ୍ରି ଫିଲ୍ମ 'ରକ୍‌ଷ୍ଟାର'ରେ ଅଭିନୟ କରି ଲୋକପ୍ରିୟତା ହାସଲ କରିଥିବା ବେଳେ ରଣବୀର କପୁରଙ୍କ ସହ ତାଙ୍କ ଅଭିନୟ ଦେଖିବାକୁ ମିଳିଥିଲା। ଏହି ଫିଲ୍ମ ପାଇଁ ବେଷ୍ଟ ଫିମେଲ ଡେବ୍ୟୁଡାଣ୍ଟ ପୁରସ୍କାର ହାସଲ୍ କରିଥିଲେ। ନର୍ଗିସଙ୍କୁ ବା କିଏ ନ ଜାଣେ। ହଟ୍ ଏବଂ ବୋଲ୍ଡ ଅଭିନେତ୍ରୀଙ୍କ ମଧ୍ୟରୁ ସେ ହେଉଛନ୍ତି ଜଣେ। ସବୁବେଳେ ନିଜର ହଟ୍ ଫଟୋ ପାଇଁ ସୋସିଆଲ ସାଇଟ୍‌ରେ ଭାରି ଚର୍ଚ୍ଚାରେ। ଅନ୍ୟପଟେ ସବୁବେଳେ ନିଜ ପ୍ରେମକୁ ନେଇ ଚର୍ଚ୍ଚାରେ ରହୁଥିବା ବେଳେ ଉଦୟ ଚୋପ୍ରାଙ୍କ ସହ ତାଙ୍କର ସମ୍ପର୍କ ଖୁବ ଚର୍ଚ୍ଚିତ ହୋଇଥିଲା। ଉଦୟଙ୍କ ସହ ବ୍ରେକଅପ୍ ପରେ ସେ ଫିଲ୍ମ ନିର୍ମାତା ମେଟ ଆଲୋଞ୍ଜାଙ୍କ ସମ୍ପର୍କରେ ଥିଲେ। ମାତ୍ର ଦୁହେଁ ବେଶୀଦିନ ସମ୍ପର୍କରେ ରହିପାରିନଥିଲେ। ଏବେ ନର୍ଗିସ ଆମେରିକା ସେଫ ଜଷ୍ଟିନ ସଣ୍ଟୋସ୍‌ଙ୍କୁ ଡେଟ କରୁଛନ୍ତି। ଏବେ ସେ ନୂଆ ଲାଇଫ୍‌ରେ ବହୁତ ଖୁସି ଅଛନ୍ତି। ପୁନର୍ବାର ମୋତେ ବହୁତ ଭଲ ପାଇବା ମିଳିଛି। ଏଥିପାଇଁ ମୁଁ ମୋ ଲାଇଫ୍‌ରେ ବହୁତ ଖୁସି ଅଛି। ଉଭୟଙ୍କର ଭିଡିଓ ଓ ଫଟୋ ସେ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ଦୁହେଁ ଛୁଟି ମନାଇବାକୁ ଯାଇଥିବା ବେଳେ ସୁଟିଂ ରେଞ୍ଜ୍‌ରେ ନର୍ଗିସ ଜଷ୍ଟିନ୍‌ଙ୍କଠାରୁ ବନ୍ଧୁକ ଚାଳନା ଶିଖୁଥିବା ଭିଡିଓରେ ନଜର ଆସିଛନ୍ତି। ଭିଡିଓର କ୍ୟାପସନରେ ନର୍ଗିସ ଲେଖିଛନ୍ତି, ବନ୍ଧୁକ ଚାଳନା ଶିଖିବା ସ୍ୱପ୍ନ ଥିଲା। ସେ ଶେୟାର କରିଥିବା ଫଟୋରେ ବହୁ ଅଭିନେତା ଅଭିନେତ୍ରୀ ଲାଇକ୍ କରିବାସହ କମେଣ୍ଟ କରିଛନ୍ତି। ଅଭିନେତ୍ରୀ ଇଲିୟାନା ଡିକ୍ରୁଜ୍‌ଙ୍କୁ ଦୁହିଁଙ୍କ ଯୋଡିକୁ 'ସୁପର୍ କ୍ୟୁଟ' ବାଲି ଲେଖିଛନ୍ତି।

# ବିଶ୍ୱର ସବୁଠୁ ଦାମୀ ମେଣ୍ଢା



ଅତି ବେଶିରେ ଲକ୍ଷେ କି ୨ ଲକ୍ଷ ଟଙ୍କାରେ ମେଣ୍ଢା କିଣାବିକା ଖବର ଶୁଣିଥିବେ । ମାତ୍ର ଏମିତି ଏକ ମେଣ୍ଢା, ଯାହା ବିଶ୍ୱର ସବୁଠାରୁ ଦାମୀ ଭାବେ ପରିଗଣିତ ହୋଇଛି। ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ଏହା ସତ। ଏହି ମେଣ୍ଢାର ଦାମ୍ କୋଟିଏ କି ୨ କୋଟି ନୁହେଁ ୩ କୋଟିରୁ ଉର୍ଦ୍ଧ୍ୱ। ଜାଣନ୍ତୁ ଏହି ଅନନ୍ୟ ମେଣ୍ଢା ସମ୍ପର୍କରେ...

ଏହି ମେଣ୍ଢାର ନାମ ଡବଲ ଡାଏମଣ୍ଡ। ସ୍କଟ୍‌ଲାଣ୍ଡର ଲାନାର୍କରେ ଗତ ସପ୍ତାହରେ ଏକ ନିଲାମୀର ଆୟୋଜନ କରାଯାଇଥିଲା। ଏଠାକୁ ଉକ୍ତ ମେଣ୍ଢା ଆସିଥିଲା। ଏହି ମେଣ୍ଢାର ନିଲାମୀ ୧୩ ହଜାର ଡଲାର ଅର୍ଥାତ୍ ୯.୫୩ ଲକ୍ଷରୁ ଆରମ୍ଭ ହୋଇଥିଲା। ଶେଷରେ ୪.୯୦ ଲକ୍ଷ ଆମେରିକୀୟ ଡଲାର ଅର୍ଥାତ ୩.୫୯ କୋଟି ଟଙ୍କା ପର୍ଯ୍ୟନ୍ତ ନିଲାମୀ ଡକା ଯାଇଥିଲା। ଏହି ମେଣ୍ଢାକୁ ୩ ଟି ଅଲଗା ଅଲଗା ଫାର୍ମ ମିଶି କିଣିଛନ୍ତି। ଅର୍ଥାତ୍ ମେଣ୍ଢାଟି ୩ଟି ଫାର୍ମରେ ଯାଇ ରହିବ। ଏହା ଟେକ୍ସେଲ ପ୍ରଜାତିର। ହଲାଣ୍ଡରେ ଏହି ମେଣ୍ଡା ପାଳନ କରାଯାଏ। ଟେକ୍ସେଲ ମେଣ୍ଢାପାଳକ ସୋସାଇଟ ଅନୁସାରେ, ଏହି ମେଣ୍ଢାର ମାଂସ ବହୁତ ମହଙ୍ଗା। ଏହି ପ୍ରଜାତିର ମେଣ୍ଢାକୁ ପୂର୍ବରୁ ୨.୨୪ କୋଟିରେ କିଣା ଯାଇଥିଲା। ଏହା ୨୦୦୯ ମସିହାର କଥା। ଏହି ପ୍ରଜାତିର ମେଣ୍ଢାର ଲୋମରୁ ଉଲ୍ ତିଆରି ହୁଏ। ଏହା ଫ୍ୟାଶନ ଇଣ୍ଡଷ୍ଟ୍ରିରେ ବେଶ୍ ଜଣାଶୁଣା। ଏତଦ୍‌ବ୍ୟତୀତ ଏହି ମେଣ୍ଢା ମାଂସର ଦାମ୍ ୟୁରୋପ, ଅଷ୍ଟ୍ରେଲିଆ, ଆମେରିକା ଏବଂ ନ୍ୟୁଜିଲାଣ୍ଡରେ ବହୁତ ଅଧିକ। ପ୍ରଥମେ ଏହି ପ୍ରଜାତି ମେଣ୍ଢା ଲୋମରୁ କପଡ଼ା ପ୍ରସ୍ତୁତ କରାଯାଇଥାଏ। ପରେ ଏହାକୁ ସ୍ଲଟର ହାଉସ୍‌କୁ ପଠାଯାଇ ମାଂସ କଟାଯାଇଥାଏ। ଏହି ମେଣ୍ଢାର ଓଜନ ୩ରୁ ୫ କ୍ୱିଣ୍ଟାଲ ପର୍ଯ୍ୟନ୍ତ ରହିଛି।

# ଡିଜେ ବଜାଇ ସାପ ଖେଳାଇବା ମହଙ୍ଗା ପଡ଼ିଲା

ବିହାରର ଖଗରିଆରେ ଜଣେ କେଳାଙ୍କୁ ଡିଜେ ସାଉଣ୍ଡ୍‌ରେ ସାପ ଖେଳାଇବା ମହଙ୍ଗା ପଡ଼ିଛି। ଖେଳ ସମୟରେ ବିଷଧର ସାପ ଦଂଶନ କରିବାରୁ ତାଙ୍କର ମୃତ୍ୟୁ ଘଟିଛି। ଏପରି ଘଟଣା ବେଲଦୁର ଅଞ୍ଚଳର ପାନସଲାୱା ଗ୍ରାମରେ ଘଟିଛି। କିଛି ଲୋକ ଆଞ୍ଚଳିକ ପର୍ବ କର୍ମା-ଧର୍ମାର ମୂର୍ତ୍ତି ବୁଡ଼ାଇବାକୁ କୋସି ଘାଟକୁ ଯାଉଥିଲେ। ଏହି ସମୟରେ ଗାଁର ଶମ୍ଭୁ ସିଂହ ଏକ ବିଷଧର ସାପ ସହିତ ମୂର୍ତ୍ତି ବିସର୍ଜନରେ ସାମିଲ ହୋଇ ଖେଳ ଦେଖାଇଥିଲେ। ସେ ଯେତେବେଳେ ସାପଖେଳ ଦେଖାଉଥିଲେ ଦେଖଣାହାରୀମାନେ ଶମ୍ଭୁଙ୍କୁ ତାଳି ବଜାଇ ଉତ୍ସାହିତ କରୁଥିଲେ। ଏହି ସମୟରେ ଶମ୍ଭୁଙ୍କ ପିଠିରେ ସାପ ଦଂଶନ କରିଥିଲା। ସାପ କାମୁଡ଼ିବାର ଅଧ ଘଣ୍ଟା ପର୍ଯ୍ୟନ୍ତ ଶମ୍ଭୁ ଡିଜେ ସାଉଣ୍ଡ୍‌ରେ ଖେଳ ଦେଖାଇଥିଲେ। ହଠାତ୍ ସେ ବେହୋସ ହୋଇ ତଳେ ପଡ଼ିଗଲେ। ଫଳରେ ମୂର୍ତ୍ତି ବିସର୍ଜନ ଖୁସି ମଉଳି ଯାଇଥିଲା। ଗ୍ରାମବାସୀ ଶମ୍ଭୁଙ୍କୁ ଉଠାଇ ହସ୍ପିଟାଲ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।





# ପେଟରୁ ବାହାରିଲା ୭ କେଜି ଚୁଟି

ରାଞ୍ଚି, ୩।୯: ଝାଡ଼ଖଣ୍ଡର ବୋକାରୋ ଜିଲାରୁ ଚକିତ କଲା ଭଳି ଏକ ମାମଲା ସାମ୍ନାକୁ ଆସିଛି। ଏଠାରେ ଜଣେ ୧୭ ବର୍ଷୀୟା ଯୁବତୀଙ୍କ ପେଟରୁ ୭ କିଲୋ ଓଜନର ଚୁଟିର ପିଣ୍ଡୁଳା ବାହାର କରାଯାଇଛି। ଯୁବତୀଙ୍କ ପେଟରୁ ଅପରେସନ କରି ଏହି ଚୁଟିର ପିଣ୍ଡୁଳା ବାହାର କରିଥିବା ଡାକ୍ତର ଜିଏନ୍ ସାହୁ କହିଛନ୍ତି, ଏହାକୁ ସଫଳତାର ସହ ବାହାର କରିଦିଆଯାଇଛି। ଏହା ଏକ ଅତ୍ୟନ୍ତ ଜଟିଳ ଅପରେଶନ ଥିଲା। ଚୁଟିର ଏହି ପିଣ୍ଡୁଳା ପୁରା ପେଟକୁ କବ୍‌ଜା କରି ରଖିଥିଲା। ଚିକିତ୍ସା ଇତିହାସରେ ଏହା ଏକ ଅଜବ ଘଟଣା। ସୁଇଟି କୁମାରୀ ନାମକ ଏହି ଯୁବତୀଙ୍କ ଛୋଟବେଳେ ଛୁଟି ଖାଇବା ଅଭ୍ୟାସ ଥିଲା। ସେ ମୁଣ୍ଡ କୁଣ୍ଡାଇବା ପରେ ଝଡ଼ି ପଡୁଥିବା ଚୁଟିକୁ ଖାଇ ଦେଉଥିଲେ। ଗତ ୫ ବର୍ଷ ହେବ ସେ ଏହି ଖରାପ ଅଭ୍ୟାସ ଛାଡ଼ି ଦେଇଥିଲେ। କିନ୍ତୁ ପେଟରେ ଥିବା କେଶ ଏକାଠି ହୋଇ ଏକ ପିଣ୍ଡୁଳା ଆକାର ଧାରଣ କରିଥିଲା। ୩ ଦିନ ତଳେ ସେ ଡାକ୍ତର ସାହୁଙ୍କୁ ଭେଟିଥିଲେ। ଏହାପରେ ପେଟରେ ଟ୍ୟୁମର ଥିବା ସନ୍ଦେହରେ ଡାକ୍ତର ସାହୁ ଯୁବତୀଙ୍କ ଅଲ୍‌ଟ୍ରା ସାଉଣ୍ଡ କରିଥିଲେ। ଏହାପରେ ଯେତେବେଳେ ଯୁବତୀଙ୍କ ଅପରେଶନ କରାଯାଇଥିଲା ପେଟ ମଧ୍ୟରୁ ୭ କେଜି ଓଜନର ଏକ ବଡ଼ ଚୁଟିର ପିଣ୍ଡୁଳା ବାହାରିଥିଲା। ଏହି ଅପରେଶନ ୬ ଘଣ୍ଟା ଧରି ଚାଲିଥିଲା।



# ବିଲୁପ୍ତି ପଥରେ ସ୍ନୋ ଲିଓପାର୍ଡ

ସ୍ନୋ ଲିଓପାର୍ଡକୁ ଇଣ୍ଟରନ୍ୟାଶନାଲ ୟୁନିୟନ ଫର୍ କନ୍‌ଜର୍ଭେଶନ ଅଫ୍ ନେଚର୍(ଆଇୟୁସିଏନ୍) ପକ୍ଷରୁ ବିଲୁପ୍ତ ପ୍ରଜାତିରେ ଅନ୍ତର୍ଭୁକ୍ତ କରାଯାଇଛି। ପରିବେଶ, ଜଙ୍ଗଲ ନଷ୍ଟ, ଶିକାର ଏବଂ ବିଭିନ୍ନ କାରଣରୁ ଏମାନଙ୍କ ତିଷ୍ଠିବା କଷ୍ଟକର ହୋଇପଡ଼ିଛି। ଫଳରେ ଏହି ପ୍ରଜାତିଙ୍କ ସଂଖ୍ୟା ଲଗାତର୍ କମିବାରେ ଲାଗିଛି। ସମଗ୍ର ବିଶ୍ୱରେ ଏମାନଙ୍କ ସଂଖ୍ୟା ୧୦ହଜାରରୁ ମଧ୍ୟ କମ୍ ରହିଥିବାବେଳେ ଭାରତରେ ୭୦୦। ଭାରତ ସରକାରଙ୍କ ପକ୍ଷରୁ ବନ ବିଭାଗ ସହାୟତାରେ ଏମାନଙ୍କ ସୁରକ୍ଷା ଏବଂ ସଂରକ୍ଷଣ ପାଇଁ ପ୍ରୟାସ ଚାଲିଛି। ଏମାନଙ୍କ ସଂରକ୍ଷଣ ପାଇଁ ଉତ୍ତରାଖଣ୍ଡର ଉତ୍ତରକାଶୀ ବନ ବିଭାଗ ପକ୍ଷରୁ ଭାରତର ପ୍ରଥମ ସ୍ନୋ ଲିଓପାର୍ଡ କନ୍‌ଜର୍ଭେଶନ୍ ସେଣ୍ଟର ଖୋଲିବାକୁ ଯାଉଛି।



ଉତ୍ତରାଖଣ୍ଡ : ସ୍ନୋ ଲିଓପାର୍ଡ ହେଉଛି ବିରାଡ଼ି ପ୍ରଜାତିର ଏକ ଜୀବ। ଏମାନେ ସାଧାରଣତଃ ମଧ୍ୟ ଏବଂ ଦକ୍ଷିଣ ଏସିଆର ପାହାଡ଼ିଆ ଅଞ୍ଚଳରେ ଦେଖିବାକୁ ମିଳନ୍ତି। ନାମ ଅନୁଯାୟୀ ଏମାନେ ବରଫାଞ୍ଚଳରେ ହିଁ ରହିବାକୁ ପସନ୍ଦ କରିଥାନ୍ତି। ବରଫ ପାହାଡ଼ରେ ୯ହଜାର ୮ଶହରୁ ୧୭ହଜାର ଫୁଟ ଉଚ୍ଚତା ପର୍ଯ୍ୟନ୍ତ ଏମାନଙ୍କୁ ଦେଖିବାକୁ ମିଳିଥାଏ। ଭାରତର ଉତ୍ତର ଏବଂ ଚାଇନାର ପୂର୍ବଭାଗରେ ମଧ୍ୟ ଏହି ପ୍ରଜାତି ନଜର ଆସନ୍ତି। ଭାରତରେ ଏମାନଙ୍କ ସଂଖ୍ୟା ୭୦୦ ମଧ୍ୟରେ ସୀମିତ ରହିଥିବା ତଥ୍ୟରୁ ଜଣାପଡ଼ିଛି। ଏମାନଙ୍କ ଉଚ୍ଚତା ପ୍ରାୟ ୧.୪ ମିଟର ଏବଂ ଲାଞ୍ଜ ପ୍ରାୟ ୧୦୦ ମିଟର ଲମ୍ବା ହୋଇଥାଏ। ସେହିପରି ସ୍ନୋ ଲିଓପାର୍ଡର ଓଜନ ପ୍ରାୟ ୫୦ରୁ ୭୦ କେଜି ପର୍ଯ୍ୟନ୍ତ ହୋଇଥାଏ। ସ୍ନୋ ଲିଓପାର୍ଡ ବିରାଡ଼ି ପ୍ରଜାତିର ଏକମାତ୍ର ଜୀବ, ଯିଏକି ଭୁକି ନ ଥାଏ ବରଂ ବିରାଡ଼ି ଭଳି ଶବ୍ଦ ସୃଷ୍ଟି କରିପାରେ। ତିବ୍ବତ ଏବଂ ହିମାଳୟର ପାହାଡ଼ ଅଞ୍ଚଳରେ ଦେଖାଯାଉଥିବା ନୀଳ ମେଣ୍ଢାମାନଙ୍କୁ ସ୍ନୋ ଲିଓପାର୍ଡମାନେ ଶିକାର କରିଥାନ୍ତି। ସ୍ନୋ ଲିଓପାର୍ଡଙ୍କ ଗୋଡ଼ ପଞ୍ଝାରେ ଉଲ୍ ଥାଏ, ଯଦ୍ୱାରା ଏମାନେ ଅତି ସହଜରେ ବରଫରେ ଚାଲିପାରନ୍ତି। ବରଫାଞ୍ଚଳ ଜଙ୍ଗଲରେ ରହୁଥିବା ସ୍ନୋ ଲିଓପାର୍ଡମାନଙ୍କ ଆୟୁଷ ପ୍ରାୟ ୨୦ ବର୍ଷ ଏବଂ ପିଞ୍ଜରାରେ ରହୁଥିବା ସ୍ନୋ ଲିଓପାର୍ଡ ପ୍ରାୟ ୨୮ ବର୍ଷ ଜୀବିତ ରୁହନ୍ତି। ଏମାନଙ୍କ ଗର୍ଭାବସ୍ଥା ସମୟ ପ୍ରାୟ ୩ମାସ ହୋଇଥିବାବେଳେ ଏହି ପ୍ରଜାତି ୨ରୁ ୩ଟି ସନ୍ତାନ ଜନ୍ମ ଦେଇଥାନ୍ତି।

**ଭାରତରେ ସଂଖ୍ୟା ୭ଶହ ମଧ୍ୟରେ ସୀମିତ**

ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ସ୍ନୋ ଲିଓପାର୍ଡକୁ ଇଣ୍ଟରନ୍ୟାସନାଲ ୟୁନିଅନ ଫର୍ କନ୍‌ଜର୍ଭେଶନ ଅଫ୍ ନେଚର୍(ଆଇୟୁସିଏନ୍) ପକ୍ଷରୁ ବିଲୁପ୍ତ ପ୍ରଜାତି ଅନ୍ତର୍ଭୁକ୍ତ କରାଯାଇଛି। ପରିବେଶ, ଜଙ୍ଗଲ ନଷ୍ଟ, ଶିକାର ଏବଂ ବିଭିନ୍ନ କାରଣରୁ ଏମାନଙ୍କ ତିଷ୍ଠିବା କଷ୍ଟକର ହୋଇପଡ଼ିଛି। ଫଳରେ ଏହି ପ୍ରଜାତିଙ୍କ ସଂଖ୍ୟା ଲଗାତାର୍ କମିବାରେ ଲାଗିଛି। ତେଣୁ ଭାରତ ସରକାରଙ୍କ ପକ୍ଷରୁ ବନବିଭାଗ ସହାୟତାରେ ଏମାନଙ୍କ ସୁରକ୍ଷା ଏବଂ ସଂରକ୍ଷଣ ପାଇଁ ପ୍ରୟାସ ଚାଲିଛି। ଏମାନଙ୍କ ବାସସ୍ଥାନକୁ ସଂରକ୍ଷିତ ଘୋଷଣା କରାଯାଇଛି।

## ଉତ୍ତରାଖଣ୍ଡରେ ଖୋଲିବ ପ୍ରଥମ କନ୍‌ଜର୍ଭେଶନ୍ ସେଣ୍ଟର

ଏହି ବିରଳ ଜୀବଙ୍କ ସଂରକ୍ଷଣ ପାଇଁ ଉତ୍ତରାଖଣ୍ଡର ଉତ୍ତରକାଶୀ ବନ ବିଭାଗ ପକ୍ଷରୁ ଭାରତର ପ୍ରଥମ ସ୍ନୋ ଲିଓପାର୍ଡ କନ୍‌ଜର୍ଭେଶନ୍ ସେଣ୍ଟର ଖୋଲିବାକୁ ଯାଉଛି। ୟୁନାଇଟେଡ୍ ନେସନ୍ସ ଡେଭେଲପମେଣ୍ଟ ପ୍ରୋଗ୍ରାମ୍(ୟୁଏନ୍‌ଡିପି) ସହଯୋଗରେ ଏହା ପ୍ରତିଷ୍ଠା ହେବାକୁ ଯାଉଛି। ଏହା 'ସିକ୍ୟୁର୍ ହିମାଳୟସ୍' ପ୍ରକଳ୍ପର ଅଂଶବିଶେଷ। ୨୦୧୭ରୁ ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଛି। ଏଥିରେ ସ୍ନୋ ଲିଓପାର୍ଡ ସମେତ ହିମାଳୟ ଅଞ୍ଚଳର ଅନ୍ୟ ବିଲୁପ୍ତ ପ୍ରଜାତି ଏବଂ ସେମାନଙ୍କ ବାସସ୍ଥଳୀ ସଂରକ୍ଷଣ ପାଇଁ ପ୍ରଚେଷ୍ଟା କରାଯାଇଛି।

ମନେ ପଡ଼ନ୍ତି
ଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତା ହୃଦୟମଣୀ ଦେବୀ
ପୁରୁଣା ବୁଢ଼ାକେରା, ନୂଆସନ୍ଧ, ପୁରୀ
ଆବିର୍ଭାବ: ୧୯୩୫
ତିରୋଧାନ: ୨୬।୦୮।୨୦୨୦
(ବୁଧବାର)
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା
-:ଶୋକସନ୍ତପ୍ତ:-
ହତଭାଗ୍ୟ ପୁଅ, ବୋହୂ, ନାତି ଓ ନାତୁଣୀ ତଥା ବନ୍ଧୁ ଓ ପରିବାରବର୍ଗ ।
ଧ-୧୮୦୮୫

# ମାଇଲଷ୍ଟୋନ୍ ମ୍ୟାନ୍

ବିଶ୍ୱର ପ୍ରଥମ ଦ୍ରୁତ ବୋଲର ଭାବେ ଇଂଲଣ୍ଡର ଜେମ୍ସ ଆଣ୍ଡରସନ ୬୦୦ ଟେଷ୍ଟ ଉଇକେଟ ହାସଲ କରି ଇତିହାସ ସୃଷ୍ଟି କରିବା ସହ ମାଇଲଖୁଣ୍ଟ ଛୁଇଁଛନ୍ତି। ନିଜର ଅସାଧାରଣ ପ୍ରତିଭା, ଦକ୍ଷତାକୁ ପାଥେୟକରି ସେ ଆଗକୁ ଆହୁରି ଅଧିକ ସଫଳତା ହାସଲ କରିବା ଲକ୍ଷ୍ୟରେ ରହିଛନ୍ତି। ଦୃଷ୍ଟାନ୍ତମୂଳକ ପ୍ରଦର୍ଶନ ବଳରେ ସେ ସମଗ୍ର ଯୁବ ପିଢ଼ି ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି...


ନିର୍ମଳ କୁମାର ମିଶ୍ର


ଜେମ୍ସ ଆଣ୍ଡରସନ୍

ପ୍ରଥମେ ୱେଷ୍ଟଇଣ୍ଡିଜ୍ ଓ ପରେ ପାକିସ୍ତାନ ବିପକ୍ଷରେ ଦମ୍‌ଦାର ପ୍ରଦର୍ଶନ କରି ଇଂଲଣ୍ଡ ଟେଷ୍ଟ ସିରିଜରେ ବିଜୟୀ ହୋଇଛି। ପାକିସ୍ତାନ ବିପକ୍ଷ ଟେଷ୍ଟ ସିରିଜରେ ଇଂଲଣ୍ଡ ୧-୦ରେ ବିଜୟୀ ହୋଇଛି। ଏଥିସହିତ ଇତିହାସ ରଚନା କରିଛନ୍ତି ଇଂଲଣ୍ଡର ତାରକା ବୋଲର ଜେମ୍ସ ଆଣ୍ଡରସନ୍। କମାଲ କରି ଦେଖାଇଛନ୍ତି ଇଂଲଣ୍ଡର ଏହି ଅଭିଜ୍ଞ ସିମ୍ ବୋଲର। ଗତ କିଛି ବର୍ଷ ହେବ ବ୍ୟାକ୍‌ଫୁଟରେ ରହିଥିଲା ଟିମ୍ ଇଂଲଣ୍ଡର ଟେଷ୍ଟ କ୍ରିକେଟ ଦଳ। ଅସ୍ଥିର ପ୍ରଦର୍ଶନ କାରଣରୁ ଦଳ ସନ୍ତୁଳନ ରକ୍ଷା କରିବାକୁ ଅସମର୍ଥ ହେଉଥିଲା।

ଜେମ୍ସ ଆଣ୍ଡରସନଙ୍କ ଛଅ ଶହ ଉଇକେଟ କ୍ଲବରେ ଯୋଗଦାନ ବର୍ତ୍ତମାନର ପରିବେଶରେ ଏକ ପ୍ରମୁଖ ଘଟଣା ସାବ୍ୟସ୍ତ ହୋଇଛି। ବିଶ୍ୱର ପ୍ରଥମ ଦ୍ରୁତ ବୋଲର ରୂପେ ସେ ୬୦୦ ଉଇକେଟ ନେଇ ଇତିହାସ ସୃଷ୍ଟି କରିଛନ୍ତି। ପୂର୍ବରୁ କୌଣସି ଦ୍ରୁତ ବୋଲର ଏହି ସଫଳତା ପାଇବାକୁ ସକ୍ଷମ ହୋଇପାରିନାହାନ୍ତି। ତାଙ୍କର ସାଥୀ ଖେଳାଳି ଷ୍ଟୁଆର୍ଟ ବ୍ରଡ୍ ୱେଷ୍ଟଇଣ୍ଡିଜ ବିପକ୍ଷ ତୃତୀୟ ଟେଷ୍ଟ ମ୍ୟାଚରେ ୧୦ଟି ଉଇକେଟ ନେଇ ୫୦୦ କ୍ଲବରେ ୫ମ ବୋଲର ରୂପେ ସାମିଲ କରିବା ପରେ ଆଣ୍ଡରସନ୍ ପାକିସ୍ତାନ ବିପକ୍ଷରେ ଅନ୍ତିମ ଟେଷ୍ଟରେ ଏହି ସଫଳତା ହାସଲ କରିଛନ୍ତି। ପୂର୍ବରୁ ୩ଜଣ ବିଶ୍ୱସ୍ତରୀୟ ସ୍ପିନ ବୋଲର ଏହି ସଫଳତା ପାଇବାକୁ ସକ୍ଷମ ହୋଇଥିଲେ। ଶ୍ରୀଲଙ୍କାର ତାରକା ଅଫ୍ ସ୍ପିନର ମୁଥୟା ମୁରଲୀଧରନ୍ ୧୯୯୨ରୁ ୨୦୧୦ ପର୍ଯ୍ୟନ୍ତ ୧୩୩ଟି ଟେଷ୍ଟ ମ୍ୟାଚ ଖେଳି ମୋଟ ୮୦୦ଟି ଉଇକେଟ ନେବା ସହ ଆଗରେ ରହିଛନ୍ତି। ସେ ୬୭ ଥର ୫ଟିରୁ ଅଧିକ ଉଇକେଟ ଏବଂ ୨୨ଥର ୧୦ରୁ ଅଧିକ ଉଇକେଟ ଗୋଟିଏ ମ୍ୟାଚରୁ ନେଇ ରେକର୍ଡ ସହ ବହୁ ଆଗରେ ରହିଛନ୍ତି। ଅଷ୍ଟ୍ରେଲୀୟ ଲେଗ୍ ସ୍ପିନର ଶେନ୍ ୱର୍ନ ୧୯୯୨ ରୁ ୨୦୦୭ ମଧ୍ୟରେ ୧୪୫ଟି ଟେଷ୍ଟ ମ୍ୟାଚ୍ ଖେଳି ୭୦୮ଟି ଉଇକେଟ ନେବା ସହିତ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଏଥି ମଧ୍ୟରେ ୩୭ ଥର ୫ରୁ ଊର୍ଦ୍ଧ୍ୱ ଓ ୧୦ ଥର ୧୦ରୁ ଅଧିକ ଉଇକେଟ ନେଇଛନ୍ତି। ସେହିପରି ଭାରତର ତାରକା ସ୍ପିନର ଅନିଲ କୁମ୍ବଲେ ୧୯୯୦ରୁ ୨୦୦୮ ପର୍ଯ୍ୟନ୍ତ ୧୩୨ଟି ଟେଷ୍ଟ ମ୍ୟାଚ୍ ଖେଳି ମୋଟ ୬୧୯ଟି ଉଇକେଟ ନେବା ସହିତ ୩୫ ଥର ୫ ରୁ ଅଧିକ ଓ ୮ଥର ୧୦ ରୁ ଅଧିକ ଉଇକେଟ ହାସଲ କରିଛନ୍ତି। ଏହି ତିନି ଜଣ ଶ୍ରେଷ୍ଠ ସ୍ପିନର ସମସାମୟିକ ବୋଲର ରୂପେ ଏହି ସଫଳତା ପାଇଛନ୍ତି।

ମାତ୍ର ଜଣେ ପେସ୍ ବୋଲର ପକ୍ଷରେ ୬୦୦ ଉଇକେଟ କ୍ଲବରେ ସାମିଲ ହେବା ସହଜ କଥା ନୁହେଁ। କାରଣ ଦୀର୍ଘ ଦିନ ବିନା ଆଘାତ ସମସ୍ୟା ଯୋଗୁ କୌଣସି ବୋଲର ଏହି ସଫଳତା ପାଇ ନ ଥିଲେ। ଆଣ୍ଡରସନ୍‌ଙ୍କ ଜୀବନରେ ଅନେକ ଥର ଆଘାତ ଜନିତ ସମସ୍ୟା ଆସିବା ଯୋଗୁ ବହୁ ଥର ଅନେକ ଘରୋଇ ଏବଂ ବିଦେଶ ସିରିଜରୁ ସେ ବାଦ ପଡିଥିଲେ ମଧ୍ୟ ଦୃଢ଼ ମନୋବଳ ତାଙ୍କୁ ଏହି ଐତିହାସିକ ସଫଳତା ଆଣିଦେଇଛି। ସେ ଯୁବ ଖେଳାଳିଙ୍କ ପାଇଁ ନିଶ୍ଚିତ ପ୍ରେରଣାର ଉତ୍ସ।

୧୯୮୨ ମସିହାରେ ଜନ୍ମିତ ଏହି ଇଂଲଣ୍ଡ ଫାଷ୍ଟ ବୋଲର ଉଭୟ ଟେଷ୍ଟ ଏବଂ ଦିନିକିଆ ଫର୍ମାଟ୍‌ରେ ଇଂଲଣ୍ଡ ପାଇଁ ସର୍ବାଧିକ ଉଇକେଟ ନେଇ ବେଶ୍ ଆଗରେ ରହିଛନ୍ତି। ସେ ପ୍ରଥମ ଇଂଲଣ୍ଡ ବୋଲର ଏବଂ ବିଶ୍ୱର ୬ଷ୍ଠ ବୋଲର ରୂପେ ୫୦୦ ଉଇକେଟ କ୍ଲବରେ ସ୍ଥାନ ପାଇଥିଲେ। ୨୦୦୩ ମସିହାରେ ଜିମ୍ବାୱେ ବିପକ୍ଷରୁ ନିଜର ଟେଷ୍ଟ କ୍ୟାରିୟର ଆରମ୍ଭ କରିଥିବା ବେଳେ ୨୦୦୨ ମସିହାରୁ ଅଷ୍ଟ୍ରେଲିଆ ବିପକ୍ଷରେ ଏକଦିବସୀୟ ମ୍ୟାଚ ଆରମ୍ଭ କରିଥିଲେ। କ୍ୟାରିୟରରେ ୨୮ଥର ୫ରୁ ଅଧିକ ଉଇକେଟ ନେଇଥିବା ବେଳେ ୩ଥର ୧୦ରୁ ଅଧିକ ଉଇକେଟ ନେଇଛନ୍ତି। ପ୍ରଥମ ଇଂଲଣ୍ଡ ବୋଲର ରୂପେ ୩୦୦ ଏବଂ ୫୦୦ ଉଇକେଟ କ୍ଲବରେ ସାମିଲ ହେବା ସହିତ ଏକମାତ୍ର ଇଂଲଣ୍ଡ ବୋଲର ରୂପେ ଗୋଟିଏ କ୍ରିକେଟ ଗ୍ରାଉଣ୍ଡରେ ୧୦୦ରୁ ଅଧିକ ଉଇକେଟ ନେଇଛନ୍ତି। ୧୫୬ଟି ଟେଷ୍ଟ ମ୍ୟାଚ ଖେଳି ସେ ଏହି ସଫଳତା ପାଇଛନ୍ତି।

୨୬.୫୦ ଆଭରେଜରେ ୧୬,୦୭୮ରନ୍ ଦେଇ ୬୦୦ ଉଇକେଟ ନେବା ସହ ତାଙ୍କର ବେଷ୍ଟ ବୋଲିଂ ଫିଗର ୪୨ରନ୍ ବିନିମୟରେ ୭ଟି ଉଇକେଟ ରହିଛି। ତାଙ୍କ ବୋଲିଂରେ ୧୧୭ ଜଣ ବ୍ୟାଟ୍ସମ୍ୟାନ ବୋଲ୍ଡ ହୋଇଥିବା ବେଳେ ୨୩୧ ଜଣ କ୍ୟାଚ, ୧୬୪ଜଣ କଟ୍ ବିହାଇଣ୍ଡ ଏବଂ ୮୮ ଜଣ ଏଲ୍‌ବିଡବ୍ଲ୍ୟୁ ଆଉଟ ହୋଇଛନ୍ତି। ତାଙ୍କ ବୋଲିଂରେ କୌଣସି ବ୍ୟାଟ୍‌ସମ୍ୟାନ ହିଟ୍ ଉଇକେଟ କିମ୍ବା ଷ୍ଟମ୍ପ ଆଉଟ ହୋଇନାହାନ୍ତି। ୨୦୧୦ ମସିହା ତାଙ୍କ କ୍ୟାରିୟରର ଟର୍ନିଂ ପଏଣ୍ଟ ରହିଥିଲା। ଆସେସ୍ ସିରିଜରେ ସେ ସର୍ବାଧିକ ୨୪ଟି ଉଇକେଟ ନେଇ ଚର୍ଚ୍ଚାରେ ରହିଥିଲେ। ରିଭର୍ସ ସୁଇଙ୍ଗ ମାଧ୍ୟମରେ ସେ ଅଷ୍ଟ୍ରେଲିଆ ବ୍ୟାଟିଂକୁ ଧୂଳିସାତ୍ କରିଥିଲେ। ୨୦୧୬ ମସିହାରେ ଗୋଟିଏ କ୍ୟାଲେଣ୍ଡର ବର୍ଷରେ ୫୦ଟି ଉଇକେଟ ନେବା ସହିତ ୨୦୧୭ରେ ୫୦୦ ଉଇକେଟ୍ କ୍ଲବରେ ସାମିଲ ହୋଇଥିଲେ। ୨୦୧୨ରେ ସେ ମଧ୍ୟ 'ଇଂଲଣ୍ଡ କ୍ରିକେଟର ଅଫ୍ ଦି ଇଅର' ବିବେଚିତ ହେବା ସହିତ ପ୍ରଥମ ମ୍ୟାଚରେ ଜିମ୍ବାୱେ ବିପକ୍ଷରେ ୫ଟି ଉଇକେଟ ଅକ୍ତିଆର କରିଥିଲେ।

କ୍ୟାରିୟରର ଶ୍ରେଷ୍ଠ ସମୟରେ ବାରମ୍ବାର ଆଘାତ ସମସ୍ୟା ତାଙ୍କୁ ଲକ୍ଷ୍ୟପଥରୁ ବିଚ୍ୟୁତ କରି ନ ଥିଲା। ହଗ୍ରି ଆଣ୍ଡରସନ୍ ନିଜର ସୁଇଙ୍ଗ ଏବଂ ସିମ୍ ବୋଲିଂର ଦକ୍ଷତା ଯୋଗୁ ବାରମ୍ବାର ସଫଳ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏଥିସହିତ ବ୍ୟାକ୍‌ଫୁଟରେ ରହିଥିବା ଇଂଲଣ୍ଡ କ୍ରିକେଟ ରାଇଟ୍ ଟ୍ରାକ୍‌କୁ ପ୍ରତ୍ୟାବର୍ତ୍ତନ କରିଛି। ନିଜର ଅସାଧାରଣ ପ୍ରତିଭା, ଦକ୍ଷତା ଓ ସଫଳତା ପାଇଁ ଆଣ୍ଡରସନ ଏବେ ଯୁବ ପିଢ଼ି ପାଇଁ ପ୍ରେରଣାର ଉତ୍ସ ବନିଯାଇଛନ୍ତି।

**ସଂକ୍ଷେପରେ...**

**ଜେମ୍ସ ମାଇକେଲ ଆଣ୍ଡରସନ୍**
ଜନ୍ମ: ୩୦ ଜୁଲାଇ ୧୯୮୨
ବୟସ: ୩୮
ଉଚ୍ଚତା: ୬ ଫୁଟ୍ ୨ ଇଞ୍ଚ୍

**ଟେଷ୍ଟ:**
ମ୍ୟାଚ୍ ୧୫୬
ଉଇକେଟ: ୬୦୦
ବୋଲିଂ ଆଭରେଜ୍: ୨୬.୭୯
୫ ଉଇକେଟ ସଫଳତା: ୨୯
୧୦ ଉଇକେଟ ସଫଳତା: ୩
ଶ୍ରେଷ୍ଠ ବୋଲିଂ: ୭/୪୨

**ଦିନିକିଆ**
ମ୍ୟାଚ୍: ୧୯୪
ଉଇକେଟ: ୨୬୯
ବୋଲିଂ ଆଭରେଜ: ୨୯.୨୨
୫ ଉଇକେଟ ସଫଳତା: ୨
ଶ୍ରେଷ୍ଠ ବୋଲିଂ: ୫/୨୩

# ନୂଆ ଆଶା

ଗତ ଦୁଇବର୍ଷ ଧରି ଆଘାତ ସମସ୍ୟା ଦେଇ ଗତି କରିଆସୁଥିବା ଯୁବ ଦ୍ରୁତ ବୋଲର କମଲେଶ ନାଗରକୋଟି ଫିଟ୍ ଘୋଷିତ ହୋଇଛନ୍ତି। ଏଥର କୋଲକାତା ନାଇଟ ରାଇଡର୍ସ ପାଇଁ ସେ ଆଇପିଏଲ୍ ଖେଳିବେ। ଇଞ୍ଜୁରି ସମସ୍ୟାକୁ କିପରି ସେ ସାମ୍ନା କରିବେ ସେ ସାଥୀ ଦ୍ରୁତ ବୋଲର ପ୍ୟାଟ୍ କୁମିନ୍ସଙ୍କଠାରୁ ପରାମର୍ଶ ନେବେ। କୁମିନ୍ସ ଏବେ ତାଙ୍କ ପାଇଁ ନୂଆ ଆଶା ସୃଷ୍ଟି କରିଛନ୍ତି...

୧୯ ବର୍ଷରୁ କମ୍ ବିଶ୍ୱକପ୍ ବିଜେତା ଭାରତୀୟ ଦ୍ରୁତ ବୋଲର କମଲେଶ ନାଗରକୋଟି ଏବେ ଇଞ୍ଜୁରିମୁକ୍ତ ହୋଇ ସମ୍ପୂର୍ଣ୍ଣ ଭାବେ ଫିଟ୍‌ନେସ ହାସଲ କରିଛନ୍ତି। ଦୀର୍ଘ ୨ ବର୍ଷ ହେବ ସେ ଆଘାତ ସମସ୍ୟା ଦେଇ ସଂଘର୍ଷ କରିଆସୁଥିଲେ। କୋଲକାତା ନାଇଟ୍ ରାଇଡର୍ସ (କେକେଆର) ପାଇଁ ସେ ଏଥର ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଖେଳିବାକୁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ୧୯ ବର୍ଷରୁ କମ୍ ବିଶ୍ୱକପ୍ ଜିତିବା ପରେ ସେ ବାରମ୍ବାର ଆଘାତ ସମସ୍ୟାର ଶିକାର ହୋଇଥିଲେ। କେକେଆର ଟିମ୍‌ମେଟ୍ ପ୍ୟାଟ୍ କୁମିନ୍ସ ତାଙ୍କ ପାଇଁ ନୂଆ ଆଶା ସୃଷ୍ଟି କରିଛନ୍ତି। କୁମିନ୍ସଙ୍କଠାରୁ ସେ ଏ ସଂକ୍ରାନ୍ତରେ ନୂଆ ଟମ୍ସ ଗ୍ରହଣ କରିବାକୁ ଇଚ୍ଛା ଜାହିର କରିଛନ୍ତି। କୁମିନ୍ସ ଯେତେବେଳେ ଅଳ୍ପ ବୟସ୍କ ଥିଲେ ସେତେବେଳେ ସେ ମଧ୍ୟ ଠିକ୍ ଏହିଭଳି ଆଘାତ ସମସ୍ୟାର ସମ୍ମୁଖୀନ ହୋଇଥିଲେ ଓ ଦୀର୍ଘବର୍ଷ ଧରି ଏହା ଚାଲୁ ରହିଥିଲା। ସେ କିପରି ୩-୪ ବର୍ଷ ଧରି ଏହି ସମସ୍ୟାକୁ ସାମ୍ନା କରିଥିଲେ ସେ ବିଷୟରେ ଜାଣିବାକୁ ନାଗରକୋଟି ବେଶ୍ ଉତ୍ସୁକ ଅଛନ୍ତି। କୁମିନ୍ସଙ୍କୁ ଏ ବିଷୟରେ ସେ ପଚାରିବେ ବୋଲି କହିଛନ୍ତି। କେବଳ ଆଘାତ ସମସ୍ୟା ନୁହେଁ ଦ୍ରୁତ ବୋଲିଂର ଅନ୍ୟାନ୍ୟ ଦିଗ ଉପରେ ସେ କୁମିନ୍ସଙ୍କଠାରୁ ଜାଣିବାକୁ ପ୍ରୟାସ କରିବେ ବୋଲି କହିଛନ୍ତି।

କୋଚ୍ ରାହୁଲ ଦ୍ରାବିଡ୍‌ଙ୍କ ତତ୍ତ୍ୱାବଧାନରେ ଦୁଇବର୍ଷ ତଳେ ନାଗରକୋଟି ଓ ଶୁଭମ ମାଭି ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ଦମ୍‌ଦାର ପ୍ରଦର୍ଶନ କରିଥିଲେ। ଏହି ଦୁଇ ଦ୍ରୁତ ବୋଲର ଘଣ୍ଟା ପ୍ରତି ୧୪୦ରୁ ଊର୍ଦ୍ଧ୍ୱ ବେଗରେ ବୋଲିଂ କରୁଥିଲେ। ଫଳରେ ଏହି ଦୁଇ ବୋଲର ଆଇପିଏଲ୍ ଖେଳିବାକୁ ଚୁକ୍ତିବଦ୍ଧ ହୋଇଥିଲେ। ଫୁଟ୍ ଇଞ୍ଜୁରି କାରଣରୁ ନାଗରକୋଟି ୨୦୧୮ରେ କେକେଆର ପାଇଁ ପଦାର୍ପଣ କରିପାରି ନ ଥିଲେ। ଏହାପରେ ୨୦୧୯ରେ ବ୍ୟାକ ଇଞ୍ଜୁରି ପାଇଁ ସେ ଆଇପିଏଲ୍ ଖେଳିପାରି ନ ଥିଲେ। କୋଚ୍ ସୁରେନ୍ଦର ରାଠୋର ଓ କେକେଆର କୋଚ୍ ଓମ୍‌କାର ସାଲଭିଙ୍କ ସହ ପରାମର୍ଶ କରି ବୋଲିଂ ଶୈଳୀରେ କିଛିଟା ପରିବର୍ତ୍ତନ କରିଛି ବୋଲି ନାଗରକୋଟି କହିଛନ୍ତି।

୨୦୧୬-୧୭ରେ ନାଗରକୋଟି ରାଜସ୍ଥାନ ତରଫରୁ ଲିଷ୍ଟ- ଏ ମ୍ୟାଚ୍‌ରେ ଡେବ୍ୟୁ କରିଥିଲେ। ଗୁଜରାଟ ବିପକ୍ଷ ବିଜୟ ହଜାରେ ଟ୍ରଫିରେ ରାଜସ୍ଥାନ ପାଇଁ ପ୍ରଥମ ହ୍ୟାଟ୍ରିକ୍ ଉଇକେଟ ଅର୍ଜନ କରି ସେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ୨୦୧୭ରେ ସେ ଭାରତୀୟ ୧୯ ବର୍ଷରୁ କମ୍ ବିଶ୍ୱକପ୍ ଦଳରେ ସ୍ଥାନ ପାଇ ଦମ୍‌ଦାର ପ୍ରଦର୍ଶନ କରିଥିଲେ। ୨୦୧୮ ଜାନୁୟାରୀରେ ତାଙ୍କୁ ୩.୨ କୋଟି ଟଙ୍କା ବିନିମୟରେ ଆଇପିଏଲ୍ ଦଳ କେକେଆର କ୍ରୟ କରିଥିଲା। ତେବେ ଇଞ୍ଜୁରି କାରଣରୁ ସେ ଗୋଟିଏ ହେଲେ ବି ମ୍ୟାଚ୍ ଖେଳିପାରି ନ ଥିଲେ। ୨୦୧୯ରେ ତାଙ୍କୁ ଏସିସି (ଏସିଆନ କ୍ରିକେଟ କାଉନସିଲ) ଇମର୍ଜିଂ ଟମ୍ସ ଏସିଆ କପ୍ ପାଇଁ ଭାରତୀୟ ଦଳରେ ସାମିଲ କରାଯାଇଥିଲା।


କମଲେଶ ନାଗରକୋଟି

# ଇନିୟାନଙ୍କୁ ଟାଇଟଲ

**ୱାର୍ଲ୍ଡ ଓପନ ଅନ୍‌ଲାଇନ୍ ଚେସ୍**

ଚେନ୍ନାଇ, ୩।୯(ପି.ଟି.)

ଭାରତୀୟ ଗ୍ରାଣ୍ଡମାଷ୍ଟର(ଜିଏମ୍) ପି. ଇନିୟାନ ସମ୍ମାନଜନକ ୱାର୍ଲ୍ଡ ଓପନ ଅନ୍‌ଲାଇନ୍ ଚେସ୍ ଟୁର୍ନାମେଣ୍ଟରେ ଟାଇଟଲ ହାସଲ କରିଛନ୍ତି। ତାମିଲନାଡୁର ଏହି ଖେଳାଳି ସମ୍ଭାବ୍ୟ ୯ରୁ ୭.୫ ପଏଣ୍ଟ ହାସଲ କରିଛନ୍ତି। ପ୍ରତିଯୋଗିତାରେ ଅନେକ ଉଚ୍ଚ ରେଟିଂପ୍ରାପ୍ତ ଗ୍ରାଣ୍ଡମାଷ୍ଟର ଅଂଶଗ୍ରହଣ କରିଥିଲେ ହେଁ ଇନିୟାନ ୬ ବିଜୟ ୩ଟିରେ ପଏଣ୍ଟ ଭାଗକରି ଶୀର୍ଷସ୍ଥାନ ଅଧିକାର କରଛନ୍ତି। ଟାଇଟଲ ହାସଲ ପଥରେ ସେ ଜର୍ଜିଆ ଗ୍ରାଣ୍ଡମାଷ୍ଟର ବାଦୁର ଜୋବାଭା, ଆମେରିକାର ସାମ୍ ସେଭିଆନ, ସର୍ଗି ଇରେନବର୍ଗ ଏବଂ ୟୁକ୍ରେନର ଏନ୍ଟିକ୍ ଲିଲିଆଙ୍କ ପରି ନାମୀ ଖେଳାଳିଙ୍କୁ ପରାସ୍ତ କରିଥିଲେ। ଇନିୟାନଙ୍କ ସମକକ୍ଷ ସଜୁଗିରୋ ସାନନ ମଧ୍ୟ ୭.୫ ପଏଣ୍ଟ ପାଇଥିଲେ। ମାତ୍ର ଉନ୍ନତ ଟାଇବ୍ରେକରରେ ଭାରତୀୟ ଜିଏମ୍ ବାଜି ମାରି ନେଇଥିଲେ।

ଏହି ଇଭେଣ୍ଟ ଆମେରିକାନ୍ ଟାଇମ୍ ଜୋନ୍ ଅନୁସାରେ ଅନୁଷ୍ଠିତ ହେଉଥିଲା। ଅର୍ଥାତ୍ ଇନିୟାନଙ୍କୁ ପ୍ରତିଦିନ ରାତି ୯ଟା ୩୦ରୁ ସକାଳ ୬ଟା ପର୍ଯ୍ୟନ୍ତ ଖେଳିବାକୁ ପଡୁଥିଲା। ଏହା ପୂର୍ବରୁ ଜାଣିଥିବାରୁ ୧୭ ବର୍ଷୀୟ ଇନିୟାନ ରାତିରେ ଅଭ୍ୟାସ କରି ନିଜକୁ ପ୍ରସ୍ତୁତ କରିଥିଲେ। ଏହା ତାଙ୍କୁ ସହାୟକ ହୋଇଥିଲା ଏବଂ ବାଦୁର ଜୋବାଭାଙ୍କ ବିପକ୍ଷ ତାଙ୍କ ପାଇଁ ଶ୍ରେଷ୍ଠ ମ୍ୟାଚ ଥିଲା ବୋଲି ସେ ପ୍ରକାଶ କରିଛନ୍ତି। ପ୍ରତିବର୍ଷ ହେଉଥିବା ଏହି ପ୍ରତିଯୋଗିତାର ୪୮ତମ ସଂସ୍କରଣ ଅଗଷ୍ଟ ୭ରୁ ୯ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। କରୋନା ଭାଇରସ ସଂକ୍ରମଣକୁ ଦୃଷ୍ଟିରେ ରଖି ଏହାକୁ ଏଥର ଅନ୍‌ଲାଇନ୍‌ରେ କରାଯାଇଥିଲା। ମାତ୍ର ପ୍ରତିଯୋଗିତାର ଫଳାଫଳ ପ୍ରକାଶ କରାଯାଇ ନ ଥିଲା। ବିଭିନ୍ନ ଦୃଷ୍ଟି କୋଣରୁ ତର୍ଜମା କରାଯିବାପରେ ଏହାକୁ ଘୋଷଣା କରାଯାଇଛି। ଏଥିରେ ୧୬ଟି ଦେଶର ୧୨୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏମାନଙ୍କ ମଧ୍ୟରେ ୩୦ରୁ ଊର୍ଦ୍ଧ୍ୱ ଗ୍ରାଣ୍ଡମାଷ୍ଟର ଥିଲେ। ପ୍ରକାଶ ଯୋଗ୍ୟ ଯେ, ଇନିୟାନ ନିକଟରେ ଅନ୍‌ଲାଇନ୍ ବ୍ଲିଜ୍ ଚେସ୍ ଇଭେଣ୍ଟରେ ବିଶ୍ୱର ୨ ନମ୍ବର ଖେଳାଳି ଫାବଆନୋ କାରୁଆନାଙ୍କୁ ହରାଇ ନିଜ ଦକ୍ଷତାର ପରିଚୟ ଦେଇଥିଲେ।


ପି. ଇନିୟାନ

# ହାଇଦ୍ରାବାଦ ଏଫ୍‌ସି ଦଳରେ ଅଷ୍ଟ୍ରେଲୀୟ ଫରୱାର୍ଡ ଚିଆନିଜ୍

ହାଇଦ୍ରାବାଦ, ୩।୯ (ପି.ଟି.)

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ର ଆସନ୍ତା ସିଜନ ପାଇଁ ହାଇଦ୍ରାବାଦ ଏଫ୍‌ସି ଅଷ୍ଟ୍ରେଲୀୟ ଫରୱାର୍ଡ ଜୋଏଲ ଚିଆନିଜ୍‌ଙ୍କ ସହ ଚୁକ୍ତି କରିଛି। ଏହି ୩୦ ବର୍ଷୀୟ ଫୁଟ୍‌ବଲର ଅଷ୍ଟ୍ରେଲିଆର ଏ' ଲିଗ୍ ଦଳ ପର୍ଥ ଗ୍ଲୋରି ତରଫରୁ ଖେଳୁଥିଲେ। ନିକଟରେ ଶେଷ ହୋଇଥିବା ୨୦୧୯-୨୦ ସିଜନ ପ୍ଲେ-ଅଫ୍‌ରେ ସେ ଦଳକୁ ସେମିଫାଇନାଲ ପ୍ରବେଶ କରାଇବାରେ ସହାୟତା କରିଥିଲେ। ଚିଆନିଜ୍ ୨୦୧୧ରେ ଏ-ଲିଗ୍ ପାଇଁ ସିଡ୍‌ନୀ ଏଫ୍‌ସି ସହ ଚୁକ୍ତି କରିବା ପୂର୍ବରୁ ବ୍ଲାକଟାଉନ୍ ସିଟି ଏଫ୍‌ସି ସହ ତାଙ୍କ ପ୍ରଫେସନାଲ କ୍ୟାରିୟର ଆରମ୍ଭ କରିଥିଲେ। ସିଡ୍‌ନୀ ଏଫ୍‌ସି ସହିତ ୩ ବର୍ଷ ରହିଥିଲେ। ପରେ ସେ ବିଦେଶ ଯିବା ପୂର୍ବରୁ ନ୍ୟାଶନାଲ ପ୍ରିମିୟର ଲିଗ୍ ପାଇଁ ସିଡ୍‌ନୀ ୟୁନାଇଟେଡ୍ ଓ ବୋନିରିଗ ହ୍ୱାଇଟ୍ ଇଗଲ୍ସ ଦଳ ତରଫରୁ ଖେଳିଥିଲେ। ସେ ଏକ ବର୍ଷ ମାଲେସିଆରେ ଖେଳିଥିଲେ। ଏହି ସମୟରେ ସେବାହ ଏଫ୍‌ଏ(୨୦୧୫) ଓ ନେଜେରି ସେମ୍ବିଲାନ୍ ଏଫ୍‌ଏ (୨୦୧୬) ତରଫରୁ ଖେଳିଥିଲେ। ସୁପର ଲିଗ୍‌ରେ ସେ ୨୯ ଲିଗ୍ ମ୍ୟାଚରେ ୧୭ ଗୋଲ ସ୍କୋର କରିଥିଲେ।

# ଆଜି ପ୍ରକାଶ ପାଇବ ଆଇପିଏଲ୍ କାର୍ଯ୍ୟସୂଚୀ

ନୂଆଦିଲ୍ଲୀ, ୩।୯

ୟୁନାଇଟେଡ ଆରବ ଏମିରେଟ୍ସ(ୟୁଏଇ)ରେ ଇଣ୍ଡିଆନ ପ୍ରିମିୟର ଲିଗ(ଆଇପିଏଲ)ର ୧୩ତମ ସଂସ୍କରଣ ଚଳିତମାସ ୧୯ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ମାତ୍ର ଏପର୍ଯ୍ୟନ୍ତ କାର୍ଯ୍ୟସୂଚୀ ପ୍ରକାଶ ପାଇ ନାହିଁ। ଏହାକୁ ନେଇ ବିଭିନ୍ନ ସମୟରେ ଭିନ୍ନଭିନ୍ନ କଥା ଶୁଣିବାକୁ ମିଳୁଛି। ବୁଧବାର ଏହାର ଅବସାନ ଘଟାଇଛନ୍ତି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ସଭାପତି ସୌରଭ ଗାଙ୍ଗୁଲି। ଆଇପିଏଲ କାର୍ଯ୍ୟସୂଚୀ ଶୁକ୍ରବାର ପ୍ରକାଶ ପାଇବ ବୋଲି ସେ ଏକ ସାକ୍ଷାତ ଅବସରରେ ପ୍ରକାଶ କରିଛନ୍ତି। ''କାର୍ଯ୍ୟସୂଚୀ ପ୍ରକାଶ ପାଇବାରେ ବିଳମ୍ବ ହୋଇଥିବା ଆମେ ବୁଝୁଛୁ। ଏହା ପ୍ରାୟତଃ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି ଏବଂ ଗୁରୁବାର ଅନ୍ତିମ ରୂପ ଦିଆଯାଇ ଶୁକ୍ରବାର ପ୍ରକାଶ କରାଯିବ'' ବୋଲି ଗାଙ୍ଗୁଲି କହିଛନ୍ତି। ଆଇପିଏଲ ଗଭର୍ନିଂ କାଉନସିଲ ଅଧ୍ୟକ୍ଷ ବ୍ରିଜେଶ ପଟେଲ ଦୁବାଇରେ ଏହା ଘୋଷଣା କରିବା କାର୍ଯ୍ୟକ୍ରମ ରହିଛି। ତେବେ ସମ୍ପୂର୍ଣ୍ଣ କାର୍ଯ୍ୟସୂଚୀ କିମ୍ବା କିଛି ଭାଗ ପ୍ରକାଶ କରାଯିବ ତାହା ସ୍ପଷ୍ଟ ହୋଇନାହିଁ।

ବିସିସିଆଇ ସମସ୍ତ ଫ୍ରାଞ୍ଚାଇଜ୍‌ଙ୍କୁ କ୍ୱାରାଣ୍ଟାଇନ୍‌ରୁ ଅବ୍ୟାହତି ଦେଇଛି। ଅର୍ଥାତ୍ ଏହି ପ୍ରକ୍ରିୟା ଶେଷ ହୋଇଛି। ଏଣିକି ଖେଳାଳିମାନେ ଦୁବାଇରୁ ଆବୁଧାବିକୁ କିମ୍ବା ଶାରଜାରୁ ଦୁବାଇକୁ ଯିବାବେଳେ ସେଲ୍ଫ ଆଇସୋଲେଶନ ଆବଶ୍ୟକ ନାହିଁ। ତେବେ ଆଇପିଏଲ-୨୦୨୦ ସହିତ ସମ୍ପୃକ୍ତ ସମସ୍ତ ବ୍ୟକ୍ତି ନିଜ ଫ୍ରାଞ୍ଚାଇଜ୍ ପକ୍ଷରୁ ପ୍ରସ୍ତୁତ ଜୈବ-ସୁରକ୍ଷିତ ପ୍ରୋଟୋକଲକୁ କଡ଼ାକଡ଼ି ଭାବେ ମାନିବାକୁ ବାଧ୍ୟ ବୋଲି ଜଣାଇ ଦିଆ ଯାଇଛି। ରିପୋର୍ଟ ଅନୁସାରେ ବିସିସିଆଇ ଶୀଘ୍ର କାର୍ଯ୍ୟସୂଚୀ ଘୋଷଣା ଯୋଜନାରେ ଥିଲା, ମାତ୍ର ଚେନ୍ନାଇ ସୁପରକିଙ୍ଗ୍ସର ୧୩ ସଦସ୍ୟ କୋଭିଡ-୧୯ ପଜିଟିଭ୍ ଆସିବାରୁ ଏଥିରେ ବିଳମ୍ବ ହୋଇଛି। ଚେନ୍ନାଇ ଦଳର ଅନ୍ୟ ସମସ୍ତ ସଦସ୍ୟଙ୍କ ରିପୋର୍ଟ ନେଗେଟିଭ୍ ଆସିଛି। ଆଉଥରେ ସମସ୍ତଙ୍କର କୋଭିଡ ଟେଷ୍ଟ ହେବ। ରିପୋର୍ଟ ନେଗେଟିଭ୍ ଆସିଲେ ଏହି ଦଳ ଅଭ୍ୟାସ ଆରମ୍ଭ କରିବ।



# ପ୍ଲିସ୍‌କୋଭାଙ୍କ ବିଦାୟ

ନ୍ୟୁୟର୍କ, ୩।୯(ଏପି)

ୟୁଏସ୍ ଓପନ୍ ମହିଳା ସିଙ୍ଗଲ୍ସରେ ଏକ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ଟପ୍ ସିଡ୍ ମାନ୍ୟତା ପାଇଥିବା ଚେକ୍ ରିପବ୍ଲିକ୍‌ର କାରୋଲିନା ପ୍ଲିସ୍‌କୋଭା ଦ୍ୱିତୀୟ ରାଉଣ୍ଡରେ ଫ୍ରାନ୍ସର କାରୋଲିନ୍ ଗାର୍ସିଆଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଗାର୍ସିଆ ୬-୧, ୭-୬ ସେଟ୍‌ରେ ପ୍ଲିସ୍‌କୋଭାଙ୍କୁ ପରାସ୍ତ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଗାର୍ସିଆ ପରବର୍ତ୍ତୀ ରାଉଣ୍ଡରେ ୨୮ତମ ସିଡ୍ ଆମେରିକାର ଜେନିଫର ବ୍ରାଡିଙ୍କୁ ଭେଟିବେ। ବ୍ରାଡି ଅନ୍ୟଏକ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ନିଜ ଦେଶର କାଥେରିନ୍ ବେଲିସଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ସେହିପରି ୧୭ତମ ସିଡ୍ ଖେଳାଳି ଜର୍ମାନୀର ଆଞ୍ଜେଲିକ କର୍ବର ୬-୩, ୭-୬ ସେଟ୍‌ରେ ଜର୍ମାନୀର ଆନ୍ନା-ଲେନା ଫ୍ରିଏଡ୍‌ସମଙ୍କୁ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। କର୍ବର ପରବର୍ତ୍ତୀ ରାଉଣ୍ଡରେ ଆମେରିକାର ଅନ୍ ଲି'ଙ୍କୁ ଭେଟିବେ। ଷଷ୍ଠ ସିଡ୍ ଚେକ୍ ଗଣରାଜ୍ୟର ପେଟ୍ରା ଭିଟୋଭା ୭-୬, ୬-୨ ସେଟ୍‌ରେ ୟୁକ୍ରେନ୍‌ର କାଟେରିନା କୋଜଲୋଭାଙ୍କୁ ପରାସ୍ତ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେ ପରବର୍ତ୍ତୀ ରାଉଣ୍ଡରେ ଆମେରିକାର ଜେସିକା ପେଗୁଲାଙ୍କୁ ଭେଟିବେ। ସେହିପରି ଚତୁର୍ଥ ସିଡ୍ ଜାପାନର ନାଓମି ଓସାକା ୬-୧, ୬-୨ ସେଟ୍‌ରେ ଇଟାଲୀର କାମିଲା ଜିଓର୍ଜିଙ୍କୁ ହରାଇ ତୃତୀୟ ରାଉଣ୍ଡକୁ ଉଠିଛନ୍ତି। ପରବର୍ତ୍ତୀ ରାଉଣ୍ଡରେ ସେ ୟୁକ୍ରେନର କୋଷ୍ଟିଉକଙ୍କୁ ଭେଟିବେ। ମହିଳା ସିଙ୍ଗଲ୍ସ ତୃତୀୟ ରାଉଣ୍ଡରେ ପ୍ରବେଶ କରିଥିବା ଅନ୍ୟ ଖେଳାଳିମାନେ ହେଲେ ୨୪ତମ ସିଡ୍ ପୋଲଣ୍ଡର ମଗଡା ଲିନେଟ, ୧୪ତମ ସିଡ୍ ଆନେଟ୍ କୋଣ୍ଟାଭେଇଟ୍, ଆମେରିକାର ସେଲ୍‌ବି ରୋଜର୍ସ, ମାଡିନସନ ବ୍ରେଙ୍ଗଲ୍।


କାରୋଲିନା ପ୍ଲିସ୍‌କୋଭା


ୟୁଏସ୍ ଓପନ୍ ଟେନିସ୍ ମହିଳା ସିଙ୍ଗଲ୍ସରେ ବିପର୍ଯ୍ୟୟ ସୃଷ୍ଟି କରିବା ପରେ ଖୁସି ମନାଉଛନ୍ତି ଫ୍ରାନ୍ସର କାରୋଲିନ୍ ଗାର୍ସିଆ।

## ତୃତୀୟ ରାଉଣ୍ଡରେ ଜୋକୋଭିଚ୍, ଗଫିନ୍, କୋରିକ୍

ୟୁଏସ୍ ଓପନ୍ ଟେନିସ୍

ନ୍ୟୁୟର୍କ,୩।୯(ଏପି)

ବର୍ଷର ଚତୁର୍ଥ ତଥା ଅନ୍ତିମ ଗ୍ରାଣ୍ଡସ୍ଲାମ୍ ଟୁର୍ନାମେଣ୍ଟ ୟୁଏସ୍ ଓପନ୍ ତୃତୀୟ ଦିବସରେ ସିଡେଡ୍ ଖେଳାଳିମାନେ ଅଗ୍ରଗତି କରିଛନ୍ତି। ସର୍ବିୟାର ଅଭିଜ୍ଞ ଖେଳାଳି ନୋଭାକ ଜୋକୋଭିଚ୍ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ବୁଧବାର ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ସେ ୬-୭, ୬-୩, ୬-୪, ୬-୨ ମାରାଥନ ସେଟ୍‌ରେ ବ୍ରିଟେନର କାଏଲ ଏଡମଣ୍ଡଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ତୃତୀୟ ରାଉଣ୍ଡରେ ଜୋକୋଭିଚ୍ ଜର୍ମାନୀର ଜାନ- ଲେନାର୍ଡ ଷ୍ଟ୍ରଫ୍‌ଙ୍କୁ ଭେଟିବେ। ସେହିପରି ସପ୍ତମ ସିଡ୍ ମାନ୍ୟତା ପାଇଥିବା ବେଲଜିୟମ ତାରକା ଡେଭିଡ୍ ଗଫିନ୍ ୭-୬, ୪-୬, ୬-୧, ୬-୪ ସେଟ୍‌ରେ ଦକ୍ଷିଣ ଆଫ୍ରିକାର ଲଏଡ ହାରିସ୍‌ଙ୍କୁ ପରାସ୍ତ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଗଫିନ୍ ୨୬ତମ ସିଡ୍ ଖେଳାଳି ସର୍ବିଆର ଫିଲିପ୍ କ୍ରାଜିନୋଭିକଙ୍କୁ ଭେଟିବେ। ସେହିପରି ଦ୍ୱାଦଶ ସିଡ୍ ଖେଳାଳି କାନାଡ଼ାର ଡେନିସ ସାପୋଭାଲୋଭ୍ ୬-୭, ୬-୪, ୬-୪, ୬-୨ ସେଟ୍‌ରେ କୋରିଆର ସୁନୋ କ୍ୱାନଙ୍କୁ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପରବର୍ତ୍ତୀ ରାଉଣ୍ଡରେ ସାପୋଭାଲୋକ ଆମେରିକାର ଟେଲର ଫ୍ରିଜ୍‌ଙ୍କୁ ଭେଟିବେ। ଚତୁର୍ଥ ସିଡ୍ ମାନ୍ୟତା ପାଇଥିବା ଗ୍ରୀସ୍‌ର ସିତସିପାସ ୭-୬, ୬-୩, ୬-୪ ସେଟ୍‌ରେ ଆମେରିକାର ମାକ୍ସିମ୍ କ୍ରେସିଙ୍କୁ ହରାଇ ତୃତୀୟ ରାଉଣ୍ଡକୁ ଉଠିଛନ୍ତି। ସିତସିପାସ ଏବେ ୨୭ତମ ସିଡ୍ ଖେଳାଳି କ୍ରୋଏସିଆର ବୋର୍ନା କୋରିକ୍‌ଙ୍କୁ ଭେଟିବେ। କୋରିକ୍ ଅନ୍ୟଏକ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ୭-୫, ୪-୬, ୬-୭, ୬-୨, ୬-୩ ସେଟ୍‌ରେ ଆର୍ଜେଣ୍ଟିନାର ଜୁଆନ୍ ଇଗ୍ନାସିଓ ଲେଣ୍ଡେରୋଙ୍କୁ ଭେଟିବେ। ସେହିପରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଥିବା ଅନ୍ୟ ଖେଳାଳିମାନେ ହେଲେ ୨୦ତମ ସିଡ୍ ଖେଳାଳି ସ୍ପେନ୍‌ର ପାବ୍ଲୋ କାରେନୋ ବୁଷ୍ଟା, ଲିଥୁଆନିଆର ରିକାର୍ଡାସ ବେରାଙ୍କିଜ୍, ଅଷ୍ଟ୍ରେଲିଆର ଜୋର୍ଡାନ ଥମ୍ପସନ, କାଜାଖସ୍ତାନର ମିଖାଇଲ କୁକୁସ୍କିନ, ଜର୍ମାନୀର ଅଲେକ୍‌ଜାଣ୍ଡାର ଜଭେରେଭ, ଫ୍ରାନ୍ସର ଆଡ୍ରିଆନ ମାନାରିନୋ। ପଞ୍ଚମ ସିଡ୍ ଜଭେରେଭ ୭-୬, ୬-୭, ୬-୩, ୬-୧ ସେଟ୍‌ରେ ଆମେରିକାର ବ୍ରାଣ୍ଡନ ନାକାସିମାଙ୍କୁ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।


ଶଟ୍ ଖେଳିବା ଅବସରରେ ନୋଭାକ ଜୋକୋଭିଚ୍।

## ପୁରୁଷ ଡବଲ୍ସରୁ ଦିଭିଜ୍ ଶରନ ଆଉଟ୍

ନ୍ୟୁୟର୍କ,୩।୯(ପି.ଟି.)

ଭାରତୀୟ ଟେନିସ୍ ତାରକା ଦିଭିଜ ଶରନ ଓ ତାଙ୍କ ସର୍ବିୟା ପାର୍ଟନର ନିକୋଲା କାସିକ ପୁରୁଷ ଡବଲ୍ସ ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ଏହି ଯୋଡି ୪-୬, ୬-୩, ୩-୬ ସେଟ୍‌ରେ ଅଷ୍ଟମ ସିଡ୍ ଯୋଡି କ୍ରୋଏସିଆର ନିକୋଲା ମେକ୍‌ଟିକ ଓ ୱେସଲି କୁଲହୋଫଙ୍କଠାରୁ ପରାସ୍ତ ହୋଇଛନ୍ତି। କଡ଼ା ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍‌ରେ ଦିଭିଜ୍ ଓ କାସିକ ଏକଘଣ୍ଟା ୪୬ ମିନିଟ୍‌ରେ ମ୍ୟାଚ୍ ହାତଛଡ଼ା କରିଥିଲେ। ବିଜେତା କ୍ରୋଏସିଆ ଯୋଡି ଦ୍ୱିତୀୟ ରାଉଣ୍ଡରେ ଇଟାଲୀର ସାଇମନ ବୋଲେଲି ଓ ଆର୍ଜେଣ୍ଟିନାର ମାକ୍ସିମୋ ଗୋଞ୍ଜାଲେଜ୍‌ଙ୍କୁ ଭେଟିବ। ପୁରୁଷ ଡବଲ୍ସରେ ଅନ୍ୟତମ ଭାରତୀୟ ତାରକା ରୋହନ ବୋପାନ୍ନା ଓ ତାଙ୍କ କାନାଡ଼ା ପାର୍ଟନର ଡେନିସ ଶାପୋଭାଲୋଭ ପ୍ରଥମ ରାଉଣ୍ଡରେ ଆମେରିକାର ଏର୍ନେଷ୍ଟ ଏସ୍କୋବେଡୋ ଓ ନାହା ରୁବିନଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି।

## ନେମାରଙ୍କୁ କରୋନା



ପ୍ୟାରିସ, ୩।୯

ପ୍ୟାରିସ୍ ସେଣ୍ଟ୍ ଜର୍ମେନ (ପିଏସ୍‌ଜି)ର ଷ୍ଟାର ଖେଳାଳି ନେମାର କରୋନା ଭାଇରସ୍ ଦ୍ୱାରା ସଂକ୍ରମିତ ହୋଇଛନ୍ତି। ସ୍ପାନିଶ ଦ୍ୱୀପାଞ୍ଚଳ ଇବିଜାରେ ଛୁଟି କଟାଇ ଫେରିବା ପରେ ଏହି ଫୁଟ୍‌ବଲ ଖେଳାଳିଙ୍କର କୋଭିଡ୍-୧୯ ଟେଷ୍ଟ ହୋଇଥିଲା। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ରହିଛି। ପ୍ୟାରିସ ସହର ଉପକଣ୍ଠ ବୋଗିଭାଲସ୍ଥିତ ତାଙ୍କ ନିଜସ୍ୱ ବାସଭବନରେ ସେ ବର୍ତ୍ତମାନ ୧୪ ଦିନ ସେଲ୍‌ଫ ଆଇସୋଲେଶନରେ ଅଛନ୍ତି। ଫଳରେ ସେପ୍ଟେମ୍ବର ୧୦ରେ ଲେନ୍ସ ବିପକ୍ଷ ପିଏସ୍‌ଜିର ସିଜନ ଆରମ୍ଭ ପ୍ରଥମ ଗେମ୍ ଏବଂ ସେପ୍ଟେମ୍ବର ୧୩ରେ ମର୍ସିଲି ବିପକ୍ଷ ମ୍ୟାଚ ଖେଳିବାରୁ ବଞ୍ଚିତ ହେବେ। ପରବର୍ତ୍ତୀ ଖବର ଅନୁସାରେ ନେମାରଙ୍କର ଆଉଥରେ ଟେଷ୍ଟ ହେବ।

## ବିସିସିଆଇ ପ୍ରତିନିଧି ଦଳ ସଦସ୍ୟ କୋଭିଡ୍ ପଜିଟିଭ୍

ଦୁବାଇ, ୩।୯ (ପି.ଟି.)

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ପରିଚାଳନା ଦେଖା ଚାହାଁ କରିବା ଲାଗି ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଗସ୍ତ କରିଥିବା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଜଣେ ପ୍ରତିନିଧିଙ୍କର କୋଭିଡ୍-୧୯ ଟେଷ୍ଟରେ ପଜିଟିଭ୍ ଆସିଛି। ଟୁର୍ନାମେଣ୍ଟ ସେପ୍ଟେମ୍ବର ୧୯ରେ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। କରୋନା ସଂକ୍ରମିତ ଜଣଙ୍କ କ୍ରିକେଟ ଅପରେଶନ ଟିମ୍ କିମ୍ବା ମେଡିକାଲ ଟିମ୍‌ର ତାହା ସ୍ପଷ୍ଟ ହୋଇ ନାହିଁ। କିନ୍ତୁ ଟେଷ୍ଟ ପୂର୍ବରୁ କୌଣସି ବ୍ୟକ୍ତିଙ୍କ ନିକଟରେ ଲକ୍ଷଣ ଦେଖାଯାଇ ନ ଥିଲା। ତେବେ ଭିନ୍ନ ଏକ ସୂତ୍ରରୁ ଶୁଣିବାକୁ ମିଳୁଛି ସଂକ୍ରମିତ ଜଣକ ଜାତୀୟ ଦଳର ସପୋର୍ଟ ଷ୍ଟାଫ୍। ଆଇପିଏଲ ଖେଳିବାକୁ ଆସିଥିବା ସେଣ୍ଟ୍ରାଲ କଣ୍ଟ୍ରାକ୍ଟ ଖେଳାଳିମାନଙ୍କ ଲାଗି ସେ ଏଠାକୁ ଆସିଛନ୍ତି। ଗତ ସପ୍ତାହରେ ୨ଜଣ ଖେଳାଳିଙ୍କ ସମେତ ଚେନ୍ନାଇ ସୁପର କିଙ୍ଗ୍ସର ଯେଉଁ ୧୩ଜଣଙ୍କର ପଜିଟିଭ୍ ଆସିଥିଲା ସେମାନେ ଏବେ ୧୪ ଦିନିଆ କ୍ୱାରାଣ୍ଟାଇନ୍‌ରେ ଅଛନ୍ତି। ବର୍ତ୍ତମାନ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ରହିଛି। ସେମାନଙ୍କ ନିକଟରେ କୌଣସି ଲକ୍ଷଣ ଦେଖାଦେଇ ନାହିଁ। ଦଳର ଅବଶିଷ୍ଟ ଖେଳାଳିମାନେ ସେମାନଙ୍କର ଟ୍ରେନିଂ ଆରମ୍ଭ କରି ଦେଇଛନ୍ତି, ଯେଉଁମାନଙ୍କର କି ଟେଷ୍ଟରେ ନେଗେଟିଭ୍ ଆସିଥିଲା। ଭାରତରେ କୋଭିଡ୍-୧୯ ସଂକ୍ରମଣ ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଚଳିତ ବର୍ଷ ଆଇପିଏଲ୍ ଦେଶ ବାହାରେ ଆୟୋଜନ କରାଯାଇଛି। ଏହା ୟୁଏଇର ତିନୋଟି ସହର ଦୁବାଇ, ଶାରଜା ଓ ଆବୁଧାବିରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ବିସିସିଆଇ ତରଫରୁ ଟୁର୍ନାମେଣ୍ଟର କାର୍ଯ୍ୟସୂଚୀ ଘୋଷଣା କରାଯାଇ ନାହିଁ। ଏହା ଚଳିତ ସପ୍ତାହ ଶେଷ ଭାଗରେ ପ୍ରକାଶ ପାଇବ ବୋଲି ଆଶା। ତେବେ ପରମ୍ପରା ଅନୁସାରେ ଇଭେଣ୍ଟର ଉଦ୍‌ଘାଟନୀ ମ୍ୟାଚ ଗତ ଥର ଚାମ୍ପିୟନ ଓ ରନର୍ସଅପ୍ ଦଳ ମଧ୍ୟରେ ହେବ। ଚଳିତବର୍ଷ ମୁମ୍ବାଇ ଇଣ୍ଡିଆନ୍ସ ଓ ଚେନ୍ନାଇ ସୁପର କିଙ୍ଗ୍ସ ମଧ୍ୟରେ ମ୍ୟାଚ ଖେଳାଯିବ।

## ଲଟସେଙ୍କୋ ୬ଷ୍ଠ ଷ୍ଟେଜ୍ ବିଜେତା

ପ୍ୟାରିସ, ୩।୯

ଅଷ୍ଟାନା ରାଇଡର ଆଲେକ୍ସି ଲଟ୍‌ସେଙ୍କୋ ତାଙ୍କ କ୍ୟାରିୟରର ସବୁଠାରୁ ବଡ଼ ସଫଳତା ହାସଲ କରିଛନ୍ତି। କାଜାଖସ୍ତାନର ଏହି ସାଇକ୍ଲିଷ୍ଟ ଟୁର୍ ଡି' ଫ୍ରାନ୍ସ ସାଇକେଲ ରେସ୍‌ର ୬ଷ୍ଠ ଷ୍ଟେଜ୍‌ରେ ବିଜୟ ହାସଲ କରିଛନ୍ତି। ଅନ୍ୟପକ୍ଷରେ ବ୍ରିଟେନ୍‌ର ଆଡାମ୍ ୟେଟ୍ସ ଲିଡର ଭାବେ ୟଲୋ ଜର୍ସି ବଜାୟ ରଖିଛନ୍ତି। ୧୯୧ କିଲୋମିଟର ଦୂରତା

ଟୁର୍ ଡି' ଫ୍ରାନ୍ସ

ବିଶିଷ୍ଟ ଏହି ରେସ୍ ମଣ୍ଟ ଏଗୋଲଠାରେ ଶେଷ ହୋଇଥିଲା। ଅନ୍ତିମ ୧୭ କିଲୋମିଟରରେ ପ୍ରତିଯୋଗିମାନଙ୍କ ଲାଗି କଷ୍ଟକର ଥିଲା। ବୁଧବାର ବିଶୃଙ୍ଖଳା ପାଇଁ ଜୁଲିଆନ ଅଲାଫିଲିପ୍‌ଙ୍କୁ ୨୦ ସେକେଣ୍ଡ ଜରିମାନା ହୋଇଥିଲା। କିଫିଡିସ୍ ଟିମ୍ ତଥା ସ୍ପେନର ଜେସସ୍ ହେରାଡା ଏହି ଷ୍ଟେଜ୍‌ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାବେଳେ ବେଲଜିୟମ ତଥା ସିସିସି ଟିମ୍‌ର ଗେଗ୍ ଭାନ ଆଭରମେଟ୍ ତୃତୀୟ ହୋଇଥିଲେ। ୟଲୋ ଜର୍ସି ବିଜେତା ଆଡାମ ୟେଟ୍ସ କିନ୍ତୁ ୧୦ମ ସ୍ଥାନରେ ରହିଥିଲେ।

## ପୁନିଆଙ୍କ ସମେତ ୩ ରେସ୍‌ଲରଙ୍କୁ କୋଭିଡ୍

ନୂଆଦିଲ୍ଲୀ, ୩।୯ (ପି.ଟି.)

କୋଭିଡ୍-୧୯ ଟେଷ୍ଟରେ ବିଶ୍ୱ ଚାମ୍ପିୟନଶିପ୍ ରୌପ୍ୟ ବିଜେତା ଦୀପକ ପୁନିଆଙ୍କ ସମେତ ୩ ଜଣ ସିନିୟର ପୁରୁଷ ରେସ୍‌ଲରଙ୍କ ଫଳାଫଳ ପଜିଟିଭ୍ ଆସିଥିବା ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ଗୁରୁବାର କହିଛି। ଅଲିମ୍ପିକ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ପୁନିଆ (୮୬କେଜି)ଙ୍କ ବ୍ୟତୀତ ଅନ୍ୟ ଯେଉଁ ଦୁଇ ଜଣଙ୍କର ପଜିଟିଭ୍ ଆସିଛି ସେମାନେ ହେଲେ ନବୀନ ଏବଂ କ୍ରିଷନ (୧୨୫କେଜି)। ସୋନେପତ୍‌ସ୍ଥିତ ସାଇ ସେଣ୍ଟରରେ ଆୟୋଜିତ ଜାତୀୟ କ୍ୟାମ୍ପ ଆରମ୍ଭ ପୂର୍ବରୁ ରେସଲରମାନେ କ୍ୱାରାଣ୍ଟାଇନ୍‌ରେ ରହିଥିଲେ। ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଏହି ରେସ୍‌ଲରମାନଙ୍କୁ ସାଇର ତାଲିକାଭୁକ୍ତ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପ୍ରୋଟୋକଲ ଅନୁସାରେ କ୍ୟାମ୍ପରେ ରିପୋର୍ଟ କରିବାପରେ କୋଭିଡ୍-୧୯ ଚିହ୍ନଟ ପାଇଁ କୋଚ୍ ଓ ସପୋର୍ଟ ଷ୍ଟାଫ୍‌ଙ୍କ ସହିତ ସମସ୍ତ ରେସ୍‌ଲରଙ୍କର ଆରଟି-ପିସିଆର୍ ଟେଷ୍ଟ ବାଧ୍ୟତାମୂଳକ। ରେସ୍‌ଲିଂ ଫେଡେରେଶନ ଅଫ୍ ଇଣ୍ଡିଆ (ଡବ୍ଲ୍ୟୁଏଫ୍‌ଆଇ) ଆସିଷ୍ଟାଣ୍ଟ ସେକ୍ରେଟାରୀ ବିନୋଦ ତୋମାର କହିଛନ୍ତି ୩ଜଣ କରୋନା ପିଜିଟିଭ ବାହାରିଥିଲେ ମଧ୍ୟ କ୍ୟାମ୍ପ ଅନୁଷ୍ଠିତ ହେବ। ଦୁଇ ଦିନ ପରେ ଏହି ରେସଲରମାନଙ୍କର ପୁଣି ଟେଷ୍ଟ ହେବ। ରେସଲରମାନେ ୧୪ ଦିନ କ୍ୱାରାଣ୍ଟାଇନ୍ ପିରିୟଡ ଶେଷ କରିବା ପରେ ଟ୍ରେନିଂ ଆରମ୍ଭ ହେବ ବୋଲି ତୋମାର କହିଛନ୍ତି। କ୍ୟାମ୍ପରେ ଯୋଗ ଦେବା ଲାଗି ରେସ୍‌ଲରମାନେ ସେପ୍ଟେମ୍ବର ୧ରେ ଏକତ୍ରିତ ହୋଇଛନ୍ତି। ପୂର୍ବରୁ ଏସୀୟ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିୟନ ତଥା ଏକମାତ୍ର ମହିଳା ରେସ୍‌ଲର ଭାବେ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ଭିନେଶ ଫୋଗଟ୍‌ଙ୍କର କରୋନା ପଜିଟିଭ୍ ହୋଇଥିଲା। ଫଳରେ ସେ ଗତ ସପ୍ତାହରେ ଅନୁଷ୍ଠିତ ଜାତୀୟ କ୍ରୀଡ଼ା ଉତ୍ସବରେ ଖେଳରତ୍ନ ପୁରସ୍କାର ଗ୍ରହଣ କରିବା ଲାଗି ଉପସ୍ଥିତ ହୋଇପାରି ନ ଥିଲେ। ଭିନେଶ ୫୩ କେଜି କାଟେଗୋରିରେ ଭାଗ ନେଇଥାନ୍ତି। ପ୍ରତିଷେଧକମୂଳକ ବ୍ୟବସ୍ଥା ସ୍ୱରୂପ ସେ ପୂର୍ବ ଭଳି ଆଇସୋଲେଶନରେ ରହିବେ।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ